

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୭ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 September 2026

Vol.No. 36 ■ No.254 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ‘ମୁଖ୍ୟ ନିର୍ବାଚନ କମିସନ୍’ର ଆଭ୍ୟନ୍ତରୀଣ ବିବାଦ : ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଏକାଠି

### ବିବାଦ ପରେ ନରମିଲେ ନିର୍ବାଚନ କମିଶନ: ଏଣିକି ହାଜିରା ମନା, ଘରକୁ ଯାଇ ଦସ୍ତାବିଜ ସଂଗ୍ରହ କରିବେ ବୁଥ ସ୍ତରୀୟ ଅଧିକାରୀ



ନୂଆଦିଲ୍ଲୀ,୨୬/୯ : ଦେଶର ରାଜନୀତିରେ ଏବେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାକୁ ନେଇ ନିର୍ବାଚନ ଆୟୋଗ ଭିତରେ ମତାମତ ଫରକ ଓ ବିବାଦ ସାମ୍ନାକୁ ଆସିବା ପରେ ଏବେ ବିରୋଧୀ ଦଳଗୁଡ଼ିକ ଆକ୍ରମଣାତ୍ମକ ମୁଦ୍ରାରେ ଅଛନ୍ତି। ଏହାରି ଭିତରେ ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ଦିଲ୍ଲୀର କନଷ୍ଟିଚ୍ୟୁସନ୍ କ୍ଲବରେ ’ଇଣ୍ଡି ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି। ଦିଲ୍ଲୀର କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆ ଠାରେ ବସିବ ଇଣ୍ଡି ମେଣ୍ଟର ବଡ଼ ବୈଠକ । ନିର୍ବାଚନ କମିଶନରଙ୍କ ମଧ୍ୟରେ ଏସଆଇଆର୍ ପ୍ରକ୍ରିୟାକୁ ନେଇ ଅତିକମରେ ୧୪ ଥର ମତଭେଦ ସାମ୍ନାକୁ ଆସିଥିବା ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦ ଘନେଇଛି। ସେପଟେ ଜ୍ଞାନେଶ କୁମାରଙ୍କୁ ପଦରୁ ବାହାର କରିବାକୁ ବିରୋଧୀ ପୁଣି ହାତ ମିଳାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀ ଏହି ସଂକଟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସିପିଆଇଏମ ସାଧାରଣ ସମ୍ପାଦକ ଏମ୍.ଏ. ବେବିଙ୍କ ସହ ଟେଲିଫୋନରେ ଆଲୋଚନା କରିଛନ୍ତି। ରାଜନୈତିକ ଶତ୍ରୁତା ଭୁଲି ଟିଏମସି ଏବଂ ବାମଦଳଗୁଡ଼ିକ ଏହି ପ୍ରସଙ୍ଗରେ ଏକାଠି ହେବା ରାଜନୈତିକ ମହଲରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ସଂସଦର ମହାଅଭିଯୋଗ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତି କରୁଛନ୍ତି ବିରୋଧୀ ମେଣ୍ଟ । ବିହାର ଓ ପଶ୍ଚିମବଙ୍ଗରେ ଏସଆଇଆରରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଇ ବିରୋଧୀ ଦଳ ଗୁଡ଼ିକ ବାରମ୍ବାର ଅଭିଯୋଗ ଆଣୁଥିଲେ । ଏବେ ନିର୍ବାଚନ କମିଶନରେ ମତଭେଦ ବିରୋଧୀ ଦଳର ଅଭିଯୋଗକୁ ପ୍ରମାଣିତ କରୁଛି । ଏହି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କୁ ଘେରିବାକୁ ବିରୋଧୀଙ୍କୁ ଆଉ ଏକ ସୁଯୋଗ ମିଳିଛି । ଛାତ୍ର ଆନ୍ଦୋଳନ ସମୟରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଉତ୍ସାହିତ ହୋଇଥିବା ବିରୋଧୀ ଦଳ, ଏବେ ଏସଆଇଆର ବିଭ୍ରାଟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ପାଇଁ ଅଡ଼ି ବସିଛନ୍ତି । ଭୋଟ ଚୋରି ଓ ମତଭେଦକୁ ନେଇ ବିବାଦ ପରେ ଏସ୍ଆଇଆର ପ୍ରକ୍ରିୟାକୁ ନେଇ ନରମ ଆଭିମୁଖ୍ୟ ଦେଖାଇଛନ୍ତି ନିର୍ବାଚନ କମିଶନ। ଆଜି ବିବାଦ ଭିତରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହ ବୈଠକ କରିଛନ୍ତି ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ। ବିବାଦକୁ ନେଇ ନିର୍ବାଚନ କମିଶନ ସ୍ପଷ୍ଟୀକରଣ ଦେବା ସହ ଦେଶର ବିଭିନ୍ନ ପ୍ରାନ୍ତରେ ଜାରି ରହିଥିବା ଏସ୍ଆଇଆର ପ୍ରକ୍ରିୟାକୁ ନେଇ ବଡ଼ ସଂଶୋଧନ କରାଯାଇଛି। କମିଶନ କହିଛନ୍ତି ଯେ ଏସ୍ଆଇଆର ପ୍ରକ୍ରିୟା ବେଳେ ◆◆ପୃଷ୍ଠା ୭

## ଦେଶରେ ପ୍ରଥମ ଥର ଓଡ଼ିଶାରେ ଉନ୍ମୋଚିତ ହେଲା ମାନସିକ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା




ଭୁବନେଶ୍ୱର, ୨୬/୯ (ନି.ପ୍ର): ସରକାରୀ ଚାକିରି କେବଳ ଏକ କର୍ମସଂସ୍ଥାନ ବା ଆର୍ଥିକ ସୁରକ୍ଷାର ମାଧ୍ୟମ ନୁହେଁ। ଏହା ରାଜ୍ୟ ଓ ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରିବାର ଏକ ପବିତ୍ର ଅବସର। ଆଜି ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ଟି ବିଭାଗର ସମୁଦାୟ ୧,୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବା ଅବସରରେ ଏହା କହିଛନ୍ତି। ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ସ୍ୱଚ୍ଛ ପ୍ରଶାସନ ମାଧ୍ୟମରେ ସେମାନଙ୍କ ଆକାଂକ୍ଷାକୁ ସାକାର କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଦର୍ଶାଇ ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବାରେ ନବନିଯୁକ୍ତ ଅଧିକାରୀମାନଙ୍କ ଦକ୍ଷତା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ପ୍ରମୁଖ ମୂଳଦୁଆ ସାଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଗତ ୨ ବର୍ଷ ୩ ମାସ ମଧ୍ୟରେ ୧୭ଟି ନିଯୁକ୍ତି ମେଳା ମାଧ୍ୟମରେ ରେକର୍ଡ ୪୬,୫୭୫ ଜଣ ଯୁବକଯୁବତୀଙ୍କୁ ସରକାରୀ ସେବାରେ ନିୟୋଜିତ କରାଯାଇ ସାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନା ଯୋଗ୍ୟଯେ ଆଜିର ଏହି ନିଯୁକ୍ତି ମେଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୮୧୪ ଜଣ ମେଡିକାଲ ◆◆ପୃଷ୍ଠା ୭

## ବାତ୍ୟା ଅର୍ଣ୍ଣବର ତାଣ୍ଡବ : ଉତ୍ତରପ୍ରଦେଶରେ ୧୩ ମୃତ, ୧୪ ରାଜ୍ୟରେ ବର୍ଷାରେ ହାହାକାର

ନୂଆଦିଲ୍ଲୀ,୨୬/୯ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ମୌସୁମୀ ପ୍ରଣାଳୀ ‘ଅର୍ଣ୍ଣବ’ ବାତ୍ୟା ଦୁର୍ବଳ ହୋଇଥିଲେ ମଧ୍ୟ ଏହାର ପ୍ରଭାବରେ ପୂର୍ବ ଓ ମଧ୍ୟ ଭାରତର ଅନେକ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି । ଉତ୍ତର ପ୍ରଦେଶ, ବିହାର ସମେତ ୮ଟି ରାଜ୍ୟରେ ଭାରି ବର୍ଷା ହେଉଥିବା ବେଳେ ରାଜସ୍ଥାନ ଓ ମଧ୍ୟପ୍ରଦେଶ ସମେତ ୧୪ଟି ରାଜ୍ୟକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏହି ମୌସୁମୀ ପ୍ରଣାଳୀ ଦକ୍ଷିଣ ଛତିଶଗଡ଼ରୁ ଉତ୍ତର-ପୂର୍ବ ଦିଗକୁ ଗତି କରୁଛି। ଏହାର ସବୁଠାରୁ ଅଧିକ ପ୍ରଭାବ ଏବେ ଛତିଶଗଡ଼ରେ ଦେଖିବାକୁ ମିଳୁଛି। ବସ୍ତରରେ ଗତ ୫ ଦିନ ଧରି ଲଗାତାର ବର୍ଷା ହେବାରୁ ନଦୀ ଓ ନାଳଗୁଡ଼ିକ ଫୁଲି ଉଠିଛି। ◆◆ପୃଷ୍ଠା ୭

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି: ଶ୍ରୀଜୀଉଙ୍କର ହେବ ନୂଆ ସୁନାବେଶ ସେଟ୍

ପୁରୀ, ୨୬/୯ (ନି.ପ୍ର): ଶେଷ ହୋଇଛି ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ । ବୈଠକରେ ଶ୍ରୀମନ୍ଦିରର ବିଭିନ୍ନ ନୀତି ନିର୍ଦ୍ଧାରଣ ସହ ଏକାଧିକ ପ୍ରସ୍ତାବ ଉପରେ ଆଲୋଚନା ଓ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ପାଇଁ ନୂଆ ସୁନାବେଶ ସେଟ୍ ନିର୍ମାଣ, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପାଇଁ ଖୋଲିବା, ଦିବ୍ୟାଙ୍ଗ ଓ ପୁରୀବାସୀଙ୍କ ଦର୍ଶନ ବ୍ୟବସ୍ଥା ସହ ସେବାୟତ କଲ୍ୟାଣ ଓ ଆଦର୍ଶ ଗୁରୁକୁଳ ନେଇ ମଧ୍ୟ ଆଲୋଚନା ହୋଇଛି । ବୈଠକରେ ମହାପ୍ରଭୁଙ୍କ ପାଇଁ ଆଉ ଏକ ସୁନାବେଶ ଅଳଙ୍କାର ସେଟ୍ ନିର୍ମାଣକୁ ଅନୁମୋଦନ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ନିଜସ୍ୱ ଅର୍ଥରେ ଏହି ଅଳଙ୍କାର ପ୍ରସ୍ତୁତ କରିବ । ତେବେ ଇଚ୍ଛୁକ ଭକ୍ତ ଓ ଶ୍ରଦ୍ଧାଳୁ ସ୍ୱଇଚ୍ଛାରେ ଏଥିପାଇଁ ଦାନ ଦେଇପାରିବେ । ପ୍ରସ୍ତୁତ ହେବାକୁ ଥିବା ନୂଆ ଅଳଙ୍କାର ରତ୍ନଭଣ୍ଡାରର ବାହାର ଭଣ୍ଡାରରେ ସୁରକ୍ଷିତ ଭାବେ ରଖାଯିବ । ରତ୍ନଭଣ୍ଡାର ଗଣତି ସମୟରେ କରାଯାଇଥିବା ଭିଡିଓ, ଫଟୋ ଓ ଡିଜିଟାଲ ଡକ୍ୟୁମେଣ୍ଟେସନକୁ ଆଧାର କରି ନୂଆ ଅଳଙ୍କାରର ଆକୃତି ଓ ନିର୍ମାଣ କରାଯିବ। ଏଥିରେ ସୁରକ୍ଷା ପ୍ରୋଟୋକଲ ସହ ବୈଷୟିକ ଆକଳନ, ପାରମ୍ପରିକ ଆକୃତି, ଓଜନ ଓ ଧାର୍ମିକ ପ୍ରାମାଣିକତାକୁ ଗୁରୁତ୍ୱ ଦିଆଯିବ। ଭଣ୍ଡାର ମେକାପ, ତଡ଼ାଉ କରଣ ଓ ଦେଉଳ କରଣ ଏହାର ଅନୁଧ୍ୟାନ କରିବେ। ଏଥିପାଇଁ ଏକ ଟେକ୍ନିକାଲ କମିଟି ଗଠନ ହେବ ଏବଂ ଅନୁଭବୀ ସଂସ୍ଥାକୁ ଅଳଙ୍କାର ନିର୍ମାଣ ଦାୟିତ୍ୱ ଦିଆଯିବ। ଅନ୍ୟପଟେ, ସେପ୍ଟେମ୍ବର ୩୦ରୁ ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର । ଏନେଇ ପରିଚାଳନା କମିଟି ପକ୍ଷରୁ ସବୁଜ ସଙ୍କେତ ମିଳିଛି । ◆◆ପୃଷ୍ଠା ୭

## ଲଘୁଚାପ ବର୍ଷାରେ ବେହାଲ ବାଲେଶ୍ୱର: ବନ୍ୟାରେ ୧ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ



ବାଲେଶ୍ୱର, ୨୬/୯ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ଜିଲ୍ଲାର ତିନି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ଜଳକା ଓ ବୁଢ଼ାବଳଙ୍ଗର ଜଳସ୍ତର ବଢୁଥିବା ବେଳେ ଜଳକା ଓ ବୁଢ଼ାବଳଙ୍ଗ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ବାଲେଶ୍ୱର ସହର ସମେତ ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ବନ୍ୟା ଯୋଗୁଁ ଜିଲ୍ଲାର ୭ଟି ବ୍ଲକ୍‌ର ୬୫ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ସେହିପରି ସହରାଞ୍ଚଳର ୨୧ଟି ୱାର୍ଡ ମଧ୍ୟ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୧ ଲକ୍ଷ ୧୪ ହଜାର ୩୬୯ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୬ ହଜାର ୪୯୭ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ଲୋକଙ୍କ ପାଇଁ ବିଭିନ୍ନ ସ୍ଥାନରେ ରିଲିଫ୍ କ୍ୟାମ୍ପ ଖୋଲାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ବୁଢ଼ାବଳଙ୍ଗ ନଦୀରେ କିଛି ଦିନ ବ୍ୟବଧାନରେ ଏବେ ସୁଦ୍ଧା ୫ ଥର ବନ୍ୟା ଆସିଥିବାରୁ ଚିନ୍ତା ବଢ଼ିଛି। ମୟୂରଭଞ୍ଜ ଜିଲ୍ଲାରେ ଅଧିକ ବର୍ଷା ହେଲେ କିମ୍ବା ଡ୍ୟାମ୍‌ର ଗେଟ୍ ଖୋଲାଗଲେ ଏହାର ପ୍ରଭାବ ସିଧାସଳଖ ବାଲେଶ୍ୱର ଉପରେ ପଡୁଛି। ଫଳରେ ସଦର ଓ ରେମୁଣା ବ୍ଲକ୍ ସମେତ ବାଲେଶ୍ୱର ପୌରାଞ୍ଚଳର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହେଉଛି । ଅନ୍ୟପଟେ ବନ୍ୟା ପରିସ୍ଥିତି ପାଇଁ ନଦୀର ପ୍ରାକୃତିକ ଜଳ ନିଷ୍କାସନ ପଥ ଅବରୋଧକୁ ମଧ୍ୟ ଦାୟୀ କରାଯାଉଛି। ◆◆ପୃଷ୍ଠା ୭

## ନାଗାଲାଣ୍ଡରେ ସନ୍ଦିଗ୍ଧ ମିଶ୍ରିତ ମଦ ପିଇ ୧୯ ମୃତ: ଏସଆଇଟି ଗଠିତ

ନୂଆଦିଲ୍ଲୀ,୨୬/୯ : ନାଗାଲାଣ୍ଡର ମୋକୋକଚୁଙ୍ଗ ଓ ତୁଏନସାଙ୍ଗ ଜିଲ୍ଲାରେ ଗତ ଦୁଇ ଦିନ ମଧ୍ୟରେ ସନ୍ଦିଗ୍ଧ ମିଶ୍ରିତ ମଦ ପିଇ ଅତି କମରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ପୁଲିସ ଏହି ସୂଚନା ଦେଇଛି। ଉଲ୍ଲେଖନୀୟ ଯେ, ନାଗାଲାଣ୍ଡରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ମଦ ନିଷେଧ ଲାଗୁ ରହିଛି। ପୁଲିସର ସୂଚନା ଅନୁଯାୟୀ, ମୋକୋକଚୁଙ୍ଗ ଜିଲ୍ଲାରେ ୮ ଜଣ ଏବଂ ତୁଏନସାଙ୍ଗ ଜିଲ୍ଲାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାଥମିକ ତଦନ୍ତରୁ ମୃତକମାନେ ସନ୍ଦିଗ୍ଧ ମିଶ୍ରିତ ମଦ ସେବନ କରିଥିବା ଆଶଙ୍କା କରାଯାଉଛି। ଘଟଣାର ତଦନ୍ତ ପାଇଁ ପୁଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛି। ଅତିରିକ୍ତ ପୁଲିସ ଅଧୀକ୍ଷକ ଆଇ. ବୁଙ୍ଗଲାଙ୍ଗ ଚାଙ୍ଗଙ୍କ ନେତୃତ୍ୱରେ ଗଠିତ ଏସଆଇଟି ସନ୍ଦିଗ୍ଧ ମିଶ୍ରିତ ମଦର ଉତ୍ସ ଏବଂ ଏହାର ଯୋଗାଣ ଶୃଙ୍ଖଳ ସମ୍ପର୍କରେ ତଦନ୍ତ କରୁଛି। ବରିଷ୍ଠ ପୁଲିସ ଅଧୀକ୍ଷକ ୱେସୁପ୍ରା କେଜୋ କହିଛନ୍ତି ଯେ, ସନ୍ଦିଗ୍ଧ ମିଶ୍ରିତ ମଦର ନମୁନାକୁ ଫୋରେନସିକ୍ ଯାଂଚ ପାଇଁ ଗୁଆହାଟୀ ପଠାଯାଇଛି। ଯାଂଚ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଏବଂ ମଦରେ କୌଣସି ବିଷାକ୍ତ କିମ୍ବା କ୍ଷତିକାରକ ପଦାର୍ଥ ଥିଲା କି ନାହିଁ, ତାହା ସ୍ପଷ୍ଟ ହେବ।

## ହର୍ମୁଜ୍ ଖୋଲିବ ମାତ୍ର ୭ ଦିନରେ: ଯୁଦ୍ଧ ଶେଷ ପାଇଁ ଆମେରିକାକୁ ଇରାନର ବଡ଼ ପ୍ରସ୍ତାବ



ନୂଆଦିଲ୍ଲୀ,୨୬/୯ : ଇରାନ ଓ ଆମେରିକା ମଧ୍ୟରେ ବଢୁଥିବା ତିକ୍ତତା କମାଇବା ପାଇଁ କୂଟନୈତିକ ପ୍ରୟାସ ତୀବ୍ର ହୋଇଛି। ଜାତିସଂଘ ସାଧାରଣ ସଭା ସମୟରେ ଇରାନ କତାର ମାଧ୍ୟମରେ ଆମେରିକା ସମ୍ମୁଖରେ ଏକ ପ୍ରସ୍ତାବ ରଖିଥିବା ଜଣାପଡ଼ିଛି। ଏଥିରେ ୭ ଦିନ ମଧ୍ୟରେ ହର୍ମୁଜ୍ ଷ୍ଟ୍ରେଟ୍ ପୁଣି ଖୋଲିବା ଏବଂ ଯୁଦ୍ଧ ବନ୍ଦ କରିବା ନେଇ ଯୋଜନା ରହିଛି। ଇରାନର ବିଦେଶମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି ଯେ, କତାର ମାଧ୍ୟମରେ ଆମେରିକାକୁ ୭ ଦିନର ଏକ ଠୋସ୍ ଯୋଜନା ଦିଆଯାଇଛି। ଆବଶ୍ୟକ ସର୍ତ୍ତ ପୂରଣ ହେଲେ ହର୍ମୁଜ୍ ଷ୍ଟ୍ରେଟ୍ ପୁଣି ଖୋଲାଯାଇପାରିବ ଏବଂ ୭ ଦିନ ମଧ୍ୟରେ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରିବ। ତେବେ ଏବେ ନିଷ୍ପତ୍ତି ଆମେରିକାର ହାତରେ ବୋଲି ସେ କହିଛନ୍ତି। ଆରାଘଚିଙ୍କ ଅନୁସାରେ, ଇରାନ ଚାପ, ଧମକ କିମ୍ବା ଭୟ ଦେଖାଇବାକୁ ଗ୍ରହଣ କରିବ ନାହିଁ। ନିଜ ସାର୍ବଭୌମ ଅଧିକାର ଉପରେ ଇରାନ କୌଣସି ସାଲିସ କରିବ ନାହିଁ। ଆମେରିକା ଯଦି ପ୍ରକୃତରେ ଆଲୋଚନା ଓ ହର୍ମୁଜ୍ ଷ୍ଟ୍ରେଟ୍ ଖୋଲିବା ପାଇଁ ଗମ୍ଭୀର, ତେବେ ଆବଶ୍ୟକ ପ୍ରସ୍ତୁତି ସରିଥିବା ମଧ୍ୟ ସେ କହିଛନ୍ତି ।ଅନ୍ୟପକ୍ଷରେ, ଇରାନର ରାଷ୍ଟ୍ରପତି ମସୂଦ ପେଜେଶକିଆନ୍ ଆମେରିକା ସହ ସମ୍ପର୍କ ନେଇ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ଅନୁସାରେ, ଆଲୋଚନା ପରେ ମଧ୍ୟ ଆମେରିକାର ଆକ୍ରମଣ ଓ କଟକଣା ଯୋଗୁଁ ଇରାନର ଭରସା ହ୍ରାସ ପାଇଛି। ତଥାପି କତାର ଓ ପାକିସ୍ତାନ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରୁଥିବା ସେ କହିଛନ୍ତି। ଏପଟେ ରଏଟର୍ସ ରିପୋର୍ଟ ଅନୁସାରେ, ଜାହାଜ ଚଳାଚଳ ସ୍ୱାଭାବିକ କରିବା ଏବଂ ଆମେରିକାର ◆◆ପୃଷ୍ଠା ୭

## ଓଡ଼ିଶାରେ ବନ୍ୟା ଆଶଙ୍କା: ୧୦ ଜିଲ୍ଲାରେ ୩୯୫ ରିଲିଫ୍ କେନ୍ଦ୍ର, ୪୦ ହଜାରରୁ ଅଧିକ ଉଦ୍ଧାର



ଭୁବନେଶ୍ୱର, ୨୬/୯ (ନି.ପ୍ର): ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ଉପୁଜିଥିବା ବନ୍ୟା ସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହୋଇଥିବା ସେ କହିଛନ୍ତି । ଛତିଶଗଡ଼ରେ ଅଧିକ ବର୍ଷା ହେଉଥିବାରୁ ମହାନଦୀରେ ଜଳ ପ୍ରବେଶ କରୁଛି । ସେହିପରି ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ମଧ୍ୟ ବଢ଼ିଛି । ଆଗାମୀ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୁଢ଼ାବଳଙ୍ଗ ନଦୀର ଜଳସ୍ତର ପିକ୍ ଲେଭଲ୍‌ଠାରୁ ଅଧିକ ହେବାର ଆଶଙ୍କା ରହିଛି । ଇନ୍ଦ୍ରାବତୀ ଓ କୋଲାବ୍ ନଦୀର ଜଳପତ୍ତନ ବଢ଼ିଥିଲେ ମଧ୍ୟ ବର୍ତ୍ତମାନ ସେଠାରେ ବିପଦଜନକ ସ୍ଥିତି ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ଝାଡ଼ଖଣ୍ଡରୁ ଅଧିକ ପରିମାଣର ପାଣି ଆସୁଥିବାରୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି । ସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍‌ର ଟିମ୍ ନିୟୋଜିତ କରାଯାଇଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୫ ତାରିଖରେ ରାଜ୍ୟରେ ହାରାହାରି ୬୫ ମିଲିମିଟର ବର୍ଷା ରେକର୍ଡ ହୋଇଛି । ବୈତରଣୀ ନଦୀର ଜଳସ୍ତର ମଧ୍ୟ ବଢୁଛି । ଜଳକା ନଦୀ ମଥାନିଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଅନ୍ୟପଟେ ହୀରାକୁଦ ଜଳଭଣ୍ଡାର ବର୍ତ୍ତମାନ ‘ରାଇଜିଂ ଷ୍ଟେଜ୍’ରେ ରହିଛି । ଆସନ୍ତା ୨୭ ତାରିଖ ମଧ୍ୟରାତ୍ରିରେ ନରାଜଠାରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ଜଳ ପହଞ୍ଚିବାର ସମ୍ଭାବନା ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ବନ୍ୟା ଯୋଗୁଁ ଦଶରଥପୁରରେ ଦୁଇଟି ଘାଇ ସୃଷ୍ଟି ହୋଇଥିବାବେଳେ ଯାଜପୁରରେ ବୈତରଣୀ ନଦୀରେ ଗୋଟିଏ ଘାଇ ସୃଷ୍ଟି ହୋଇଛି । ବର୍ତ୍ତମାନ ସୁଦ୍ଧା ୧୦ଟି ଜିଲ୍ଲାରେ ୩୯୫ଟି ରିଲିଫ୍ କେନ୍ଦ୍ର ଖୋଲାଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରୁ ୪୦ ହଜାର ୩୩୯ ଜଣଙ୍କୁ ଉଦ୍ଧାର କରାଯାଇଛି । ୪ ହଜାର ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ ହୋଇଥିବାବେଳେ ୮୦ଟି ବ୍ଲକ୍ ବନ୍ୟା ପ୍ରଭାବିତ ହୋଇଛି । ଏହାସହ ୭୨୧ଟି ଘର କ୍ଷତିଗ୍ରସ୍ତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ୧୮୧୮ ମସିହାରେ ନିର୍ମିତ ସର୍ବପୁରାତନ ପଶ୍ଚିମବାଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ: ବିଡ଼ିଓ ଓ ବିଇଓଙ୍କୁ ସ୍ମାରକପତ୍ର



ଜଳେଶ୍ୱର, ୨୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ୧୮୧୮ ମସିହାରେ ନିର୍ମିତ ପଶ୍ଚିମବାଡ଼ କ୍ଲଷ୍ଟରର ଅନ୍ୟତମ ଐତିହାସିକ ତଥା ଅଞ୍ଚଳର ସର୍ବପୁରାତନ ପଶ୍ଚିମବାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୮୧୮ ମସିହାରେ ସ୍ଥାପିତ ସର୍ବ ପୁରାତନ ବିଦ୍ୟାଳୟଟି ଆଜି ସରକାରୀ ଅବହେଳାର ଶିକାର ହୋଇ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀ ରହିଥିବା ବେଳେ ଶ୍ରେଣୀଗୃହ ସଂଖ୍ୟା ମାତ୍ର ୩। ବିଦ୍ୟାଳୟର ଅନ୍ୟ ୩ଟି କୋଠା ସମ୍ପୂର୍ଣ୍ଣ ଭାବେ ବିପଦସଙ୍କୁଳ ହୋଇପଡ଼ିଛି। ଯେକୌଣସି ମୁହୂର୍ତ୍ତରେ ଏହି ଭଙ୍ଗା କୋଠା ଭୁଶୁଡ଼ି ପଡ଼ିବାର ଆଶଙ୍କା ଥିବାରୁ ଏହା କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ପ୍ରତ୍ୟକ୍ଷ ବିପଦ ସୃଷ୍ଟି କରିଛି। ଶ୍ରେଣୀଗୃହର ଘୋର ଅଭାବ ଯୋଗୁଁ ଗୋଟିଏ ଗୋଟିଏ ଶ୍ରେଣୀଗୃହରେ ୩ଟି ଲେଖାଏଁ ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢ଼ାଯାଉଛି। କମ୍ ସ୍ଥାନରେ ଅଧିକ ପିଲା ପାଠ ପଢ଼ିବା ପାଇଁ ବସୁଥିବାରୁ ଅନେକ ସମୟରେ ଛାତ୍ରଛାତ୍ରୀ ଶ୍ୱାସରୁଦ୍ଧ ହୋଇପଡୁଛନ୍ତି। ଏହାଦ୍ୱାରା ଶିକ୍ଷକମାନେ ମଧ ସଠିକ୍ ଭାବେ ଶିକ୍ଷାଦାନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ବାବଦରେ ପୂର୍ବରୁ ସି.ଆ.ର.ସି.ସି.ଙ୍କ ମାଧମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେବଳ ଶ୍ରେଣୀଗୃହ ସମସ୍ୟା ନୁହେଁ, ଶିକ୍ଷକ ଅଭାବ ମଧ ଏଠାରେ ଜଟିଳ ରୂପ ଧାରଣ କରିଛି। ୯ଟି ଶ୍ରେଣୀ ପାଇଁ ମାତ୍ର ୪ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ଚଳିତ ମାସରେ ରାଜ୍ୟବ୍ୟାପୀ ଶିକ୍ଷକଙ୍କର ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ଓ ନୂତନ ନିଯୁକ୍ତି ହୋଇଥିଲେ ସୁଦ୍ଧା ଏହି ବିଦ୍ୟାଳୟକୁ ଜଣେ ହେଲେ ବି ନୂତନ ପ୍ରଧାନଶିକ୍ଷକ କିମ୍ବା ସହକାରୀ ଶିକ୍ଷକ ପଠାଯାଇ ନାହିଁ, ଯାହାକୁ ନେଇ ଅଞ୍ଚଳବାସୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ, ନୂତନ ଶ୍ରେଣୀଗୃହ ନିର୍ମାଣ ଏବଂ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜଳେଶ୍ୱର ବିଡ଼ିଓ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଏସଏମସି ର ସଭାପତି ନିରଞ୍ଜନ ସାହୁ, ଉପସଭାପତି ମିତା ରାଣୀ ପାତ୍ର, ପ୍ରାକ୍ତନ ସଭାପତି ରୀନାରାଣୀ ପାତ୍ରଙ୍କ ସମେତ ଗୌତମ ମୁଖୀ, ଶମ୍ଭୁନାଥ ଗୋଛାୟତ,ଅନିତା ଜେନା,ବବିତା ଦଣ୍ଡପାଟ, ପୂଜାରାଣୀ ଜେନା, ବିଜୟ କୁମାର ମୁଖୀ, କାହ୍ନୁ ଚରଣ ଅଣ୍ଡିଆ, ରବିନ୍ଦ୍ର ଦାସ,ଜୁଲି ଦାସ, ଅମୂଲ୍ୟ ନନ୍ଦୀ,ଓ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନନେଲେ ଆଗାମୀ ଦିନରେ ଅଭିଭାବକ ଓ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ପରେ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ 'ଲହରୀ' ଟିମ୍



ଭୁବନେଶ୍ୱର, ୨୬/୯ (ନି.ପ୍ର): ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'ର ପ୍ରଯୋଜିକା ଶ୍ରୀମତୀ ଝିଲ୍ଲୀକ ଭଟ୍ଟାଚାର୍ଜୀ ତଥା ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ, ସ୍ୱସ୍ତିକ ରୟ ଚୌଧୁରୀ ଏବଂ ପ୍ରଣୟ ଜେଠୀ ବୁଧବାର ଦିନ ଲୋକଭବନ ଠାରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରି ବାବୁ କମ୍ଭମପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

ଏହି ଅବସରରେ ରାଜ୍ୟପାଳ 'ଲହରୀ' ଟିମ୍ ସହ ଭାବ ବିନିମୟ କରି ଚଳଚ୍ଚିତ୍ରର ଜାତୀୟ ସ୍ୱୀକୃତି ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହିତ ସମସ୍ତଙ୍କର ପ୍ରୟାସକୁ ପ୍ରଶଂସା କରି ଭବିଷ୍ୟତର କାର୍ଯ୍ୟକ୍ରମରେ ସଫଳତା ପାଇଁ ମଧ ରାଜ୍ୟପାଳ କାମନା କରିଥିଲେ।

ଏତଦ୍ ବ୍ୟତୀତ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ଚଳଚ୍ଚିତ୍ର ନିର୍ମାଣ ଜାରି ରଖିବା ପାଇଁ ରାଜ୍ୟପାଳ ଉତ୍ସାହିତ କରିଛନ୍ତି ଏବଂ ଯୁବ ପିଢ଼ିକୁ ପ୍ରେରଣା ଦେବା ତଥା ସକାରାତ୍ମକ ପ୍ରଭାବ ପକାଇବା ପାଇଁ ସିନେମାକୁ ଏକ ମାଧମ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଜାତୀୟସ୍ତରରେ ଓଡ଼ିଆ ସିନେମାକୁ ପ୍ରୋତ୍ସାହିତ କରିବାରେ ଦଳର ଅବଦାନକୁ ମଧ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଚଳଚ୍ଚିତ୍ରରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସନଜିତ ମହାପାତ୍ର, ସ୍ୱସ୍ତିକ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ଅତିଥି କଳାକାର ଭାବେ ଦେବାଶିଷ ପାତ୍ର ଓ ବାବୁସାନ ମହାନ୍ତି ଅଭିନୟ କରିଛନ୍ତି । ଏହି ଉତ୍ସବରେ ସାରା ଦେଶରୁ ବିଭିନ୍ନ ରାଜ୍ୟର ଚଳଚ୍ଚିତ୍ର ଜଗତରେ ଭିନ୍ନଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ଓଡ଼ିଆ ଦର୍ଶକଙ୍କ ଭଲ ପାଇବା ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଯୋଗୁଁ ମିଳିଥିବା କଥା ପ୍ରଯୋଜିକା ଝିଲ୍ଲିକ ଭଟ୍ଟାଚାର୍ଜୀ ପ୍ରକାଶ କରିଛନ୍ତି ।

# ଭାରତ ସରକାରଙ୍କ ପକ୍ଷରୁ ପାରାଦୀପ ବନ୍ଦରକୁ ମିଳିଲା ମେଗା ବନ୍ଦର ସ୍ୱୀକୃତି



ପାରାଦୀପ, ୨୬/୯ (ନି.ପ୍ର): ଭାରତ ବର୍ଷର ପୂର୍ବ ଭାଗରେ ଥିବା ଦେଶର ପ୍ରମୁଖ ବନ୍ଦର ପାରାଦୀପ ବନ୍ଦରକୁ ମେଗା ବନ୍ଦରର ସ୍ୱୀକୃତି ମିଳିଛି । ଏ ସମ୍ପର୍କରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ରାଜପତ୍ରରେ ପ୍ରକାଶିତ ହୋଇଛି । ଭାରତୀୟ ବନ୍ଦର ଅଧିନିୟମ ୨୦୨୫ ଅନୁଯାୟୀ ପାରାଦୀପ ବନ୍ଦରକୁ ମେଗା ପୋର୍ଟ ଭାବେ ଆନୁଷ୍ଠାନିକ ବାବେ ମାନ୍ୟତା ମିଳିଛି । ଭାରତୀୟ ବନ୍ଦର ଅଧିନିୟମ ୨୦୨୫ ଧାରା ୭୩ର ଉପଧାରା(୧) ଅନୁଯାୟୀ ନିର୍ଦ୍ଧାରିତ ମାନଦଣ୍ଡର ମୂଲ୍ୟାଙ୍କନ ପରେ ଚାରିଟି ବୃହତ୍ ବନ୍ଦରକୁ ମେଗା ପୋର୍ଟ ଭାବେ ମାନ୍ୟତା ମିଳିଛି । ଏହି କ୍ରମରେ ଦୀନଦୟାଲ ବନ୍ଦର(କାଣ୍ଡଲା), ଜବାହାରଲାଲ୍ ନେହେରୁ ବନ୍ଦର (ନଭ ସେବା), ପାରାଦୀପ ବନ୍ଦର (ଓଡିଶା) ଏବଂ ମୁନ୍ଦ୍ର ବନ୍ଦର (ଗୁଜୁରାଟ) ଅର୍ନ୍ତଭୂକ୍ତ । ପାରାଦୀପ ବନ୍ଦରକୁ ମେଗା ପୋର୍ଟ ମାନ୍ୟତା ମିଳିବା ପରେ ଏହାର ନିରନ୍ତର ବିକାଶ ଏବଂ ଭରତ ପୂର୍ବ ଉପକୂଳରେ ଏକ ପ୍ରମୁଖ ସାମୁଦ୍ରିକ ପ୍ରବେଶଦ୍ୱାର ଭାବେ ଏହାର ବୃଦ୍ଧିଶୀଳ ଗୁରୁତ୍ୱ ଏକ ମହତପୂର୍ଣ୍ଣ ପ୍ରତିଫଳନ । ପାରାଦୀପ ବନ୍ଦର ଅଧକ୍ଷ ସୁଶାନ୍ତ କୁମାର ପୁରୋହିତ ପାରାଦୀପ ବନ୍ଦରକୁ ମେଗା ବନ୍ଦର ମାନ୍ୟତା ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସେନୋୱାଲ ଏବଂ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ମାନ୍ୟତା ପାରାଦୀପ ବନ୍ଦର ବିକାଶ ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁ ଏବଂ ଏହା ବନ୍ଦର ଭିତିଭୂମି ବିକାଶ, ପରିଚାଳନା ଦକ୍ଷତା ଏବଂ ସାମୁଦ୍ରିକ ବାଣିଜ୍ୟରେ ଏହାର ଭୂମିକାକୁ ଆହୁରି ଗୁରୁତ୍ୱ କରିବ ବୋଲି ଅଧକ୍ଷ ଶ୍ରୀ ପୁରୋହିତ କହିଛନ୍ତି

# ଜଳକା ନଦୀରେ ଭୟାବହ ବନ୍ୟା: ଉଜାଡିଲା ଚାଷୀଙ୍କ ହାଣ୍ଡିଶାଳ



ବସ୍ତା, ୨୬।୯(ନିପ୍ର): ବସ୍ତା ଅଞ୍ଚଳରେ ଲଘୁଚାପ ଜନିତ ତୁହାକୁ ତୁହାବର୍ଷା ହେବାଫଳରେ ଯାତାୟତ ବାଧାସୃଷ୍ଟି ହୋଇଛି ।ବାହାର୍ଦ୍ଦା ଚଟାଣରେ ଆଣ୍ଠୁଏପାଣିର ସୁଅଛୁଟୁଛି। ୩ଦିନଧରି ବର୍ଷା ଲାଗି ରହିଥିବାବେଳେ ପଡୋଶି ମୟୂରଭଞ୍ଜ ଜିଲ୍ଲା ଚିତ୍ରଡା,ମାଣିତିର , ମାଣିଦା ରାସ୍ ଗୋବିନ୍ଦପୁର ଅଞ୍ଚଳରୁ ବର୍ଷାପାଣି ଜଳକା ନଦୀ ରେ ପ୍ରବାହିତ ହେଉଥିବା ବେଳେ ଶୁକ୍ରବାର ଜଳକା ବିପଦ ସଂଙ୍କେତ ଦିନ ୧୨ଟାରେ ୬,୬୦ମିଟର ଥିବାସ୍ଥଳେ ସଧିଯାରେ ୬,୮୨ରେ ପ୍ରବାହିତ ହେଉଛି । ଜଳକାନଦୀ କୁଳରେଥିବା ଦୁଇପପାର୍ଶ୍ୱ ଗାଁ ଗୁଡିକ ବାହାର୍ଦ୍ଦା ପଞ୍ଚାୟତର ମେଳକ, ତଳତାପଣ୍ଡା, କୁଡିଆ ପଞ୍ଚାୟତ ପେଗରପଡା, ଧଳସାହି, ବେଗୁନିଆ ,ମଥାନୀ ପଞ୍ଚାୟତ ସାନଖୁଡି ଶିବଗଡିଆ, ଲକ୍ଷ୍ମଣାପଡା, ଦାସହାହି,ବଡଖୁଡି,ଧାନହଣ୍ଡା, ଗାଁ ମୁହାଁ ବନ୍ୟାପାଣି କ୍ଷିପ୍ରଗତିରେ ମାଡିଚାଲିଛି । ଶହଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି । ଜଳକା ନଦୀର ଦୁଇପାର୍ଶ୍ୱ ଭେଡି ବନ୍ଧ ଦିପଦସଂଙ୍କୁଳ ଅବସ୍ଥାରେ ଥିବା ବେଳେ ବାଉଁଶ ଓ ବାଲିବସ୍ତା ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯାଇଛି ବୋଲି ମଥାନୀ ଇରିଗେସନ ଜେଇ ସୁରେଶ ଚନ୍ଦ୍ର ମଲ୍ଲୀକ ପ୍ରକାଶ କରିଛନ୍ତି ।ଜଳକାରେ ବନ୍ୟା ପାଣି ବଢିବା ଦେଖି ନଦୀକୂଳିଆ ଗାଁମ ବାସୀଙ୍କ ମଧ୍ୟରେ ଭୟର ବାତା ବରଣ ସୃଷ୍ଟି ହୋଇଛି ।

# ରେମୁଣା ବିଜେପି କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ଜନ୍ମଜୟନ୍ତୀ ପାଳିତ



ବାଲେଶ୍ୱର, ୨୬/୯ (ନି.ପ୍ର): ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟା ସମୟରେ ରେମୁଣା ବିଜେପି କାର୍ଯ୍ୟାଳୟରେ ଏକାତ୍ମ ମାନବବାଦର ପ୍ରବକ୍ତା, ଅନ୍ତ୍ୟୋଦୟର ପ୍ରଣେତା ଓ ଭାରତୀୟ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଚନ୍ଦ୍ରଶେଖର ନନ୍ଦଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପର୍ଶ୍ୟୁରାମ ପରିଡ଼ା, ରେମୁଣା ବିଧାୟକ ପ୍ରତିନିଧି ଶ୍ରୀ ଲମ୍ବୋଦର ପ୍ରଧାନ, ଜିଲ୍ଲା ସମ୍ପାଦକ ଶ୍ରୀ ରାଜେଶ କୁମାର ମହାପାତ୍ର ଓ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ ସହିତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ ସମସ୍ତେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରବର୍ତ୍ତୀ ଅବସରରେ ଜିଲ୍ଲା ସଭାପତି ଶ୍ରୀ ବେହେରା ଉପାଧ୍ୟାୟଙ୍କ ଜୀବନଦର୍ଶନ, ତାଙ୍କର ଆଦର୍ଶ ଓ ରାଷ୍ଟ୍ରପ୍ରତି ସମର୍ପଣ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଶ୍ରୀ ସମାୟ ଟୁଡୁ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶ୍ରୀ ସନ୍ତୋଷ ସେଠୀ, ସାଧାରଣ ସମ୍ପାଦକ ଗଜେନ୍ଦ୍ର ସେଠୀ, ସୂର୍ଜଙ୍କର ସେଠୀ, ମଣ୍ଡଳ ସଭାପତି ଶ୍ରୀ ଉମାକାନ୍ତ ଜେନା, ପ୍ରଫୁଲ୍ଲ ଦ୍ୱିବେଦୀ, ମାନସ ମହାନ୍ତି ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀ ଦେବେନ୍ଦ୍ର ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ: ଅଞ୍ଚଳରେ ଶୋକର ଛାୟା

ନୀଳଗିରି, ୨୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ.ଏ.ସି ଅଧିନ ୬ନଂ ୱାର୍ଡ ସନାତନ ବେହେରାଙ୍କ ପୁଅ ରଞ୍ଜିତ ବେହେରା(୩୪)ଙ୍କ ହୃଦଘାତରେ ମୃତ୍ୟୁ। ସୂଚନା ଅନୁଯାୟୀ ରଞ୍ଜିତ ବେହେରା ବହୁଦିନଧରି ଭୁବନେଶ୍ୱର ସ୍ଥିତ ଟାଉନପ୍ଲାନିଂ ରେ ଚାକିରି କରିଆସୁଥିବା ବେଳେ ଗତ ଗୁରୁବାର ଅଫିସରେ ନିଜର କାର୍ଯ୍ଯ ସାରିବା ପରେ ଭୁବନେଶ୍ୱର ରେ ଥିବା ଘର କୁ ଫେରିଆସିଥିଲେ। ରାତ୍ରିରେ ଖାଇ ଶୋଇବାପରେ ରାତ୍ରି ୧ଘଟିକା ସମୟରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ୩ଘଟିକା ସମୟରେ ମୃତ୍ୟୁ ଘଟିଥିଲା। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସାନ ଭାଇ ଓ ପରିବାର ସମସ୍ତ ସଦସ୍ୟ ପ୍ରମୁଖ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ପରେ ଏକ ଶୋକାକୁଳ ପରିବେଶରେ ପୁରୀ ସ୍ୱର୍ଗଦ୍ୱାର କୁ ନିଆଯାଇ ଶୁକ୍ରବାର ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାନଭାଇ ମନୋରଞ୍ଜନ ନାୟକ ମୁଖାଗ୍ନି ଦେଇଥିଲେ।

# ଭଦ୍ରକରେ ସମବାୟ ସଦସ୍ୟତା ମହାଅଭିଯାନ "ସମ୍ବନ୍ଧ" ର ଶୁଭାରମ୍ଭ



ଭଦ୍ରକ, ୨୬/୯ (ନି.ପ୍ର): ଓଡ଼ିଶା ସମବାୟ ନୀତି-୨୦୨୬ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ସମ୍ବନ୍ଧ' ସମବାୟ ସଦସ୍ୟତା ମହାଅଭିଯାନର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ସହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହାର ରାଜ୍ୟସ୍ତରୀୟ ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ, ଢଟଇଞ୍ଚଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ହୋଇଯାଇଛି ।

ଗ୍ରାମୀଣ ଅଞ୍ଚଳର ପ୍ରତ୍ୟେକ ପରିବାରରୁ ଅନ୍ୟୁନ ଜଣେ ସଦସ୍ୟଙ୍କୁ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହତ୍ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ସହ ସଂଯୋଜିତ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ଏଥିସହ ମହିଳା ଓ ଯୁବବର୍ଗଙ୍କ ସମବାୟ ବ୍ୟବସ୍ଥାରେ ଅଧିକ ଅଂଶଗ୍ରହଣ, ନୂତନ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଓ ପ୍ରଯୁକ୍ତିଭିତ୍ତିକ ସଦସ୍ୟତା ବ୍ୟବସ୍ଥା ଗଠନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି।

ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଜ୍ୟୋତି ପ୍ରକାଶ ମହାକୁଡ଼, ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି ଦୁଖିଆ ଟୁଡୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର ଓ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟକେତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅଭିଯାନ ଅନ୍ତର୍ଗତ ସମବାୟ ସଦସ୍ୟତାରୁ ବଞ୍ଚିତ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରାଯିବ। ଏଥିପାଇଁ ଗ୍ରାମସ୍ତରରେ ଘରକୁ ଘର ପ୍ରଚାର ସହ ସଦସ୍ୟତା ନାମଲେଖା କରାଯିବ। ମୋବାଇଲ୍ ଆପ୍ଲିକେସନ୍ ମାଧମରେ ଡିଜିଟାଲ୍ ଭାବେ ଆବେଦନ ଗ୍ରହଣ କରାଯାଇ ସମ୍ପୃକ୍ତ PACS/ LAMPCSକୁ ଯାଞ୍ଚ ଓ ଅନୁମୋଦନ ପାଇଁ ପଠାଯିବ।

ଦୁଇ ମାସ ଧରି ଚାଲିବାକୁ ଥିବା ଏହି ମହାଅଭିଯାନ ମାଧମରେ ଭଦ୍ରକ ଜିଲ୍ଲାର ଅଧିକ ସଂଖ୍ୟକ ଗ୍ରାମୀଣ ପରିବାରକୁ ସମବାୟ ବ୍ୟବସ୍ଥାର ପରିସରଭୁକ୍ତ କରିବା ସହ ଜିଲ୍ଲାରେ ଏକ ବ୍ୟାପକ ଡିଜିଟାଲ୍ ସଦସ୍ୟତା ତଥ୍ୟଭଣ୍ଡାର ଗଠନ ଲକ୍ଷ୍ୟ ରଖାଯାଇଛି।

ଉକ୍ତ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ।

# ମୟୂରଭଞ୍ଜରେ ବନ୍ୟା ପରିସ୍ଥିତି : ବୁଢାବଳଙ୍ଗ ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି

## ବାରିପଦାର ୪ଟି ବାତ୍ୟା ଆଶ୍ରୟ ସ୍ଥଳୀରେ ୧୦୦୦ ଲୋକଙ୍କୁ ଥଇଥାନ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି



ବାରିପଦା, ୨୬/୯ (ନି.ପ୍ର): ଗୁରୁବାର ରାତି ଠାରୁ ଲାଗି ରହିଥିବା ପ୍ରବଳ ବର୍ଷା କାରଣରୁ ମୟୂରଭଞ୍ଜର ଏକାଧିକ ନଦୀରେ ଆଜି ପୂର୍ବାହ୍ନ ଠାରୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

ବାଙ୍ଗିରିପୋଷୀ ତଥା ବାରିପଦା ଠାରେ ବୁଢ଼ାବଳଙ୍ଗ ନଦୀ କ୍ରମାଗତ ଭାବରେ ଫୁଲିବାରେ ଲାଗିଥିବା ବେଳେ, ସୁବର୍ଣ୍ଣରେଖା, ପଳପଳା, ଚିପଟ, ଗଂଗାହାର, ସୋନ, ଜମ୍ବୀରା ସମେତ ଅନ୍ୟ ଉପନଦୀ ଗୁଡିକରେ ବନ୍ୟା ଜଳ ଆସି ବୁଢ଼ାବଳଙ୍ଗରେ ଗତ ବନ୍ୟା ଠାରୁ ଅଧିକ ବନ୍ୟା ଆସିବାର ଆକଳନ କରାଯାଇଛି। ବାଙ୍ଗିରିପୋଷୀ ଠାରେ କାଳିଆମୀ ପୋଲ ଉପରେ ଦୁଇଫୁଟରୁ ଅଧିକ ପାଣି ଚାଲିଥିବା ବେଳେ, ଉଦଳା- ବାରିପଦା ୧୯ନଂ ରାଜ୍ୟ ରାଜପଥର ନାହୁଆ ପୋଲ ଉପରେ ବନ୍ୟା ପାଣି ଚାଲିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତର କୁଞ୍ଜିବାଣିଆ ଗ୍ରାମର ଗଙ୍ଗାହାର ନଦୀ ଆଡ଼ିବନ୍ଧ ରେ ୩ଟି ଘାଇ ହେବାରୁ ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ପ୍ରବଳ ବର୍ଷା ଯୋଗୁ ସାରସକଣା ବ୍ଲକ, ଜାଲଦା ପଞ୍ଚାୟତର ପୁନସିଆ ଗ୍ରାମରେ କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ ହୋଇଥିବାର ସୂଚନା ମିଳିଛି। ଏପଟେ ବାରିପଦା ସହରର ନଦୀ କୁଳିଆ ଅଞ୍ଚଳରେ ବନ୍ୟାଜନିତ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିଛି ଜିଲ୍ଲା ପ୍ରଶାସନ। ବନ୍ୟା ଆଶଙ୍କା କୁ ଲକ୍ଷିକରି ଅପରାହ୍ନ ୨ଟା ପୂର୍ବରୁ ବୁଢାବଳଙ୍ଗ ନଦୀ ସଂଲଗ୍ନ ବାରିପଦା ମ୍ୟୁନିସିପାଲଟିର ଜନସାଧାରଣ ସୁରକ୍ଷିତ ସ୍ଥାନକୁ ପଳାଇ ଯିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା। ସହରର ବିଭିନ୍ନ ବନ୍ୟା ଆଶ୍ରୟ ସ୍ଥଳୀରେ ପ୍ରଶାସନ ପକ୍ଷରୁ ଲୋକଙ୍କ ରହିବା ଏବଂ ଖାଇବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ଲଗାତର ବର୍ଷା ଏବଂ ପବନ କାରଣରୁ ବାରିପଦା ସହରର ଗ୍ରାଣ୍ଡ ଗଳି, ବର୍ଜୁପୁରରେ ଗଛପଡ଼ି ରାସ୍ତା ଅବରୋଧ ହେବା ସହ ଇଲେକ୍ଟ୍ରି ଖୁଣ୍ଟ ପଡ଼ି କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ଘର କାନ୍ଥ ସହ ପାଚେରୀ ଭାଙ୍ଗି ଯାଇଛି। ଚଳିତ ବର୍ଷର ପ୍ରଥମ ବନ୍ୟା ଠାରୁ ଏଥର ଅଧିକ ରହିବ ଆଶଙ୍କା ରହିବ ବୋଲି ବାରିପଦା ତହସିଲଦାର ସପନ ସାହୁଙ୍କ ସୂଚନା ଦେଇଛନ୍ତି।

ବନ୍ୟା ପରିସ୍ଥିତିକୁ ଦେଖି ଗତକାଲି ଠାରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହିତ ଆଜି ଜିଲ୍ଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ। ଗତ ଗୁରୁବାର ରାତିରେ ଶିମିଳିପାଳର ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଛି। ସମଗ୍ର ଶିମିଳିପାଳରେ ହାରାହାରି ବର୍ଷା ୧୨୩।୨୦ ମିମି ରେକର୍ଡ ହୋଇଛି। ଅଭୟାରଣ୍ୟ ର ୧୭ ଟି ରେଞ୍ଜ ମଧ୍ୟରୁ ୭ଟି ରେଞ୍ଜ ରେ ୧୦୦ମିମି ରୁ ଅଧିକ ବର୍ଷା ହୋଇଛି । ଶିମିଳିପାଳର ଅଭ୍ୟନ୍ତର ଅଞ୍ଚଳର ବଡ଼ଗାଁ, ପୋଡାଡ଼ିହା, ଭଞ୍ଜବସା ଜେନାବିଲ , ଦଭେ, କବାଟଘାଇ, କୁଳିପାଳ, ଇତ୍ୟାଦି ରେଞ୍ଜ ରେ ଶହେ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ କୁଳିପାଳ ଠାରେ ରେକର୍ଡ ପରିମାଣ ୩୬୨।୪୫ ମିମି ବର୍ଷା ହୋଇଛି। ଜିଲ୍ଲାର ୧୨ ଟି ବ୍ଲକର ନଦୀକୂଳ ଓ ତଳି ଅଞ୍ଚଳ ରେ ପ୍ରଶାସନ ପକ୍ଷରୁ ନଜର ରଖଯାଇଛି। ବନ୍ୟା ମୁକାବିଲା ପାଇଁ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ପ୍ରଶାସନ ସହିତ ୨ଟି ଅଗ୍ନିଶମ ଟିମ ଏବଂ ଗୋଟିଏ ଓଡ୍ରାଫ ଟିମ ବାରିପଦାରେ ମୁତୟନ ହୋଇଛନ୍ତି। ବାରିପଦା ମଧୁବନ ଅଞ୍ଚଳରୁ ପ୍ରାୟ ୧୦୦୦ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଉଦ୍ଧାର କରି ଖୋଲା ଯାଇଥିବା ୪ଟି ବାତ୍ୟା ଆଶ୍ରୟ ସ୍ଥଳରେ ଆଣି ଥଇଥାନ କରାଯାଇଥିବା ବେଳେ ସେମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଥିବା ଏବଂ ଜିଲ୍ଲା ପ୍ରଶାସନ ବନ୍ୟାର ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ନେଇ ସଜାଗ ରହିଥିବା ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା କହିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୭ ସେପ୍ଟେମ୍ବର ୨୦୨୬
email :
rabibarachayan2015@gmail.com

# ରବିବାର ଚୟନ



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୪୫ ରାଜା ଅଜାତଶତ୍ରୁ (ଖ)

ଆହୁରି ବି ମୁଁ ତୁମକୁ ଆଦେଶ ଦେଉଛି ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କୁ ଜ୍ୱଳନ୍ତ ଅଙ୍ଗାରରେ ଚାଲିବାକୁ ବାଧ କର।"

ଯେତେବେଳେ ରାଜା ବିମ୍ବିସାର ନାପିତକୁ ଆସୁଥିବାର ଦେଖିଲେ, ତାଙ୍କ ଗାଲ ଦେଇ ଆନନ୍ଦର ଅଶ୍ରୁ ଝରିଆସିଲା। ସେ ଭାବିଲେ, "ଶେଷରେ ମୋ ପୁତ୍ର ନିଜର ଭୁଲ୍ ବୁଝିପାରିଛି ଏବଂ ସେ ମୋତେ କାରାମୁକ୍ତ କରିବା ପୂର୍ବରୁ ମୋ ଦାଢ଼ି ଓ କେଶକୁ କାଟିବା ପାଇଁ ଜଣେ ନାପିତକୁ ପଠାଇଛି।" ମାତ୍ର ଦୁଇଜଣ ସୈନିକଙ୍କ ସହାୟତାରେ ନାପିତ ରାଜାଦେଶ ପାଳନ କଲେ ଏବଂ ମହାନ ରାଜା ବିମ୍ବିସାର ଅତ୍ୟନ୍ତ ଯନ୍ତ୍ରଣାରେ ମୃତ୍ୟୁବରଣ କଲେ।

ସେହିଦିନ ଅଜାତଶତ୍ରୁ ଖବର ପାଇଲେ ଯେ ତାଙ୍କର ପତ୍ନୀ ଏକ ପୁତ୍ରସନ୍ତାନକୁ ଜନ୍ମ ଦେଇଛନ୍ତି। ପିତା ହେବା ହେତୁ ତାଙ୍କର ମନରେ ବହୁତ ଆନନ୍ଦ ଜାତ ହେଲା ଏବଂ ତାଙ୍କ ମନରେ ଏକ ଭାବନା ବି ଆସିଲା। ସେ ତତ୍‌କ୍ଷଣାତ୍ ମାଆଙ୍କ ନିକଟକୁ ଯାଇ ପଚାରିଲେ, "ମୋତେ କୁହ ମାଆ, ମୁଁ ଯେମିତି ମୋ ପୁଅକୁ ଭଲ ପାଏ, ମୋର ପିତା କ'ଣ ମୋତେ ସେହିପରି ଭଲ ପାଉଥିଲେ?"

ତାଙ୍କ ମାଆ ପଛକୁ ବୁଲିପଡ଼ି ଦୁଃଖଭରା ଆଖିରେ ନୀରବରେ ପୁଅ ଆଡ଼କୁ ଚାହିଁ ରହିଲେ ଏବଂ ତତ୍ପରେ ଅବିଶ୍ୱାସର ସହ ଅସ୍ପଷ୍ଟ ସ୍ୱରରେ କହିଲେ, "ତୁମେ କ'ଣ କହିଲ ଅଜାତଶତ୍ରୁ? ତୁମେ ପଚାରୁଛ, ତୁମ ବାପା ତୁମକୁ ଭଲ ପାଆନ୍ତି କି ନାହିଁ?"

"ଅଜାତଶତ୍ରୁ, ଯେତେବେଳେ ତୁମେ ମୋ ଗର୍ଭରେ ଥିଲ, ମୁଁ ତୁମ ବାପାଙ୍କ ହାତରୁ ରକ୍ତ ପିଇବାକୁ ଚାହୁଁଥିଲି। ଯେତେବେଳେ ସେ ଏହା ଜାଣିଲେ ଖୁସିରେ ସେ ତୁମ ସକାଶେ ମୁଁ ରକ୍ତ ପିଇବାକୁ ନିଜ ହାତ କାଟିଦେଲେ। ଯେତେବେଳେ ଜ୍ୟୋତିଷମାନେ ଭବିଷ୍ୟତବାଣୀ କରିଥିଲେ ଯେ ତୁମେ ତୁମ ବାପାଙ୍କ ଶତ୍ରୁ ହେବ, ସେତେବେଳେ ମୁଁ ଗର୍ଭପାତ କରିବାକୁ ଉଦ୍ୟମ କରିଥିଲି। ମାତ୍ର ସେ ମୋତେ ବାଧାଦେଲେ। ପୁନର୍ବାର ଜନ୍ମ ହେବା ପରେ ମୁଁ ତୁମକୁ ମାରିବାକୁ ଚେଷ୍ଟା କଲି, ସେ ମୋତେ ବାରଣ କଲେ; ଯଦିଓ ସେ ଜାଣିଥିଲେ ଯେ ଦିନେ ତୁମେ ତାଙ୍କୁ ହତ୍ୟା କରିବ। ଏହା କ'ଣ ଭଲପାଇବା ନୁହେଁ?"

"ତୁମେ କ'ଣ ତୁମ ବୁଢ଼ାଆଙ୍ଗୁଠିରେ ଥିବା ଦାଗଟିକୁ ଲକ୍ଷ୍ୟ କରୁଛ! ତୁମ ଛୋଟବେଳର ତାହା ଏକ ପୋଡ଼ା ଦାଗ। ପୋଡ଼ା ଯନ୍ତ୍ରଣାରେ ତୁମେ ଏତେ ଜୋର୍‌ରେ କାନ୍ଦୁଥିଲ ଯେ କେହି ତୁମକୁ ଶୁଆଇଦେଇ



ପାରିଲେ ନାହିଁ। ଯେତେବେଳେ ତୁମ ବାପା ଏହା ଶୁଣିଲେ, ସେ ନିଜର ରାଜକର୍ତ୍ତବ୍ୟ ଛାଡ଼ି ତୁମକୁ ଦେଖିବାପାଇଁ ଦୌଡ଼ିଆସିଲେ। ଧୀରେଧୀରେ ସେ ତୁମକୁ କୋଳକୁ ନେଇଥିଲେ ଏବଂ ପୋଡ଼ାସ୍ଥାନର ଫୋଟକାଟିକୁ ସେ ସେପର୍ଯ୍ୟନ୍ତ ଚୋଷି ଚାଲିଲେ, ଯେପର୍ଯ୍ୟନ୍ତ ତାହା ତାଙ୍କ ପାଟିରେ ନଫାଟିଛି। ଆରେ ପୁଅ, ତୁମ ବାପା ତୁମକୁ ଭଲପାଉଥିବାରୁ ସେହି ପୂଜ, ରକ୍ତକୁ ଢୋକିଦେଇଥିଲେ। ଅଜାତଶତ୍ରୁ, ସେ କିପରି ତୁମକୁ ଭଲ ପାଉନଥିଲେ? ମୋତେ କୁହ ଅଜାତଶତ୍ରୁ, ତୁମ ବାପା ତୁମ ପାଇଁ ଯାହା କରିଥିଲେ, ତୁମ ପୁଅ ପାଇଁ ତୁମେ କ'ଣ ତାହା କରିପାରିବ? ଆଉ ତୁମେ ତ ବାପାଙ୍କ ମୃତ୍ୟୁ ଚାହୁଁଛ?"

ଏକଥା ଶୁଣି ଅଜାତଶତ୍ରୁଙ୍କ ନୟନ ଅଶ୍ରୁସିକ୍ତ ହୋଇଗଲା। ସେ ରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଲେ, "ଦୌଡ଼ ଦୌଡ଼, ମୋ ପିତାଙ୍କୁ ମରିବା ପୂର୍ବରୁ ମୁକ୍ତ କର।" କିନ୍ତୁ ସେମାନଙ୍କ ମଧ୍ୟରୁ କେହି ହଲିଲେ ନାହିଁ। "ଯାଅ, ମୁଁ ତୁମକୁ ଆଦେଶ ଦେଉଛି ମୋ ବାପାଙ୍କୁ ମରିବା ପୂର୍ବରୁ ମୁକ୍ତ କର।" ଅଜାତଶତ୍ରୁ ଚିତ୍କାର କଲେ।


ତତ୍ପରେ ତାଙ୍କ ପରାମର୍ଶଦାତା ଆଗକୁ ଚାଲିଆସି ଧୀରେଧୀରେ କହିଲେ, "ମହାରାଜ, ଆପଣଙ୍କ ବାପା ଆଜି ସକାଳେ ମୃତ୍ୟୁବରଣ କରିଛନ୍ତି।" ଅଜାତଶତ୍ରୁ ଆଣ୍ଠୁମାଡ଼ି କାନ୍ଦିଚାଲିଲେ ଯେପର୍ଯ୍ୟନ୍ତ ତାଙ୍କ ଶରୀର ଖୁବ୍ ଜୋର୍‌ରେ କମ୍ପି ନଉଠିଛି। କହି ଉଠିଲେ, "ମୋତେ କ୍ଷମା କରିଦିଅ ପିତା। ଦୟାକରି ମୋତେ କ୍ଷମା କରିଦିଅ।"

ଅଜାତଶତ୍ରୁ ପିତାଙ୍କ ପ୍ରେମ କ'ଣ ତାହା କେବଳ ସେତେବେଳେ ବୁଝିପାରିଲେ ଯେତେବେଳେ ସେ ନିଜେ ପିତା ହେଲେ। ରାଜା ବିମ୍ବିସାର ଚତୁର୍ମହାରାଜିକଙ୍କ ସ୍ୱର୍ଗରେ ଦେବତା ଭାବରେ ପୁନର୍ଜନ୍ମ ନେଇଥିଲେ।

(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ,
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ,
ବାଲେଶ୍ୱର
ମୋ: ୯୪୩୭୭୩୭୧୯୬୮

## ମିନିଗଳ୍ପ-୨୩



### ମାମଲା (ବ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ସେ ଭଉତୁବଡ଼ ପଣ୍ଡିତ। ଉତ୍କଳଦେଶରେ ବେଶ ନାମକରା। ଗାଁ'ରେ ବି ଜବର ପତିଆରା। ମନେକରନ୍ତୁ ସେ ହେଲେ ବାମନ ପଣ୍ଡିତେ।

ପଣ୍ଡିତେ କାଶୀନଗ୍ରରୁ ବିଦ୍ୟାବାଗୀଶ ଜ୍ୟୋତିଷ ବାଚସ୍ପତି ଉପାଧି ପାଇ ଯେତେବେଳେ କଟକରେ ପହଞ୍ଚିଲେ, ସେତେବେଳେ ମହତାବେ ତାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କ ପାଇଁ ପ୍ରଜାତନ୍ତ୍ର କାର୍ଯ୍ୟାଳୟ ପରିସରରେ ରହିବା ପାଇଁ ଘରଟିଏ ଯୋଗାଇଦେଲେ ତାଙ୍କ ନାମରେ। ଗାଁ'ରେ ପଣ୍ଡିତଙ୍କ ରାଜୁତି କାହିଁରେ କ'ଣ। ଯୋଗକୁ ଜଣେ ଡାହାଣ ହାତିଆ ମିଳିଗଲେ ତାଙ୍କ ପାଖରେ। ନାମଟି ଧରନ୍ତୁ ଧୂଳି ଜେନା। ଗାଁ'ସାରା ଲୋକ କହି ବୁଲିଲେ 'ବାମନ ପଣ୍ଡିତ ରଜାକୁ ଧୂଳି ଜେନା ମନ୍ତ୍ରୀ'।

ସବୁ ସମସ୍ୟାକୁ ସମାଧାନ କରେ ପଣ୍ଡିତଙ୍କ ଦରବାର। ସବୁ ନହାବ କଥାକୁ କରି ଦେଖାଏ ପଣ୍ଡିତଙ୍କ ବଡ଼ପଣ। ପଣ୍ଡିତେଙ୍କ ରସାଳଗଛରେ ସାହି ଝୁଅଙ୍କ ପାଇଁ ଲାଗେ ବାଉଁଶଦୋଳି। ପଣ୍ଡିତଙ୍କ ଘରସାମନା ବିଲରେ ପଣ୍ଡିତ ବନେଇଦେଲେ ମଣିଷ ଉଁଚା ଚଉରା, କୂଅ ଖୋଳିଦେଲେ ସାଇ ମାଇପେଙ୍କ ପିଇବାପାଣି ସମସ୍ୟାକୁ ଦେଖି। ଚାରିକଡ ଚଉତରା କରି ସିମେଣ୍ଟେ ବେଞ୍ଚ ତିଆରିଦେଲେ ବସାଉଠା କରିବା ପାଇଁ ସଞ୍ଜସକାଳେ। ଚଉକତି ବାଇଗବାଡ଼ ଘେରାଇ ସୁନ୍ଦର ଫୁଲବଗିଚାଟିଏ ସରଜିଲେ। ସାଇର ସବୁ ମଣିଷଙ୍କ ହାରିଗୁହାରିକୁ ପଣ୍ଡିତେ ନରହରି।

ପଣ୍ଡିତ ଅପୁତ୍ରକ ଥିଲେ। ଧାମ ରଖିବାକୁ ଭାଗିନେୟଙ୍କୁ ଆଣିଲେ ପୁଅ ଆଦିରି। ଭଉଣୀ ରତ୍ନମାଳା, ଭିଣୋଇ ରତ୍ନାକର। ସମସ୍ତେ ଡାକନ୍ତି ରତନାରତନୀ। ଭଉଣୀ ପାଇଁ ଡିହଟେବି ଲେଖିଦେଲେ ପଣ୍ଡିତେ। ଲୋକେ ବୋଇଲେ ରତନୀ ଡିଅ।

ପଣ୍ଡିତଙ୍କ କୌଣସି ଏକ ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିଲେ ଗାଁ'ଲୋକ। ଏମାନେ ଅକଳକୁ ଦାଉ ସାଧନ୍ତି। ପୁନିଅଁପରବ ମଡାମୃତିକିଆଙ୍କୁ ଅକଡାନ୍ତି। ଗୃହକର୍ତ୍ତା ପାଳଦଉଡି ପକାଇ ଲମ୍ବଜାଲ ହୋଇ ପଡିଲେ ଭାଙ୍ଗେ ମାନ। ଖୁଆଖୁଇ ହୁଅନ୍ତି ପାନ। ଏଇ କଥାଟି କଉଁ ନୂଆ କି?

ପଣ୍ଡିତଙ୍କ ନାତି ହେଲା ଭାଗିନେୟଙ୍କ ଔରସରୁ। ସେଇ ଗୋଟିଏ। ସେ ବଢି ସଂସାର କଲେ। ତାଙ୍କର ନାତୁଣୀ ବୋହୂର ପହିଲିପୋଖତି ବେଳକୁ ଅତି ସରାଗରେ ଶାଶୁଘର ଗାଁ'ରୁ ଆସିଲା ରତନୀବୁଢ଼ୀ। ପହିଲିପୋଖତି ପୁଅଛୁଆ। ରହିଲାନି ବାଳୁତ। ପଣ୍ଡିତଙ୍କ ପରିବାରରେ କାନ୍ଦବୋବାଳି। ତହିଁକି ଆଉ ଗୋଟେ ଅଲକ୍ଷଣ ଘଟିଲା। ବାଡି ଠାକୁରାଣୀ ନେଇଗଲେ ରତନୀ ବୁଢ଼ୀକୁ। ପଣ୍ଡିତଙ୍କ କାନମୁଣ୍ଡା ଝାଁ ଝାଁ ବାଜିଲା। ଭଲାରେ ଭଲା। ଥିଲା ତ ଥିଲା। ଆଇଲା କିଆଁ। ଏଇନା ଶବସତ୍କାର ହବ କେମିତି?

ବୁଢ଼ୀଙ୍କର ପୁତୁରା ମୁରଲୀଧର। ତାଙ୍କର ବି ବେଶ ପତିଆରା। ମୁରଲୀଧର ମା' ଛେଉଣ୍ଡ ହେଇଗଲା ପରେ ରତନୀବୁଢ଼ୀ ତାଙ୍କୁ କୋଳେଇ କାଖେଇ ମଣିଷ କରିଥିଲା। ଏଣୁ, ବିରିଣା ରତନୀ ବୁଢ଼ୀଙ୍କୁ ଡାକନ୍ତି ମୁରଲୀମା'।

ତାଙ୍କୁ ଡକାଇଲେ ପଣ୍ଡିତେ। ସେ ଥାଟବାଟ ଧରି ପହଞ୍ଚିଲେ। କୁଟୁମ୍ବ କିନ୍ତୁ ଅକଡେଇଛନ୍ତି। କ'ଣ କରାଯିବ। ସାହିରୁ ଗୋସେଇଁଙ୍କୁ ଡକା ହେଲା। ନିକଟସ୍ଥ ଗ୍ରାମରୁ ଆସିଲେ ପଣ୍ଡିତଙ୍କର ଆଉ ଜଣେ ସୁନାମଧନ୍ୟ ଆତ୍ମୀୟ। ମନେ କରନ୍ତୁ ତାଙ୍କ ନାମ ଗଙ୍ଗାଧର। ମୁରଲୀଧର ଗଙ୍ଗାଧର ଗୋସେଇଁ ଆଦି ପଣ୍ଡିତଙ୍କ ପ୍ରିୟଜନ। ମାମଲା ଗୁରୁତର। ଶବସତ୍କାର ହେବ କେମିତି?

ପରିଶେଷରେ ଏମାନେ କୁଟୁମ୍ବଜନ ଓ ଗାଁ'ବାଲାଙ୍କୁ ବଡ଼ପାଟିରେ କଥାପଦିଏ ଶୁଣେଇ ଦେଲେ।

'ପଣ୍ଡିତଙ୍କ ଭଉଣୀ ନୁହେଁ ମୁରଲୀଧର ମା'ଙ୍କୁ ସତ୍କାର କରିବାକୁ ପଡିବ। ନକଲେ ଆମ ପଡା କୁଣିଆଚରଚା କରି ଶିଖିନାହାନ୍ତି ବୋଲି ନାକେରା ଅପବାଦଟେ ଚରିଯିବ। କ'ଣ କହୁଚ ଭାଇମାନେ?'


ସମସ୍ତେ ଉଠିଲେ ହୁଁ'କିନା। ମାନ ଭାଙ୍ଗିଲା। ପାନ ଖିଆଖିଇ ହେଇ କୋକେଇ ଉଠେଇଲେ କୁଟୁମ୍ବ।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ,
ପୁରୀ, (ମୋ) ୯୭୭୬୫୪୬୧୩୦

## କବିତା...

### ଲୁହରେ ଅସ୍ତ ହୁଏନି ସୂର୍ଯ୍ୟ

**ସୁଶୀଲ କୁମାର ପାଣିଗ୍ରାହୀ**



ସେ ଲୁହ ଭିତରେ
କଣ ଅଛି
ଗାଢ଼ ନୀରବତା
ଅଛି ଅନ୍ତିମ ଶ୍ୱାସ
ଅଛି ଭୟାର୍ତ୍ତ ସ୍ପନ୍ଦନ
ଗୋଟେ କଳସ ଭର୍ତ୍ତି
ଅସ୍ଥି ,ପାଉଁଶ ....

ସେ ଲୁହ ଭିତରେ
ଖୋଜିଲେ ମିଳେ
ତାଜା ଆଦିମ ଅନ୍ଧାର
ସଭ୍ୟ ଦୁନିଆଁରୁ
ହଜି ଯାଇଛି ବୋଲି ଭାବୁଥିବା
କରୁଣ ଆର୍ତ୍ତଚିତ୍କାର

ପଶୁତ୍ୱର ଦାନ୍ତ ନଖ ଚିହ୍ନ
ନାରୀ ଅସ୍ମିତାର
ବିପର୍ଯ୍ୟସ୍ତ ଅସ୍ତିତ୍ୱ
ଈଶ୍ୱରଙ୍କ ପାଖରେ
ପହଞ୍ଚି ନ ଥିବା ପ୍ରାର୍ଥନା

ସେମିତି ଲୁହ କଣ ଶୁଖିଯାଏ
କେବଳ ସତ କାହାଣୀଟିଏ ହୁଏ
ଅଭିଶପ୍ତ ସମୟର କ୍ଷତ
ଏ ସଭ୍ୟତାକୁ କରେନାହିଁ ପ୍ରଶ୍ନ?

ସୂର୍ଯ୍ୟ କଣ ଅସ୍ତ ହେଇଯାଏ
ଲୁହ ଭିତରେ ?

ସେଇ ଲୁହ ଭିତରେ ଅଛି
ନିଆଁ
ତା ସହ ଖେଳିଲେ

ସେ ଅଥୟ, ଅମାନିଆ
ଦୀପଶିଖାର ବି ତାକତ ଥାଏ
ଛାତକୁ ଲମ୍ବିଯିବାକୁ
ମାଟିରେ ପଡିରୁହେନା
ବୀଜ ବି ହୁଏ
ନିଆଁଗଛ ହେଇ
ଅଙ୍କୁରିତ ହୁଏ ଛାତିରେ
ଛାତିରେ।

♥ କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ-୨୦୩
ଜଲାନ ଗଳି, ସମ୍ବଲପୁର-୨
(ମୋ) :୮୧୪୪୨୨୮୨୦୨

### ଏବେ ଏବେ ମୋହଭଙ୍ଗ

**ଡ. ଶ୍ରୀଧର ସାମଲ**



ଏ କେଉଁ ସଂପର୍କ
ଯେଉଁଠି ବର୍ଷିବା ଆଗରୁ
ମେଘମାନେ ଶାଢି ବଦଳାନ୍ତି,
ପାଲଟିଯା'ନ୍ତି ବରଫଖଣ୍ଡ
ଟଳମଳ କରି ଭାବନା ରାଜ୍ୟକୁ।

ଅସ୍ତବ୍ୟସ୍ତ କରିଦିଅନ୍ତି
ଭାଙ୍ଗିଯାଏ ବିଶ୍ୱାସର ବନ୍ଧ,
ଅନୁଭବର ନିଭୃତ କୋଣକୁ,
ଆନ୍ଦୋଳିତ କରି
ଦୋ'ଛକିରେ ଅଟକିଯାଏ ପାଦ,
ଚଉହଦୀ ଧୂମ୍ରାଭ ଦିଗନ୍ତ।

ସେ ତ ଥିଲା କକ୍ଷଚ୍ୟୁତ
ଉଲ୍‌କା ପିଣ୍ଡଟିଏ
ନିରୁଦ୍ଦିଷ୍ଟ ଠିକଣାରେ
ବାଷ୍ପୀଭୂତ କୋହଟିଏ,
ବସନ୍ତର କୁହୁକୁହୁ ରାତିଟିଏ
ଆତ୍ମୀୟତାର ଦ୍ୱାହିରେ
ଚୁକ୍ତିବଦ୍ଧ ରାହାଟିଏ,
ଆଉ ଏବେ ମାଗିବିନି
ହସରୁ ଚେନାଏ ।

ଶବ୍ଦର ମହମ ଦେଇ ଆଙ୍କିବିନି
ନିର୍ଜୀବ ମୂର୍ତ୍ତିକୁ ଜୀବନ୍ୟାସ ଦେଇ
ଗଢ଼ିବିନି ମୃଣ୍ମୟ ସ୍ୱପ୍ନକୁ,
ଖୋଜିବିନି ହୃତ ଅତୀତକୁ,
ଗଣିବିନି ଉଡୁଥିବା
ପକ୍ଷୀର ପରକୁ।

ଏବେ ତ କାହିଁ ଆଉ ଶୁଭୁ ନାହିଁ
କୁହୁ କୁହୁ ରାବ?
ବସନ୍ତ ଆସୁନି ଆଉ
ବିଞ୍ଚିବାକୁ ରଙ୍ଗ,
ଶ୍ରାବଣରେ ନାହିଁ
ଆଉ ବର୍ଷାର ଆବେଗ...
ନିର୍ମେଘ ଆକାଶସାରା
ଛାଇଗଲାଣି ଧୂସର ବାଦଲ,
ହେଲା ବୋଧେ ମୋହ ଭଙ୍ଗ,
ବର୍ଷିବ ବର୍ଷିବ କହି
ଲୁଚକାଳି ଖେଳିବାରେ ମଗ୍ନ,
ଜହ୍ନରେ ଲାଗିଲା ବୋଧେ
କଳଙ୍କର ଦାଗ।

♥ ସଂପାଦକ : ମୌସୁମୀ
କେନ୍ଦ୍ରାପଡା
(ମୋ) ୯୪୩୭୬ ୦୭୯୯୭

### ପାଉଁଜିର ପାଣ୍ଡୁଲିପି-୩୪

**ବିପିନ ମହାନ୍ତି**

## ଲୁହର ଚାଖଣା



ସଜନୀରେ ଆଉ ସଜାନା ସଜାନା ଏ' ରାକା ରଜନୀ ଆଉ
ଖୋଲିଦେ ଖୋଲିଦେ ତୋ' ପାଦ ପାଉଁଜି ସୁରା ବି ସେତିକି ଥାଉ
ଶେଷ ରାତିର ଏ' ଶେଷ ଯବନିକା ପଡ଼ିବା ଆଗରୁ ସଖୀ
ଆ' ଏ' ରାତିର ପ୍ରୀତିର ଠିକଣା ନୂଆକି ରଖିବା ଲେଖି।

ମୁଜୁରାରେ ତୋ'ର ପାଦର ଘାଗରା କିଣୁଥିଲାବେଳେ ମନ
ନିଶାରେ ଖୋଜେ ମୁଁ ଗଜରା ତଳୁ ତୋ' ଜୀବନର ଅଭିମାନ
ଜଳୁଛି ତ ଜଳୁ ବଇଠାରେ ଦୀପ ଆଲୋକର ଅଧିବାସେ
ଫିକା ଅନ୍ଧକାରେ ତୋ' ଆଖିର ଅଶ୍ରୁ ଜଳଜଳ ମୋତେ ଦିଶେ।

ଲୁହରେ ପରଷୁ ପିଆଲାଏ ଖୁସି ରଖୁ କିଛି ଆଖିକୋଣେ
ମୁଁ ପରା ପ୍ରେମିକ ଲୁହ ଲୁଚେଇବା କଳା ଭଲକରି ଜାଣେ
ତୁ ସିନା ପିଆଉ ନିଶାଢ଼ିଟା ଭାବି ମୁଁ କିନ୍ତୁ ଜାଣିକି ପିଏ
ସିଏ କି ପ୍ରେମିକ ଲୁହ ଓ ଲହୁର ଫରକ ବୁଝେନା ଯିଏ।

ଲୁହ ବଦଳରେ ତୋ' ଓଠର ମହୁ ପେଇଦେ ପେଇଦେ ଥରେ
ଆଜି ଏ ରାତିକ ଛାତିରେ ଜଡ଼ାଇ ରଖିଦେ ତୋ' ଅନ୍ତଃପୁରେ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ରୁଗଣ୍ ଗଣତନ୍ତ୍ର

**ସିଦ୍ଧେଶ୍ୱର ପଣ୍ଡା**



ଆମେ ସଭିଏଁ ଗାଢ ଅନ୍ଧାରରେ.. !

କାହିଁ ଜୀବନର ସଂରଚନା
କାହିଁ ଭଲପାଇବାର ଗୀତ
ଯେଉଁମାନେ ନିଷ୍ପେସିତ ମଣିଷ
ନିହାତି ସାଧାରଣ ଜର୍ଜରିତ
ସେମାନଙ୍କୁ ଦିଆଯାଏ ନାହିଁ
ବଞ୍ଚିବାର ଅଧିକାର
ରାଜନୀତିର ଜଟିଳତା ଭିତରେ
ଚିରଦିନ ସେମାନେ ହିଁ ହନ୍ତସନ୍ତ ।

ଶାସନ ଆଳରେ
ବୌଦ୍ଧିକ ସିଦ୍ଧାନ୍ତ ନା'ରେ
ନିର୍ଦ୍ଦୋଷ ମଣିଷମାନେ

କାହିଁକି ଅସହାୟ
କାହିଁକି ସେମାନେ ଦୁଃଖ ପାନ୍ତି
ସଂସାରରେ ?

କାହିଁକି ଆତଙ୍କର ଜୁଲମରେ
ଛଡେଇ ନିଆଯାଏ ସେମାନଙ୍କର ଅସ୍ମିତା
କେଉଁଥି ଲାଗି ଏତେବର୍ଷ ଧରି
ସେମାନଙ୍କୁ ଫୋପାଡି ଦିଆଗଲା
ଭୋକ ଶୋଷ ଅନ୍ଧାର ଭିତରକୁ
ଏ ସବୁ ପାଇଁ ଦାୟୀ ନୁହେଁ ଦାରିଦ୍ର୍ୟ
ବରଂ ଗଣତନ୍ତ୍ର ର ବଡପଣ୍ଡା ମାନଙ୍କ
କପଟ ଷଡଯନ୍ତ୍ର ।

ଆପଣ କୁହନ୍ତୁ ତ ,
କେତେ ବର୍ଷ ଆଉ ସେମାନେ ରହିବେ
ଅନ୍ଧାରରେ ?

କେତେବର୍ଷ ପରେ ବୁଝିବେ ସ୍ୱାଧୀନତା
ଡରି ମରି କେତେ କାଳ
ପୋକ ମାଛି ଭଳି ପଡି ରହିବେ
ଜଙ୍ଗଲି ମାଟି ପରି ନୀରବରେ ?

♥ ନମକନା, ରେଳା
ବାଲିଆପାଳ
ଜଳେଶ୍ୱର - ୭୫୬୦୨୬
ମୋ - ୯୧୭୮୧୫୩୯୬୨

### ଇଚ୍ଛା

**ମୂଳ ହିନ୍ଦୀ - ଭାନୁପ୍ରକାଶ ରଘୁବଂଶୀ**
**ଅନୁସୃଜନ - ଗଜାନନ ମିଶ୍ର**



ବହୁତ କୁହାଗଲା ମତେ
ଦେବତାଙ୍କ ବିଷୟରେ
ଏପରିକି ତାଙ୍କ ଇଚ୍ଛାବିନା
ହଲେ ନା ପତ୍ର ବି।

ଦେବତା ରାଗନ୍ତି ଯେବେ
ହଇଚଇ ଚାରିଆଡେ;

ଖୁସି ହୋଇ ଦିଅନ୍ତି ଆମକୁ
ଧନ ଧାନ୍ୟ ଦୀର୍ଘ ଆୟୁଷ।

ଦେବତାଙ୍କଠୁ ବେଶୀ
କୁହାଗଲା ଅସୁର ବିଷୟରେ
ଆଉ ଶେଷରେ ଦେବତାଏ
ରଖନ୍ତି ଆୟତ୍ତରେ ଅସୁରଙ୍କୁ।

କୁହାଗଲା ନାହିଁ କିଛି
ମଣିଷ ବିଷୟରେ ମତେ,
ଚାହୁଁଥିଲି ଜାଣିବାକୁ ବହୁତ
ମଣିଷ ବିଷୟରେ ମୁଁ ।

♥ ତପୋବନ,
ଟିଟିଲାଗଡ,
ବଲାଙ୍ଗିର
(ମୋ) ୯୪୩୭୩୬୬୬୪୪

### ॥ ଗୀତ ॥

**ଡ. ରଜନୀ ରଂଜନ**



ହଜିଥିଲା ନିଦ ମୋର ହଜିଥିଲା ସ୍ୱପ୍ନସାଥେରାତି
ଲେଉଟାଣି ଖରା ସାଜି ତୁ ଦେଲୁ ମିଠା ମିଠା ତାତି
ହଜିଥିଲା ପାଦମୁଦି ରୁପାର ପାଉଁଜି
ପୋଖରୀପାଣିରୁ ମତେ ଦେଲୁ ଆଣି ଖୋଜି
ପ୍ରେମ ପରା ଏଇମିତି
ସରେ ନାହିଁ ମରେନାହିଁ /ଜଳୁଥାଏ ଜାଳୁଥାଏ ନିତି।
ଲେଉଟାଣି ମେଘସାଜି ଆସିଛି ମୁଁ ଫେରି
ସଜାଇ ରଖିଛି ତୋପାଇଁ ଫୁଲର ସବାରୀ
ଅସହଣି ଏ ଦୁନିଆ ଲାଗେ ଭାରି ଡର
ଭାଙ୍ଗିଦେବ କାଳେ ଆମ ସପନର ଘର ମରଣକୁ ନାହିଁ ଡର
ତୁ ଥିଲେ ସାଥେ ମୋର ସୁଖର ପାହାନ୍ତି।

♥ ବାଳକାଟୀ, ଖୋର୍ଦ୍ଧା
(ମୋ)୯୩୩୭୨୬୧୦୭୫

### ଯୌତୁକ

**ଶମ୍ଭୁନାଥ ନାୟକ**



ସେ ମାଗିଲା ଜହ୍ନ,
ଆଉ ମୁଁ ତା ଦେହେ ବୋଳିଦେଲି
ଗୋଟାପଣ କିରଣ।
ସେ ଖୋଜିଲା କିଛି ସୁନା-ରୂପାର ଚମକ,
ସଞ୍ଚିଥିବା ରକ୍ତ ସବୁ
ଅଜାଡ଼ି ଦେଲି ତା' ପାଦତଳେ !!

ସେ ମାଗିଲା ଗାଡ଼ି,
ଘର ଆଉ ସାମ୍ରାଜ୍ୟର ସୁଖ,
ଜମିଦାର ପାଖେ ନିଜକୁ ବନ୍ଧା ରଖି
ଭରିଦେଲି ତା' ଲୋଭର ପାତ୍ର !

ମୁଁ ଭାବିଥିଲି,
ଏଥରକ ମନ ବୁଝିଯିବ, ପ୍ରେମ ଜାଗିବ
ହେଲେ ଧୂସର ଡୋଳା ଦେଖିଲାନି
ମୋ ସ୍ୱାଭିମାନର ମୂଲ୍ୟ,
ଲୋଭର ଛଞ୍ଚାଣ ଆଖି ପା !
ମୋ ଆକାଶର କୋଟିଏ ତାରା ଦେଲି
ରୂପା ଫରଫର ଜହ୍ନଟେ ଦେଲି

ହେଲେ ସେ ଅନ୍ଧାରକୁ ବାଛିଲା !!

ଆହା ! ସେ କିରଣରେ ବି ନିଆଁ
ଯେଉଁଠି ମୋ ପଗଡ଼ି
ଆଉ ମୋ ସପନ ଦୁହେଁ
ଜଳୁଛନ୍ତି ଅନାୟାସରେ !!

♥ କୁରୁଣ୍ଟି, ଢେଙ୍କାନାଳ
(ମୋ) ୮୦୧୮୪୨୫୭୬୪

# ମୂଲ୍ୟାୟନ ପଦ୍ଧତି ଯେପର୍ଯ୍ୟନ୍ତ ନିରପେକ୍ଷ ଓ ନିର୍ବିବାଦୀୟ ନହୋଇଛି, ସେପର୍ଯ୍ୟନ୍ତ ପୁରସ୍କାରରେ ବିବାଦ ରହିବ : ଡ. ସୁମିତ୍ରା ମିଶ୍ର

**ଡ. ସୁମିତ୍ରା ମିଶ୍ର** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତର ଗୋଟେ ଚିହ୍ନା ନାଁ । ସେ ଏକାଧାରରେ ଜଣେ କବି, ଗାଳ୍ପିକା, ଔପନ୍ୟାସିକା, ନାଟ୍ୟକାର, ଶିଶୁସାହିତ୍ୟିକା, ପ୍ରାବନ୍ଧିକା ଓ ସଫଳ ଅନୁବାଦିକା । ନିଜ ଲେଖାମାନଙ୍କରେ ସମାଜର ନିଚ୍ଛକ ଚିତ୍ର ଆଙ୍କନ କରି ସେ ତିଆରି କରିଛନ୍ତି ନିଜ ସୃଜନର ପୃଥିବୀ । କୁନ୍ତଳା କୁମାରୀଙ୍କ 'ଶେଫାଳୀ ପ୍ରତି' କବିତାରୁ ପ୍ରେରଣା ଗୋଟେଇଥିବା ଡ. ମିଶ୍ର ଇଂରାଜୀ ବିଭାଗର ଅଧ୍ୟାପିକା ଥାଇ ଓଡିଆ ସାହିତ୍ୟ ପ୍ରତି ରୁଚି ରଖିବା ଓ ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିବା, ଓଡିଆ ସାହିତ୍ୟ ପାଇଁ ସୌଭାଗ୍ୟର ବିଷୟ । "ଭାଷା ବଂଚେ କଥାରେ, ଲେଖାରେ ନୁହେଁ" ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **ସାହିତ୍ୟ ପ୍ରତି ଆକୃଷ୍ଟ ହେଲେ କେମିତି ?**

■■ ଶିକ୍ଷା ଜୀବନ ଆରମ୍ଭରେ ବର୍ଣ୍ଣବୋଧର ପଦ ସବୁ ମଖସ୍ଥ କରିବା ବୋଧହୁଏ ସାହିତ୍ୟ ପ୍ରୀତି ଉନ୍ମେଷର ପ୍ରାରମ୍ଭ। ତାପରେ ହାଇସ୍କୁଲ ପର୍ଯ୍ୟନ୍ତ ସାହିତ୍ୟ ବହିରେ ପଢାଯାଉଥିବା କବିତା ସବୁ ପଢି ବୁଝିବା ଦ୍ୱାରା ଅବଚେତନ ମନରେ କବିତାରେ ଚିତ୍ରକଳ୍ପ ସହ ଅନ୍ୟାନ୍ୟ ଅଳଂକାରମାନଙ୍କ ପ୍ରୟୋଗ ବିଧି ମନକୁ ଉଚ୍ଚାଟିତ କରିଥିଲା । ବିଶେଷ ଭାବରେ, ଗଂଗାଧର ମେହେରଙ୍କ 'ମଂଗଳେ ଅଇଲା ଉଷା', 'କାଳିଜାଈ', 'ଉଠ କଂକାଳ', 'ଚିଲିକା', 'ଦରବାର' ଆଦି କବିତା ହୃଦୟକୁ ମୁଗ୍ଧ କରିଥିଲା ତା' ଆବେଗ, ରସ , ଛନ୍ଦ ଓ ସାଂଗୀତିକତାରେ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋର ସାରସ୍ୱତ ପ୍ରେରଣା ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ । ତାଙ୍କ କବିତା 'ଶେଫାଳି ପ୍ରତି'ର କେଇ ଧାଡି 'ତୋହ ପରି ଛୋଟ ମୁହିଁ ତୋହ ପରି ଅଳୀକ/ ହସେ, ବାସେ, ରସେ ମାତ୍ର ଫୁଟିଅଛି ଘଡିକ। ମାଟିରେ ମିଶିବୁ ତୁହି, ମାଟିରେ ମିଶିବି ମୁହିଁ ତଥାପି ମୋ ଆତ୍ମା ଫୁଲ ନଯିବରେ ମଉଳି/ ତେଣୁ ଆଶା ବହି ଦିନ କାଟେ ଗଗଂଶିଉଳି"। "ଫୁଟିବି ମୁଁ ଚିରଦିନ ନହେବିରେ ବିନାଶ" ପରେ ପଦ୍ମଶ୍ରୀ ବୀଣାପାଣି ମହାନ୍ତି ଓ ପଦ୍ମଭୂଷଣ ପ୍ରତିଭା ରାୟଙ୍କର ଲେଖା ମୋତେ ଗଦ୍ୟ ଲେଖାରେ ବହୁତ ପ୍ରଭାବିତ କରିଛି। କବିତାରେ ମୁଁ ରାଧାନାଥ ରାୟ ଓ ଗଂଗାଧର ମେହେର ଓ ପରେ ମନୋରମା ମହାପାତ୍ରଙ୍କ ଦ୍ୱାରା ପ୍ରଚୋଦିତା ହୋଇଛି। ନାଟକରେ ମୋର ମୁଖ୍ୟ ପ୍ରେରଣା ହେଉଛନ୍ତି ନାଟ୍ୟକାର ଗୋପାଳ ଛୋଟରାୟ । ସାଂପ୍ରତିକ ଲେଖକ/ ଲେଖିକାଙ୍କ ମଧ୍ୟରୁ ମୋର ପ୍ରିୟ ଓ ନମସ୍ୟ ପଦ୍ମଶ୍ରୀ ସଚ୍ଚି ରାଉତରାୟ, ଯିଏ ୧୯୭୬ ମସିହାରେ ମୋର କବିତା ଡାଏରୀରୁ କିଛି ପଢି ପ୍ରଶଂସା କରିବା ସହ ପ୍ରେରଣା ଦେଇଥିଲେ ଲେଖିବା ପାଇଁ ଓ ନିଜର ଖଣ୍ଡିଏ କବିତା ବହି ଉପହାର ଦେଇଥିଲେ। ସେତେବେଳେ ମୁଁ ରେଭେନ୍ସା ମହିଳା ଛାତ୍ରୀନିବାସର ବାର୍ଷିକ ମୁଖପତ୍ର "ଅୟସ୍କାନ୍ତ"ର ସଂପାଦିକା ଥାଇ ତାଙ୍କର ସାକ୍ଷାତକାର ନେବାକୁ ଯାଇଥିଲି ତୁଳସୀପୁର ତାଙ୍କ ଘରକୁ । ସେ ଦିନଟି ମୋ ସ୍ମୃତିରେ ଚିର ଅଭୁଲା।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ଉତ୍ସାହିତ କରନ୍ତି ଆପଣଙ୍କ ଲେଖକୀୟ ଜୀବନକୁ ?**

■■ ମୋର ସାହିତ୍ୟ ସରାଗ ଉନ୍ମେଷରେ ସାହାଯ୍ୟ କରିଥିଲା ଆମ ଗାଁ ଧାତ୍ରିଗଡିଆ ଶାସନର ଛୋଟ ଲାଇବ୍ରେରୀ ଓ ଆମ ଘରେ ଥିବା ଫିଲିପ୍ସ ରେଡିଓ। ଆମ ଲାଇବ୍ରେରୀରେ ଥିବା ଅନେକ ବହି ପଢିବା ସହ ମୁଁ ପଢୁଥିଲି ପାଖ ଗାଁରେ ଥିବା ଲାଇବ୍ରେରୀର ବହି, ପାଠ ବହି ତଳେ ଲୁଚାଇ, ରାତି ଅନିଦ୍ରା ହୋଇ, ଡିବିରି ଜାଳି। ମୁଁ ଯାହା କିଛି ଛପା ଯାଇଥିବା କାଗଜ ପାଉଥିଲି ପଢୁଥିଲି। ମୋର କଲେଜ ପଢୁଥିବା ବଡ ଭାଇମାନେ ଘରକୁ ଆଣୁଥିବା Mirror, Competition Master, Picture Post ,Wisdom ଠାରୁ ଜହ୍ନମାମୁଁ, ନବରବି, ଝଙ୍କାରକୁ ମୁଁ ସ୍କୁଲ ବେଳେ ପଢୁଥିଲି । ରାଧାନାଥ ରାୟଙ୍କ ଗ୍ରନ୍ଥାବଳୀ ପଢୁଥିଲି ଗ୍ରୀଷ୍ମ ଛୁଟି ସାରା। ରେଡିଓର ମୁଁ ଥିଲି ଜଣେ ବିମୁଗ୍ଧା ଶ୍ରୋତା । ସବୁ ପ୍ରକାର ସଂଗୀତ ଓ ନାଟକ ଆଦି ମନଦେଇ ଶୁଣୁଥିଲି । ଗୋଷ୍ଠୀ ସଂଗୀତ ଶିକ୍ଷା ଓ ହିନ୍ଦୀ ଶିକ୍ଷା କାର୍ଯ୍ୟକ୍ରମ ମୋର ଅତି ପ୍ରିୟ ଥିଲା। ରେଡିଓରୁ ମୁଁ ଜାତୀୟତା ଓ ଉତ୍କଳର ଭାଷା ପ୍ରତି ସମ୍ମାନ ଶିଖିଥିଲି। ପରେ ୧୯୭୧ରେ ଅନୁଗୁଳ କଲେଜରେ ପଢୁଥିବା ବେଳେ ପରିଚୟ ହୋଇଥିଲା କବିରତ୍ନ ମନୋରମା ମହାପାତ୍ରଙ୍କ ସହ। ତାଙ୍କ ସୁକନ୍ୟା ଶ୍ୱେତପଦ୍ମା ମୋର ସହପାଠିନୀ ଥଲେ। ତାଙ୍କ ସହ ମନୋରମା ମାଉସୀଙ୍କ ଘରକୁ ଲିଜର ପିରିଅଡରେ ଯାଉଥିଲୁ। ତାଙ୍କ ଝିଅ ଠାରୁ ମୁଁ ଅଧିକ ନମ୍ବର ରଖୁଥିବାରୁ ସେ ମୋତେ ବିଶେଷ ଶ୍ରଦ୍ଧା କରୁଥିଲେ। ପିୟୁ ସାଇନସ୍ ପଢିବା ବେଳେ ମୋ ଲିଖିତ ଓ ପୁରସ୍କୃତ ଏକ କବିତା ଦ୍ୱାରା ପ୍ରତିଯୋଗିତାର ବିଚାରକ ଭାବେ ସେ ଏତେ ପ୍ରଭାବିତ ହୋଇଥିଲେ ଯେ ଆମ କ୍ୱାଟରସ୍ ଖୋଜି ଖୋଜି ମୋତେ ଦେଖା କରିବାକୁ ଆସିଥିଲେ । ମୋ କବିତାକୁ ପ୍ରଶଂସା କରିବା ସହ ଏହି ସୃଜନ କର୍ମ ଜାରି ରଖିବାକୁ ପ୍ରେରଣା ଦେଇଥିଲେ। ତାହାହିଁ ମୋ ଭିତରେ ଆତ୍ମବିଶ୍ୱାସ ଭରି ଦେଇଥିଲା। ବିଜ୍ଞାନ ପଢା ସାରି ୧୯୭୩ରେ ରେଭେନ୍ସାରେ ଇଂରାଜୀ ସମ୍ମାନ ନେଇ ପଢିବା ବେଳେ ଉଚ୍ଚକୋଟୀର ସାହିତ୍ୟ ସହ ପରିଚୟ ହେଲା। ମହିଳା ହଷ୍ଟେଲରେ ବହୁ ଓଡିଆ ଓ ଇଂରାଜୀ ପତ୍ରିକା ପାଠ କରିବାର ସୁଯୋଗ ମିଳିଲା। ମୁଁ ପାଠବହି ଅପେକ୍ଷା ପତ୍ର ପତ୍ରିକା ବେଶି ପଢୁଥିଲି। ପ୍ରତ୍ୟେକ ଲେଖାର ଶୈଳୀକୁ ଅନୁଧ୍ୟାନ କରୁଥିଲି। ତାହା ମୋତେ ପରେ ସାହିତ୍ୟିକା ଜୀବନରେ ବହୁତ ସାହାଯ୍ୟ କରିଥିଲା। ତେଣୁ ମୋ ହିସାବରେ ବହି ଓ ପତ୍ରିକା ହିଁ ମୋର ସାହିତ୍ୟିକା ଜୀବନର ଉନ୍ମେଷରେ ମୁଖ୍ୟ । ମୋ ସାହିତ୍ୟିକା ଜୀବନରେ ମୋ ବୃତ୍ତି ବା ପରିବାରର ଭୂମିକା ଗୌଣ । ମୁଁ ଇଂରାଜୀ ବିଭାଗର ଅଧ୍ୟାପିକା ଥିବାରୁ ଓଡିଆ ଭାଷାଠାରୁ ଦୂରେଇ ଯାଇଥିଲି । ସବୁବେଳେ ଇଂରାଜୀ ବହି, ପତ୍ରିକା ପଢୁଥିଲି। ବିଶ୍ୱ ସାହିତ୍ୟ ବିଷୟରେ ଏହା ଦ୍ୱାରା ମୋର ଜ୍ଞାନ ବଢିଥିଲା । ପରିବାରରେ କେହି କେବେ ଲେଖାଲେଖି କରିବାକୁ ପ୍ରେରଣା ଦେଇନାହାନ୍ତି ବା ଲେଖାକୁ ପ୍ରଶଂସା ବି କରିନାହାନ୍ତି। ବରଂ ବାଧା ଦେଇଛନ୍ତି। ତେଣୁ ମୁଁ ପ୍ରାୟ ରାତି ଏଗାରଟା ପରେ ସମସ୍ତେ ଶୋଇଗଲା ପରେ କବିତା ଲେଖୁଥିଲି। ଅବଶ୍ୟ ରିଟାୟାରମେଣ୍ଟ ପରେ ଘରେ ନିରୋଳା ସମୟ ମିଳିବାରୁ ଫ୍ରି ରେ ଲେଖାଲେଖି କରିପାରିଲି। ମୋର ସର୍ଜନଶୀଳତା ମୋ ଅନ୍ତର୍ଧ୍ୱନିର ପରିପ୍ରକାଶ ମାତ୍ର ।

## ■ ଅଳ୍ପରେ ଡ. ସୁମିତ୍ରା ମିଶ୍ର



ଜନ୍ମ- ୨୧-୦୩-୧୯୫୫
ପିତା - ସ୍ୱର୍ଗତ ଅର୍ଜ୍ଜୁନ ଚରଣ ଦାଶ
ମା'- ସ୍ୱର୍ଗତ ଦୁଃଖୀମତୀ ଦାଶ
ସ୍ୱାମୀ - ପ୍ରଫେସର ଗଂଗାଧର ମିଶ୍ର
ଜନ୍ମସ୍ଥାନ- ଧାତ୍ରୀ ଗଡିଆ ଶାସନ, ବାଲେଶ୍ୱର
ଠିକଣା - କୋଳଥିଆ ଭୁବନେଶ୍ୱର
(ମୋ) ୯୯୨୦୬୯୬୮୧୫

### ପ୍ରକାଶିତ ପୁସ୍ତକ

**(କବିତା)**

୧. ଉଦାସ ଗୋଧୂଳି -
୨. ମନ ମୂର୍ଚ୍ଛନା
୩. ପ୍ରୀତିପୁଷ୍ପା
୪. ବର୍ଷା ବୀଥିକା
୫.ଅନ୍ତର୍ଧ୍ୱନି
୬. ତନୁତୀର୍ଥ
୭.ସ୍ମୃତି ସିନ୍ଦୁକରେ ଆମ ଗାଁ
୮.ବିଦଗ୍ଧ ଅସ୍ତରାଗ
୯.କରୋନା କଷଣ
୧୦.ଉତ୍କଳ ବାଣୀ ନିରାଜକ
୧୧.ମା' ସେ ଅମୃତମୟୀ
୧୨.ବନ୍ଦେ ଉତ୍କଳ ଜନନୀ
୧୩.ନିତ୍ୟ ଅନିତ୍ୟ
୧୪.ଅଭିଶପ୍ତା ଈଶ୍ୱରୀ

**(ଗଳ୍ପ)**

୧. ଆହତ ଅପରାହ୍ନ
୨. ନିଶବ୍ଦ ଭଉଁରୀ
୩. ପଣତ କାନିରେ ଆକାଶ
୪. କରୋନା କବଳେ
୫. କରୋନା କାଳିକା
୬. ଭିନ୍ନ ପ୍ରଜାତିର ପ୍ରଜାପତି

**(ନାଟକ)**

୧. ପଥପ୍ରାନ୍ତେ
୨. ବାତ୍ୟାପରେ
୩. ବିସ୍ଥାପନ
୪.ସଂଜୀବନୀ
୫.କରୋନା କାଳ
( ଏକାଙ୍କିକା)
୬.ଶ୍ମଶାନରକୋହ
୭.ମଣ୍ଡି

**(ଉପନ୍ୟାସ)**

୧.ମୁଁ କରିବି ଅଂଗଦାନ

**(ଶିଶୁ ଗଳ୍ପ)**

୧.ନିଆରା ସାଥୀ

**(ଶିଶୁ କବିତା ସଂକଳନ)**

୧.ଧରା ସରଗ

**(ପ୍ରବନ୍ଧ ସଂକଳନ)**

୧.ବିଂଶ ଶତାବ୍ଦୀର ତୁଂଗ ଜନନାୟକ
୨.ବିଂଶ ଶତାବ୍ଦୀର ବିକ୍ଷୁବ୍ଧ ବିଶ୍ୱ
୩.ଦିବ୍ୟଦାରୁଙ୍କ ମାନବ ଲୀଳା

■ **ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ଆପଣ ଭାବନ୍ତି ?**

■■ ଓଡିଆ ସାହିତ୍ୟ ସ୍ଥିତିଶୀଳ ବୋଲି ମୁଁ ବିଶ୍ୱାସ କରେନାହିଁ । 'ସ୍ଥିତିଶୀଳ' ଶବ୍ଦକୁ ଆପଣ କି ଅର୍ଥରେ ବ୍ୟବହାର କରିଛନ୍ତି, ମୁଁ ଜାଣେ ନାହିଁ। ମୋ ମତରେ ଓଡିଆ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ ଉଜ୍ଜ୍ୱଳ। ଆମ ଭାଷାରେ ବହୁ ପ୍ରାଜ୍ଞ, ବିଜ୍ଞ ସାହିତ୍ୟସାଧକ ସାଧିକା ଅଛନ୍ତି, ଯେଉଁମାନଙ୍କ ସୃଷ୍ଟି କେବଳ ଭାରତୀୟ ନୁହେଁ ବିଶ୍ୱ ସାହିତ୍ୟର ସମକକ୍ଷ। ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ଓ ପଦ୍ମଭୂଷଣ ପ୍ରତିଭା ରାୟଙ୍କ ପରି ସାହିତ୍ୟିକ ଓଡିଆ ସାହିତ୍ୟ ଜଗତକୁ ସେମାନଙ୍କ ପ୍ରତିଭାରେ ପ୍ରତିଭାତ କରିଛନ୍ତି। ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାର ମୁଖ୍ୟ ଉପାୟ ଖବରକାଗଜ, ପତ୍ରିକା, ରେଡିଓ ଏବଂ ଟେଲିଭିଜନ। ଏବେ ସାକ୍ଷର, ନିରକ୍ଷର ସମସ୍ତଙ୍କ ପାଖରେ ସ୍ମାର୍ଟ ଫୋନ । ତେଣୁ ସାହିତ୍ୟକୁ ଡିଜିଟାଲ ମିଡିଆରେ ବି ପ୍ରସାର କରିହେବ। ଯୁଗେ ଯୁଗେ ସାହିତ୍ୟ ପ୍ରେମୀ ମଣିଷ ବହୁତ କମ୍। ମୋବାଇଲ ଭିଡିଓ ରିଲସ୍ ଦେଖି ସାନ ବଡ, ଯୁବକ ବୃଦ୍ଧ ସମସ୍ତଙ୍କ ସମୟ କଟୁଛି। ତଥାପି କିଛି ଲୋକ ନିରବଧି ସାହିତ୍ୟ ସର୍ଜନାରେ ଲାଗିରହିଛନ୍ତି। ଆମ ଉତ୍ତର ପିଢିକୁ ଓଡିଆ ଭାଷା ସାହିତ୍ୟ ପ୍ରତି ଜାଗରୁକ କରିବାକୁ ହେଲେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷା ଓ ସାହିତ୍ୟକୁ ସବୁ ସ୍କୁଲରେ ବାଧ୍ୟତାମୂଳକ ଭାବେ ପଢାଯିବା ଦରକାର। ଶିଶୁ ଓ କିଶୋର ବୟସରେ ସାହିତ୍ୟ ବା ଜୀବନର ଅନୁଭୂତି ମନ ଉପରେ ଗାଢ ପ୍ରଭାବ ପକେଇଥାଏ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରାଯାଇ ପାରିବ କି ?**

■■ ହଁ, ଏହା କିଛି ମାତ୍ରାରେ ସତ। କାରଣ ଶିକ୍ଷିତ ସହରବାସୀ ବା ପ୍ରବାସୀ ଓଡିଆମାନେ ମାତୃଭାଷାଠାରୁ ଦୂରେଇ ଯାଉଛନ୍ତି। ମାତ୍ର ଏବେ ବି ଗ୍ରାମାଂଚଳରେ ଏପରିକି ଓଡିଶାର କୋଣ ଅନୁକୋଣରେ ଓଡିଆ ଭାଷା କଥୋପକଥନ ସହ ଲେଖାପଢା, ଅଫିସ, ବଜାର, ନ୍ୟାୟପାଳିକା ସୋସିଆଲ ମିଡିଆ ଆଦିରେ ବହୁଳ ବ୍ୟବହାର କରାଯାଉଛି । କିଛି ଉଚ୍ଚଶିକ୍ଷିତ ଓଡିଆ ଅବଶ୍ୟ ସାମାଜିକ ଓ ଅର୍ଥନୈତିକ କାରଣରୁ ମାତୃଭାଷାଠାରୁ ଦୂରେଇ ଯାଉଛନ୍ତି । ଆମ ପିଲାମାନେ ମାତୃଭାଷାକୁ ଦୈନନ୍ଦିନ ଜୀବନରେ ପରସ୍ପର ସହ କଥାବାର୍ତ୍ତାରେ ବ୍ୟବହାର କରୁଥିଲେ ବି ପଢୁନଥିଲେ, ଲେଖିବା ତ ଦୂରର କଥା । କାରଣ ସେମାନେ ଇଂଲିସ ମିଡିୟମ ସ୍କୁଲରେ ସପ୍ତମ ପର୍ଯ୍ୟନ୍ତ ଯେତିକି ଓଡିଆ ପଢିଥିଲେ, ଧୀରେ ଧୀରେ ତାହା ବ୍ୟବହାର ନକରିପାରିବାରୁ ଭୁଲିଗଲେ। ତାଙ୍କ ପିଲାମାନେ ପ୍ରାୟ ଓଡିଶା ବାହାରେ ଭାରତର ଅନ୍ୟ ରାଜ୍ୟରେ ବା ବିଦେଶରେ ରହୁଛନ୍ତି। ସେମାନେ ଅନ୍ୟ ଭାରତୀୟ ଭାଷା ବା ବିଦେଶୀ ଭାଷା ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ସେମାନେ ଓଡିଶାରେ ଥିବା ନିଜ ଅଜା ଆଈ, ଜେଜେ, ଜେଜେମା ଏମାନଙ୍କ ସହ ମନ ଖୋଲି କଥା ହିଁ ହୋଇ ପାରିବେ ନାହିଁ । ତାକୁ ଓଡିଆ କହିବା ଲେଖିବାର ପରିବେଶ ସମାଜରୁ ମିଳିବ ନାହିଁ ବରଂ ନିଜ ପିତାମାତା ପରିବାରରୁ ମିଳିପାରିବ, ଯଦି ସେମାନଙ୍କର ଆଗ୍ରହ ଥାଏ । ସେହି ଦୃଷ୍ଟିରୁ ଦେଖିଲେ ଓଡିଆ ଭାଷାକୁ ନିତିଦିନିଆ ଜୀବନରେ କଥୋପକଥନରେ ବ୍ୟବହାର କରିବା ଜରୁରୀ। ଭାଷା ବଂଚେ କଥାରେ, ଲେଖାରେ ନୁହେଁ। ଲେଖାରେ ବଂଚେ ସଂସ୍କୃତି, ଜାତିର ଇତିହାସ, ଜାତିର ମନପ୍ରାଣ ହୃଦୟର ବ୍ୟଥା ଓ ସରସତା।

■ **ଆପଣ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା ବେଳେ କୋଉ ବିଭାଗରେ ବେଶୀ ସ୍ୱଚ୍ଛନ୍ଦ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଏହି ପ୍ରଶ୍ନଟି ମୋ ପାଇଁ ଉତ୍ତର ଦେବା କଷ୍ଟ । ମୁଁ ସ୍ୱତସ୍ଫୁର୍ତ୍ତ ଭାବରେ କବିତାରେ ନିଜ ବିଷୟରେ ଅର୍ଥାତ ନିଜ ଅନୁଭୂତି, ଆବେଗ, ଦୁଃଖ ସୁଖ ପ୍ରକାଶ କରିବାକୁ ଟାଣି ହୋଇଯାଏ। ମାତ୍ର ନିଜ ଚାରିପାର୍ଶ୍ୱର ପୃଥିବୀ ବା ଚରିତ୍ର ବା ଘଟଣା ବିଷୟରେ ଗଳ୍ପରେ ପ୍ରକାଶ କରିବାକୁ ସହଜ ମଣେ । ତଥାପି କବିତା ଲେଖିବା ଅପେକ୍ଷା ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଆଦି ଗଦ୍ୟ ସାହିତ୍ୟ ଲେଖିବା ସହଜ ମନେକରେ। କବିତା ପାଇଁ ଶବ୍ଦ ଚୟନ, ରୂପକଳ୍ପ, ଚିତ୍ରକଳ୍ପ, ଉପମା, ଅଳଂକାର ଆଦି ବାଛିବାକୁ ହୁଏ ମାତ୍ର ଗଳ୍ପ ପାଇଁ ନିଜ ମନକୁ ଆସୁଥିବା ସହଜ କଥାକୁହା ଭାଷା ହିଁ ଚଳିଯାଏ। ଗଳ୍ପରେ ଘଟଣା, ଚରିତ୍ର ଓ ମାନସିକ ଆଲୋଡନକୁ ମୁଁ ପ୍ରାଧାନ୍ୟ ଦିଏ। ଯଦିଓ କବିତା ଲେଖିବା କଷ୍ଟ ତଥାପି ମୁଁ କବିତା ଲେଖା ଛାଡି ପାରେନା। କବିତାରୁ ହିଁ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା ଓ ଚାଲିଛି । ପନ୍ଦରଟି କବିତା ବହି ସହ ଛଅଟି ଗଳ୍ପ ବହି, ଗୋଟିଏ ଉପନ୍ୟାସ, ଦୁଇଟି ପ୍ରବଂଧ ଓ ଛଅଟି ନାଟକ ଗଦ୍ୟର ବିଭିନ୍ନ ବିଭାଗରେ ରଚନା କରିଛି। ଅର୍ଥାତ ଅତି କଷ୍ଟ ପରେ ମା'ଟିଏ ସନ୍ତାନ ଜନ୍ମ ପରେ ଯେଉଁ ସୁଖ ପାଏ, କବିତା ବହିଟିଏ ଲେଖିଲା ପରେ ମୁଁ ସେହି ସୁଖ ପାଏଁ। ସାହିତ୍ୟ ଉଚ୍ଚକୋଟୀର ହେଲେ ଏହା ସମଗ୍ର ସମାଜ, ବିଶ୍ୱ ଏପରିକି ମାନବ ସଭ୍ୟତାର ରୂପକୁ ବଦଳାଇ ପାରେ । ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ସେହିପ୍ରକାର ସାହିତ୍ୟ । ମାତ୍ର ଆମର ଏ ଯେଉଁ ଗପ, କବିତା, ଉପନ୍ୟାସ ଲେଖା ହେଉଛି ତାହା ଯେପର୍ଯ୍ୟନ୍ତ ଗୀତ, ନାଟକ, ପାଲା, ଯାତ୍ରା, ସିନେମା, ସିରିଏଲ ଆଦିରେ ପ୍ରଦର୍ଶିତ ନ ହୋଇଛି ସେପର୍ଯ୍ୟନ୍ତ ଏହା କାହାର ମାନସିକତାକୁ ଆନନ୍ଦ ଦେବା ବ୍ୟତୀତ ବିଶେଷ ପ୍ରଭାବିତ କରିପାରିବ ନାହିଁ।

■ **ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ହଁ, ମୁଁ ପ୍ରବଳ ଆଶାବାଦୀ। ଯେଉଁ ସାହିତ୍ୟ ରାଜ୍ୟରେ ଏତେ ଜଣ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ, ମୂର୍ତ୍ତିଦେବୀ ପୁରସ୍କାର ପ୍ରାପ୍ତ ଓ ପଦ୍ମ ସମ୍ମାନ ବିଭୂଷିତ ଲେଖକ ଲେଖିକା ଅଛନ୍ତି ଓ ହଜାର ହଜାର ପତ୍ରିକା ପ୍ରକାଶିତ ହେଉଛି, ତାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମୁଁ ଆଶା କରେଁ। ବିଶେଷତଃ ବର୍ତ୍ତମାନର ଯୁବ ପିଢିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଯେଉଁସବୁ ପୁରସ୍କାର ଓ ସମ୍ମାନର ବ୍ୟବସ୍ଥା ହୋଇଛି ତାହା ତାଙ୍କୁ ଆଗକୁ ବଢାଇବାରେ ସାହାଯ୍ୟ କରିବ ଓ ପ୍ରେରଣା ରୂପେ କାମ କରିବ। ବହିର ବିକ୍ରି ହେଉ ବା ନହେଉ, ଲେଖା ହେବ ଓ ଡିଜିଟାଲ ମୋଡ୍ ରେ ପ୍ରକାଶିତ ହେବ । କିଛି ସାହିତ୍ୟ କାଳଜୟୀ ହୋଇ ରହିବ। ମୁଁ ଆଶାବାଦୀ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ କେବଳ ସାହିତ୍ୟ କାହିଁକି ପ୍ରତ୍ୟେକ ସୃଜନ କ୍ଷେତ୍ର ପାଇଁ ପୁରସ୍କାର ପ୍ରଦାନ ବ୍ୟବସ୍ଥା ବହୁତ ଉପାଦେୟ। ଏହା ସ୍ରଷ୍ଟାକୁ; ସେ ହେଉ ବୈଜ୍ଞାନିକ ବା ଚିତ୍ରକର, ସିନେମା ପ୍ରଡ୍ୟୁସର ବା ଅଭିନେତା, ସାହିତ୍ୟିକ ବା ଶିଳ୍ପୀ, ସମସ୍ତଙ୍କ ପାଇଁ ପ୍ରେରଣା ରୂପେ କାମ କରେ। ଶ୍ରେଷ୍ଠତାର ଏକ ସାର୍ବଜନୀନ ସ୍ୱୀକୃତି ଦିଏ। ମାତ୍ର ଯୋଉି ସାହିତ୍ୟ ଅନୁଷ୍ଠାନ ପାଂଚ, ଦଶ, ପଚିଶ ହଜାର ନେଇ ପୁରସ୍କାର ଦିଅନ୍ତି ତାହା ସାହିତ୍ୟିକ, ସାହିତ୍ୟ ଓ ସାହିତ୍ୟ ଅନୁଷ୍ଠାନ ପ୍ରତି ଘୋର ବିପଦ ବୋଲି ମୁଁ ମନେ କରେଁ। ଅର୍ଥ ବଦଳରେ ପୁରସ୍କାର ବା ସମ୍ବର୍ଦ୍ଧନା ଗୋଟାଇବା ପରମ୍ପରା ଯୋଗୁଁ ଏବେ ସମାଜ ପ୍ରତ୍ୟେକ ପୁରସ୍କାର ଓ ପୁରସ୍କୃତ ସାହିତ୍ୟିକଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ମୂଲ୍ୟାୟନ ପଦ୍ଧତି ଯେପର୍ଯ୍ୟନ୍ତ ନିରପେକ୍ଷ ଓ ନିର୍ବିବାଦୀୟ ନହୋଇଛି, ସେପର୍ଯ୍ୟନ୍ତ ପୁରସ୍କାରରେ ବିବାଦ ରହିବ। ବ୍ୟକ୍ତିଗତ ଭାବେ ମୁଁ ଗୀତାର ସାରକଥା "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ"ରେ ଦୃଢ ଭାବରେ ବିଶ୍ୱାସ କରେଁ। ତେଣୁ ମୁଁ ଜାଣେ ଲେଖିବାରେ ମୋର ଆନନ୍ଦ, ଲେଖିବା ପାଇଁ ମୋତେ ମା ସରସ୍ୱତୀଙ୍କ ଆଶିଷ ମିଳିଛି ଓ ମୋ ଅନ୍ତରର ଆହ୍ୱାନ ରହିଛି । ମୋତେ କିଏ ପଢୁ ବା ନପଢୁ , କିଏ ଚିହ୍ନୁ ବା ନ ଚିହ୍ନୁ ସେଥିପାଇଁ ମୁଁ ବ୍ୟସ୍ତ ନୁହେଁ। ଦ୍ୱିତୀୟ ପ୍ରଶ୍ନ ଯାହା ଏହି ପ୍ରଶ୍ନ ସହ ଯୋଡି ହୋଇଛି- ତାହା ହେଲା ସାହିତ୍ୟ ମାଧ୍ୟମରେ ବାର୍ତ୍ତା । ମୁଁ ସାହିତ୍ୟିକା ରୂପେ ନଗଣ୍ୟ। ତଥାପି ମୋର ସାହିତ୍ୟିକ ପାଣିପାଗ ଉପରେ ଚେତନା ଜାଗ୍ରତ। ମୁଁ ଅନେକ ମାସିକ ପତ୍ରିକା ନିୟମିତ ପାଠକରେଁ। ତେଣୁ ମୋର ସାହିତ୍ୟିକମାନଙ୍କୁ ବିନମ୍ର ଅନୁରୋଧ ସାହିତ୍ୟକୁ ବ୍ୟବସାୟ କରନ୍ତୁ ନାହିଁ। ଏହା ଅର୍ଥକାରୀ ବେପାର ନୁହେଁ। ଏହା ମାନବିକ ମୂଲ୍ୟବୋଧ ଆଧାରିତ। ତେଣୁ ସମାଜର ହିତ ସହିତ ଯୋଡନ୍ତୁ ନିଜ ଲେଖାକୁ । ସମସ୍ତେ ଯେ କେବଳ ଆଧ୍ୟାତ୍ମିକ ବା ନୈତିକତା ଆଧାରିତ ଲେଖା ଲେଖିବେ ସେକଥା ନୁହେଁ । ତଥାପି ନିଜ ଲେଖାରେ ଜୀବନର ସୁଖଦୁଃଖ ସହ ମାନବ ଆତ୍ମାର ନିର୍ଯ୍ୟାସ ଓ ସମାଜର ପୀଡିତ ଗୋଷ୍ଠୀର ସମସ୍ୟାକୁ ରସାଣିତ କରି ପ୍ରକାଶ କରାଯାଉ, ଯାଦ୍ୱାରା ଲୋକମାନେ ଆପେ ଆପେ ସାହିତ୍ୟ ସହ ଯୋଡି ହେବେ। ♥♥



ସୁଖୀ ପରିବାର : ସ୍ୱାମୀ - ପ୍ରଫେସର ଗଂଗାଧର ମିଶ୍ର , ଦୁଇ ଝିଅ, ଦୁଇ ଜ୍ୱାଇଁ, ପୁଅ, ବୋହୂ ଓ ପାଂଚ ନାତୁଣୀଙ୍କ ସହ ଲେଖିକା ଡ. ସୁମିତ୍ରା ମିଶ୍ର...




ସମ୍ବର୍ଦ୍ଧିତ ହେବାର ଗରିମାମୟ ସ୍ମୃତିଚିତ୍ରରେ ଲେଖିକା...

## ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



# ପୂର୍ଣ୍ଣମିଦମ୍



**ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୁର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।**

**ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୫
(ପୂର୍ବ ପ୍ରକାଶିତ ଉତ୍ତାରୁ)

ସନ୍ଧ୍ୟାରେ ଘରକୁ ଫେରିଲା ବେଳକୁ, ମଥାରେ ଅପମାନ ଓ ଉପେକ୍ଷାର ବୋଝ ଥିଲା। ଇସ୍ତଫା ଦେଇ ଆସିଥିଲା । ଇତି ଶୁଣିଲା ମାତ୍ରେ ବିରକ୍ତ ହେଲା, 'ତୁମେ ମୂର୍ଖ, ତୁମେ ଜାଣିଛ ନା ସେ ମହିଳା ଏ ସମ୍ବାଦପତ୍ରର ସର୍ବେସର୍ବା ଅଟନ୍ତି । ତା' ପରେ ବି ତୁମେ ଧାରାବାହିକ ବନ୍ଦ କରିଦେଲ । ଏ ସହର ଅଟେ ବୀରୁ, ଏଠାରେ ମୂଲ୍ୟବୋଧର କିଛି ମାନେ ନାହିଁ । ଯାହା ହେଲା ହେଲା। ଠିକ୍ ଅଛି କାଲି ସୌଗାତ ଦାଙ୍କ ସହ କଥା ହୁଏ । ସେ ନିଶ୍ଚୟ ତୁମ ପାଇଁ କିଛି ଯୋଗାଡ଼ କରିବେ । ବିପ୍ଳବୀ ମଣିଷ ଜଣେ। ପ୍ରାୟ କହନ୍ତି ସେ କଳାକୁ କଳା କହିବା ଭୁଲ ନୁହେଁ। କିନ୍ତୁ ତେନ୍ତୁଳି ଖଟାକୁ ମିଠା କହିବା ଭୁଲ ଅଟେ । ଏବେ ତୁମେ ଦୁହେଁ ଏକାଠି ହୋଇ ସତ୍ୟର ଧାରାରେ କଟ କି ଅନ୍ୟକୁ ସତ୍ୟର ଧାରରେ କାଟ ।'

ବୀରୁ ଯେଉଁଦିନ ସୌଗତ ଦା'ଙ୍କ ଘରେ ପହଞ୍ଚିଥିଲା, ସେଦିନ ପାଗ ଭୟଙ୍କର ଥିଲା । ଶ୍ରାବଣର ଘନଘଟା ବର୍ଷା । ଚତୁର୍ଦ୍ଦିଗରେ ବାଦଲ ଭରି ରହିଥିଲା । ବୀରୁ ସୌଗତ ଦା'ଙ୍କ ଘରେ ପହଞ୍ଚି ଥିଲା । ଖୁସି ବହୁତ ଖୁସି । ସୌଗତ ଦାଙ୍କ ପାଖରେ କାମ ମିଳି ଯାଇଥିଲା ।

ଦୁଇଜଣ ଯାକ ଆଦର୍ଶବାଦୀ । ଏକା ସହ କାମ କରିବାକୁ ଲାଗିଲେ । ଜଣେ ସହରର ପଦ୍ଧତିରେ ପରିଚିତ । ଆଉ ଜଣେ ଗାଁର ସଂସ୍କାରକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହେଁ । କାମ ଚାପରେ ଜଣା ପଡ଼ିଲାନି ଜନ୍ମାଷ୍ଟମୀ ଏତେ ପାଖରେ ପହଞ୍ଚିଲାଣି । ବାପାଙ୍କ ପାଖେ ସଂକଳ୍ପ କରିଥିଲା ବୀରୁ ରାଧାଙ୍କ ମୂର୍ତ୍ତି ଗଢ଼ିବାକୁ, ମନେ ପଡ଼ିଗଲା । ଇତିକୁ ଯିବା କଥା ଜଣାଇଲା ପରେ, ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ତୁମକୁ ମୂର୍ତ୍ତି ବି ଗଢ଼ି ଆସେ ?'

ବୀରୁ ହସିଲା, 'କୁମ୍ଭାର ପୁଅ ମୂର୍ତ୍ତି ଗଢ଼ି ଜାଣିବନି ତ କଣ ନୋଟ ଛପା ଜାଣିବ ?'

ଇତି ବୀରୁର ବ୍ୟକ୍ତିତ୍ୱକୁ ବୁଝିବାକୁ ବୁଝିବାକୁ ଚେଷ୍ଟା କଲା । କିଛି ପତ୍ତା ପାଇଲା ନାହିଁ । ବିରୁ ସୌଗତଦାଙ୍କ ଦପ୍ତରରେ କାମ ସାରି ତାଙ୍କ ଘରକୁ ଯାଏ ବେଳେବେଳେ । ସୌଗତଦା' କିଛି କାମ କରାନ୍ତି, ତା' ପରେ ତାକୁ ଅନେକ କଥା ଅତୀତର, କିଛି କାହାଣୀ ପରି ଶୁଣାନ୍ତି । ତାକୁ ଏ ସବୁ ଜାତକ କଥା ପରି ଲାଗେ । ଗୋଟିଏ ଦିନ କହୁଥିଲେ, 'ଇଷ୍ଟ ଇଣ୍ଡିଆ କମ୍ପାନୀ ସ୍ଥାପିତ ହୋଇଥିଲା, ଅଫିମ ଚାଷ ଆରମ୍ଭ କରିବା ପାଇଁ ଓ ଚୀନକୁ ପଠାଇବା ପାଇଁ । ଚୀନର ଲୋକମାନେ ମଦପିଉ ନଥିଲେ । କିନ୍ତୁ ଅଫିମର ବହୁତ ସୌଖୀନ ଥିଲେ । ଚୀନକୁ ଅଫିମ ପଠାଇଲା ପରେ, ବନ୍ଦର ମିଳିଲା, କଲିକତା ବନ୍ଦର । ସେଠି ସବୁ ଅନୈତିକ କାମ ଚାଲିଲା। ସେ ସବୁ କାମର ଖବର ସୌଗତଦା' ସବୁ ସମ୍ବାଦପତ୍ରକୁ ପଠାଇଲେ । କୃଷକଙ୍କ ଚିନ୍ତା, ସେମାନଙ୍କ ମୃତ୍ୟୁର କାରଣ ସବୁ ଲେଖି କରି ପଠାଇଲେ । କିନ୍ତୁ ଇଂରେଜ ତଥା ରାଜା ମହାରାଜାଙ୍କ ହାତରେ ଥିଲା ସବୁ ସମ୍ବାଦପତ୍ର । ତାଙ୍କରି ସ୍ୱାର୍ଥରେ ଚାଲୁଥିଲା । ସବୁ ସମ୍ବାଦପତ୍ର ଏବଂ ସବୁ ଦୁଷ୍କର୍ମ କରିବାରେ ଏଇମାନଙ୍କ ହାତ ଥିଲା । ଏବେ ତ ଦେଖୁଛ ସବୁ ମିଡିଆ ଚାନେଲ ବିକ୍ରି ହୋଇ ଯାଉଛି । ସେତେବେଳେ ବି ସେୟା ହେଉଥିଲା। ଖାଲି ଆରୋପ ପ୍ରତ୍ୟାରୋପ ନିରର୍ଥକ ଯୁକ୍ତି ପ୍ରସାରିତ ହେବାରେ ଲାଗିଛି । ଏ ସବୁ ଅନେକ କାଳରୁ ଅଛି ଓ ରହିବ ମଧ୍ୟ । ସାରା ବିଶ୍ୱର ଏ ସମସ୍ୟା ।

ସୌଗତଦା' କଣ କହିବା ପାଇଁ ଚାହୁଁଥିଲେ, ଗୋଟିଏ ଝିଅ ଦୌଡ଼ି ଦୌଡ଼ି ତାଙ୍କ କୋଠରୀକୁ ପଶି ଆସିଲା । 'ବୁଝିଲ କାକା ।' ସେତିକି ବେଳେ ବୀରୁ ଉପରେ ତା'ର ନଜର ପଡ଼ିଲା । ସେଇଠି ସେ ଠିଆ ହୋଇଗଲା । ଆଶ୍ଚର୍ଯ୍ୟ ହୋଇ ପଚାରିଲା ବୀରୁ ତୁମେ କଲିକତାରେ ? ପୁଣି ସୌଗତ କାକାଙ୍କ ପାଖରେ ? ହେ ଭଗବାନ, ତୁମେ କଲିକତାରେ ଅଛ ମୋତେ ଜଣା ନାହିଁ ? ବାପାଙ୍କୁ ବି ଜଣା ନାହିଁ ।'

ଗୌରା ସାମ୍ନାରେ କିଛି କହିବା ପୂର୍ବରୁ ସୌଗତଦା' କଥା ରଖି କଥା କହିଲେ, 'ଗୌରା ତୁ ଏ ପୁଅକୁ କୋଉଠି ଚିହ୍ନିଲୁ ? ପରିଚୟ ଅଛି। ଠିକ୍ ଅଛି, ଜାଣିଛୁ କେଡ଼େ ମେଧାବୀ ପିଲା ଇଏ। ବାହାର ପିଲାଙ୍କୁ ତ ବୁଦ୍ଧି ଶିଖେଇ ଦେବ କିନ୍ତୁ ନିଜ ଅନ୍ତରର ମୂଲ୍ୟବୋଧକୁ କେବେ ବି ବୁଝାମଣା କରିବାକୁ ଦେବନି । ଦଳିତର ମାଟି, କିନ୍ତୁ ସହରର କଚଡ଼ା ସହ କେବେ ମିଶିବନି । ମିଶିବାକୁ ଚାହିଁବନି । ତୁ ତୋ ବାପାଙ୍କୁ କହି ଗୋଟିଏ ପ୍ରକାଶନ ସଂସ୍ଥା କିଣି ଦେ ଏବଂ ୟାକୁ ଦେଇ ଦେ । ପରିଶ୍ରମୀ ଅଛି । ଠିକ୍ ତୁଲାଇବ। ମୁଁ ଜାମିନି ରହିବି, ଗ୍ୟାରେଣ୍ଟି ଦଉଛି।

ସୌଗତଦା'ଙ୍କ ମୁହଁରୁ ଅଭିମାନ ବାରି ହୋଇ ଯାଉଥିଲା । ବୀରୁ ପ୍ରତି ସ୍ନେହରେ ଓତଃପ୍ରୋତଃ। ବୀରୁର ପରିଶ୍ରମ ସୌଗତଦାଙ୍କ ହୃଦୟ ଜିତି ସାରିଥିଲା। ତା'ର ସ୍ୱଭାବ ପାଇଁ ସେ ସୌଗତଦା'ଙ୍କ ଘରେ ଜଣେ ଆପଣାର ମଣିଷ ହୋଇ ସାରିଥିଲା । ଗ୍ୟାରେଣ୍ଟି ତ ବହୁତ ଦୂର କଥା, ଆଜି କାଲି କେହି କାହା ପାଇଁ ସୁପାରିଶ ବି କରିବାକୁ ଚାହାଁନ୍ତିନି ।

କାକା ଚିନ୍ତା କରନି । ବ୍ୟସ୍ତ ହୁଅନି । ଆପଣଙ୍କ ଗ୍ୟାରେଣ୍ଟି, ୟାର ପରିଶ୍ରମ । ବାସ୍ ଭାବ, ପ୍ରକାଶନ ସଂସ୍ଥା ହାତରେ ।

ସୌଗତ ଦା' କହିଲେ, 'ଶୂକର ବୃତ୍ତି ଅଛି ୟାର ।'

'ସେ କଣ ?'

ଯିଏ ନାକ ସିଧା ଚାଲେ ତାକୁ 'ଶୂକର ବୃତ୍ତି' କୁହାଯାଏ ।

ଗାଁରେ ଜନ୍ମାଷ୍ଟମୀ । ରାଧାଙ୍କ ମୂର୍ତ୍ତିକୁ ପୂର୍ଣ୍ଣ ସାଜସଜ୍ଜା ସହିତ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଥିଲା । ରିଚା ରାଧାଙ୍କ ମୂର୍ତ୍ତି ଆଗରେ ଗୀତ ଗୋବିନ୍ଦର, ଗୋଟିଏ ପରେ ଗୋଟିଏ ଗୀତ ଗାଇ ଚାଲିଥିଲା ।

'ହେ ବିରହ ବିଦଗ୍ଧ ଦୀନା' ପୁଣି

'ବିରହରେ ପ୍ରେମ ଭାରି...'

ଏଭଳି ଭାବ ବିଭୋର ଗୀତ ଶୁଣି ଭକ୍ତ ମାନଙ୍କର ଆଖି ଛଳଛଳ ହୋଇ ଯାଉଥିଲା ।

ରାଧାଙ୍କ ଅତୃପ୍ତତା ଯେମିତି ଗାଉଥିଲା । ବିରହର ଯନ୍ତ୍ରଣାରେ ଅଧର କ୍ଷତାକ୍ତ ହେଲାଣି । ତଥାପି ସମସ୍ତେ କହୁଛନ୍ତି ରାଧା ହରି ତୋର । 'ପୀଡ଼ା ଭରା କଟାକ୍ଷ ଶୁଣି ଯେମିତି କୃଷ୍ଣ କହୁଥିଲେ ରାଧାଙ୍କ କାନରେ ହେ ଚାରୁଶୀଳା ମୋତେ କ୍ଷମା କର । 'ଅଦ୍ଭୂତ । ଜୟଦେବ ରସିକ ଶବ୍ଦର ପ୍ରୟୋଗ କରି ମଧ୍ୟ ଗାରିମାର ପବିତ୍ରତାକୁ ଖଣ୍ଡିତ କରି ନାହାଁନ୍ତି ।

ନିଜ କୋଠରୀରେ ରିଚା ଭାବୁଥିଲା । ସେ ଜୟଦେବଙ୍କ ଗୀତ ଗୋବିନ୍ଦ ଗାଉଥିଲା ନାଁ ରାଧାକୃଷ୍ଣଙ୍କ ସାମ୍ନାରେ ତା'ର ଆତ୍ମ ଭାବନାକୁ ଅନୁବାଦ କରୁଥିଲା । ତା'ର ଆତ୍ମ ସମ୍ପନ୍ନତା ଏବଂ ଆତ୍ମ ସମ୍ମାନ ତାକୁ ମୁଖର ହେବା ପାଇଁ ଆଜ୍ଞା ଦେଉ ନଥିଲା । ତା'ର ବିରହ ଦୃଷ୍ଟିଭଙ୍ଗୀକୁ ଟୁକ୍‌ଟୁକୀର ଖଣ୍ଡି କାଶ ଭଙ୍ଗ କରିଦେଲା ।

'ଆରେ ତୁ କେତେବେଳେ ଆସିଲୁ ?' ଚୋର ଧରାପଡ଼ିବାର ବାଚଳତା ଥିଲା ।

'ମୁଁ କେତେବେଳେ ଆସିଲି ତା'ର ଚିନ୍ତା ଛାଡ଼ । ଆଗକୁ ଯେଉଁ ଚିନ୍ତାର ବିଷୟ ଆସୁଛି, ତାକୁ ଚିନ୍ତନ କର ।'

'ଅର୍ଥ କଣ ?' ଆଶ୍ଚର୍ଯ୍ୟ ହୋଇ ରିଚା ପଚାରିଲା ।

'ଅର୍ଥ ? ରାଧାଙ୍କ ମୂର୍ତ୍ତିକୁ ଦେଖିଲୁ ?' ଟୁକଟୁକୀ ପଚାରିଲି ।

'ଇସ୍, ପ୍ରଣାମ ତ କରିଥିଲି- ଏତେ ସାଜସଜ୍ଜାରେ ଠିକ୍ ସେ ଦେଖି ପାରିଲିନି । ଗୀତ ଗାଉ ଗାଉ ସଂଗୀତରେ ହଜିଗଲି । ରାଧାଙ୍କ ମୂର୍ତ୍ତି ଆଡକୁ ଆଉ ଚାହିଁ ପାରିନି । କଣ ହେଲା ? ସିଧା ସିଧା କହନା ?'

ରିଚା ଆଦେଶ ଦେବା ସ୍ୱରରେ କହିଲା ।

'ରାଧାଙ୍କ ମୁହଁର ଆକୃତି ପୁରାପୁରି ତୋ ମୁହଁ ସହ ମେଳ ଖାଉଛି । ଯେମିତି ତୁ ସଶରୀରେ ସେଠି ବସିଛୁ । ଟୁକଟୁକୀର ସ୍ୱରରେ ତେଜ ଥିଲା।

'ଏ ଟୁକୁଟୁକୀ ତୁ ଭଲ କହୁଛୁ । ବୀରୁଠୁ କଥା କହିବା ଶିଖି ଗଲୁଣି । ମୋ ଚେହେରା କଣ ରାଧାଙ୍କ ପରି ? ସତ କହୁଛୁ, ହଁ ତୁ ମିଛ ବି କାହିଁକି କହିବୁ ?

ରିଚା ଗୋଟିଏ କାଗଜରେ କିଛି ଲେଖିଲା ଏବଂ ଟୁକ୍‌ଟୁକୀ ହାତରେ ଦେଇ ବିରୁକୁ ଦେବାକୁ କହିଲା । ଏବଂ କାହାକୁ ଯେମିତି ଖବର ନହୁଏ। ଯାଉ ଯାଉ ଟୁକ୍‌ଟୁକୀ କହି ଦେଇଗଲା ଯେ, ଗୌରା ଆସି ନାହିଁ । ବିରୁ ପାଇଁ ଗୌରା ପ୍ରକାଶନ ସଂସ୍ଥା କିଣିଛି ।

ତାକୁ ଠିକ୍‌ଠାକ୍ କରିବା ପାଇଁ ସେ ରହିଗଲା। ରିଚା ଭାବିଲା, ବାଃ, ବିରୁ ଏବେ ପ୍ରକାଶନ ଜଗତରେ ଆସିଗଲା । ଅନ୍ୟ ଦିନ ହୋଇଥିଲେ ଖୁସିରେ ନାଚି ଉଠିଥାଆନ୍ତା । କିନ୍ତୁ ଏବେ ତ କ୍ରୋଧରେ ସିଝୁଥିଲା ।

ବୀରେଶ୍ୱରକୁ ଯେତେବେଳେ ରିଚାର ଚିରକୂଟ ଚିଠି ମିଳିଲା, ବଡ଼ ଶାନ୍ତ ସ୍ୱଭାବ, ସୃଷ୍ଟିର ଅବସ୍ଥାରେ, ନଦୀତଟରେ ଅପେକ୍ଷା କରି ରହିଲା । ସେପଟୁ ରିଚା କ୍ରୋଧରେ ଲାଲ୍ ଜଳନ୍ତା ରଢ଼ି ପରି ଚାଲି ଚାଲି ଆସୁଥିଲା । ପାଖକୁ ଆସିଲା ପରେ ବିରୁ ପଚାରିଲା, 'ମୋତେ ଡାକିବାର କାରଣ କଣ ରିଚା ?"

ଏମିତି ତୁମେ କଣ କଲ ? ରାଧାଜୀଙ୍କର ମୂର୍ତ୍ତିର ଚେହେରା ମୋ ଚେହେରାର ପ୍ରତିକୃତି କରିବାର ଦୁଃସାହାସ କରିଛ । ଆଜି ଟୁକ୍‌ଟୁକୀ ଚିହ୍ନିଲା । କାଲି ଗାଁ ସାରା ଚର୍ଚ୍ଚା ହେବ ।' ରିଚା ଗୋଟେ କାଳର ଲହରୀ ସହ କହିବାକୁ ଲାଗିଲା। ତାକୁ କେଉଁଠି ଆଘାତ ଲାଗିଛି, ବିଶ୍ୱାସ ହରେଇବାର ଆଘାତ ।

'ବିରୁ ତା' ଆଡ଼କୁ ଚାହିଁଲା ନାହିଁ । କିନ୍ତୁ କହିଲା, 'ରିଚା ଗୋଟେ କଥା ଜାଣିଥା, ତୋର ମୋର ସଂପର୍କ କେବଳ ବିଶ୍ୱାସର ଅବଦୀରେ ଠିଆ ହୋଇଛି । ଆମର କୌଣସି ବିଶ୍ୱାସର ସାହାରା ବି ଲୋଡ଼ା ନାହିଁ । ମୂର୍ତ୍ତି ଗଢ଼ିବା ସମୟରେ ମୋ ମନ ଭିତରେ ଏକ ଅନ୍ୟ ଅନ୍ତମିନ ଥିଲା । ସେ କେବଳ ତୋ ବାଲ୍ୟ ସଖା ବିରୁ । ରିଚା, ମୋତେ ଉପେକ୍ଷା ଦେଖାନି । ତୋ ବିଶ୍ୱାସର ଅବଦୀକୁ ହଲିବାକୁ ଦେବୁନି । ତୁ କେମିତି ଭାବି ପାରିଲୁ ମୁଁ ଏମିତି ନିଚ୍ଚ ଭାବନାର କର୍ମ କରିବି । ବାଃ, ମୁଁ ଦଳିତ କୁମ୍ଭାର ପୁଅ, ଆଉ ତୁ ବ୍ରାହ୍ମଣ କୂଳର କନ୍ୟା ବୋଲି ତୋତେ ସବୁ ସଂସ୍କାର ପ୍ରାପ୍ତ ହେବ । ଏମିତି ମୋ ମନରେ କିଛି ବି ନାହିଁ । ଏମିତି କିଛି ଥିଲେ ମୁଁ ଗାଁ ଛାଡ଼ି ଯାଇ ନଥାନ୍ତି । ସହରରେ ତୋ ଠାରୁ ଦୂରରେ ଥିଲି । କିନ୍ତୁ ତୁ ସର୍ବଦା ମୋ ଅସ୍ତିତ୍ୱ ତୋ ଠାରୁ ଦୂରରେ ଥିଲି । କିନ୍ତୁ ତୁ ସର୍ବଦା ମୋ ଅସ୍ତିତ୍ୱରେ ଥିଲୁ । ମୋ ଆତ୍ମାରେ ଥିଲୁ । ଆଉ କୌଣସି କଳ୍ପନା ବୋଧେ ମୋ ଭିତରକୁ ଆସି ପାରିନଥିଲା, ସେଥିରେ ମୁଁ କଣ କରିବି ? ବୀରେଶ୍ୱରର ଭଙ୍ଗିମା ଗମ୍ଭୀର ଥିଲା । କିନ୍ତୁ ଶବ୍ଦ ଭିଜା ଭିଜା ଥିଲା ।

ରିଚା ନରମୀ ଗଲା । ବିଶ୍ୱାସର ଧରଣୀରେ ଠିଆ ହୋଇଗଲା । ପ୍ରକୃତରେ ବିଶ୍ୱାସରୁ ହଟି ନଥିଲା ସାମାନ୍ୟ ହଲି ଯାଇଥିଲା । ରିଚା ଦେଖିଲା ବିରୁ ହାତରେ ବଂଶୀ ନଥିଲା । ସିଧା ସିଧା ପଚାରିଲା, 'ରିଚା, ବୀରୁ ବଂଶୀ କାହିଁ ?'

ବୀରୁ ଅପରାଧବୋଧରେ କହିଲା, 'ପୋଖରୀ ଫୋପାଡ଼ି ଦେଲି । ଶୁଣିବା ବାଲା ତ କେହି ନଥିଲେ ।'

'ଏମେ ମୁଁ ଶୁଣିବି ।'

ବୀରୁର ହସିଲା ମୁହଁରେ ଦରଦ ଝଲକୁ ଥିଲା। କହିଲା ତୁ ମିଛ କହିବା କେବେ ଠାରୁ ଶିଖିଲୁ ରିଚା ?

ରିଚା ତୁମେ ବର୍ତ୍ତମାନ ଗୋପୀ ବଲ୍ଲଭଙ୍କ ସେବିକା । ମୁଁ ଗୋଟିଏ ସାମାନ୍ୟ କୁମ୍ଭାର ପୁଅ। ଏଠାକୁ ଆସିଲେ ତୁମ ଗରିମାରେ ଚିହ୍ନ ଲାଗିବନି ତ ?

କିଛି ସମୟ ଦେଇ ପାରିଲାନି । କିନ୍ତୁ ରିଚା କେବେ ହାର ମାନିବା ସମ୍ଭବ ନୁହେଁ । ସଶକ୍ତ ସ୍ୱରରେ କହିଲା, ମୁଁ ପ୍ରତିଦିନ ନଦୀ ତଟକୁ ଆସିବା ପାଇଁ ନିର୍ଣ୍ଣୟ ନେଇ ସାରିଛି । ବଂଶୀର ଧ୍ୱନି ଶୁଣିବ ।

(କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

---



# ମଉଳା ଫୁଲ

ଶ୍ରୀନିବାସ ସେଠୀ



ତାପସୀ !

ତାକୁ ଡାକନ୍ତି ତାପସୀ ଫୁଲବାଲି ବୋଲି। ସକାଳେ ଦଶ ବାରଟି ଫୁଲ ପୁଡିଆ ଧରି ବିଞ୍ଚି ହୋଇ ଚାଲିଥାଏ ପବନରେ ଫୁଲ ଡାଳ ବିଞ୍ଚି ହେଲା ପରି । ଶାଢ଼ୀକୁ ଖୁବ୍ ଢଙ୍ଗରେ ପିନ୍ଧି ଥାଏ । ମନ୍ଦାର ଫୁଲର ରଂଗ ପରି ସିନ୍ଥିରେ ସିନ୍ଦୁର । ସବୁବେଳେ ହସ ହସ ମୁହଁ । ତା ହସ ହସ ମୁହଁ ସହ ତା ସିନ୍ଥିର ଲାଲ ସିନ୍ଦୁର ଖୁବ୍ ମାନେ ତାକୁ ।

ତାପସୀକୁ ଦେଖି ମୋର ମନେ ହେଉଥିଲା ଫୁଲ ପାଖରେ ବସି ବସି ହୁଏତ ସେ ସବୁବେଳେ ଖୁସି ଖୁସି ଚେହେରା ପିନ୍ଧି ପକାଇଥାଏ ଫୁଲପରି।

ପ୍ରତ୍ୟେକ ଦିନ ଘରେ ଘରେ ବୁଲି ଦୁଆର ମୁଁହରେ ଫୁଲ ଡାଲାରେ ଫୁଲ ରଖି ଚାଲି ଯାଇଥାଏ ।

ମାତ୍ର ପନ୍ଦର ଟଙ୍କା ନେଇ ମୋର ତା ସହିତ ସଂପର୍କ ପ୍ରତିଦିନର । ମାସକ ସାଢ଼େ ଚାରିଶହ ଟଙ୍କା ପାଇଁ ସେ ପ୍ରତ୍ୟେକ ଦିନ ଆମ ଦୁଆରକୁ ଫୁଲ ନେଇ ଆସେ । କି ଖରା କି ବର୍ଷା, ସବୁଦିନ ଫୁଲ ପହଞ୍ଚାଇଦିଏ ଘରେ ଘରେ । ମୋ ପୂଜାର ଅଧେକ ପୂଣ୍ୟ ତାର ।

ସେଦିନ ଜନ୍ମାଷ୍ଟମୀର ପର ଦିନ । ବିଳମ୍ବିତ ରାତିରେ ପୂଜାପାଠ ସାରି ଶୋଇଛି। ଉଠିବାକୁ ଟିକିଏ ବିଳମ୍ବ ହୋଇ ଯାଇଛି । ତର ତର ହୋଇ ଏବେ ପୂଜା ସାରି ଅଫିସ ବାହାରିବାକୁ ପଡ଼ିବ । ଦୁଆର ଖୋଲି ଦେଖେ ତ ଫୁଲ ନାହିଁ । ଏବେ ସମୟ ନାହିଁ ବାହାରକୁ ଯାଇ ଫୁଲ କିଣି ଆଣିବାକୁ। ମୁଡ୍ ଅଫ୍ ହୋଇଗଲା ସକାଳେ ସକାଳେ । କେବଳ ଘରେ ଫୁଲ ପହଞ୍ଚାଇ ଦେବା ପାଇଁ ତାପସୀ ମାସକୁ ପଚାଶ ଟଙ୍କା ଅଧିକ ନିଏ ।

ତାପସୀ ଆଜି ପର୍ଯ୍ୟନ୍ତ ଏଇମିତି କେବେ କରିନାହିଁ । ମୋତେ ରାଗ ଲାଗିଲା । ଫୋନ କଲି ମୁଁ ।

- ଆଜି ଫୁଲ କାହିଁ ?

- ଦାଦା ! ଆଜି ଟିକିଏ ଆସି ଫୁଲ ନେଇଯାଅନା ।

- ମୋତେ ଏବେ କହିଲେ ଯାଇ ପାରିବ କେମିତି ? ମୁଁ ଯିବି କାହିଁକି ? ଘରେ ଆସି ଫୁଲ ଦେଉଥିବା ପାଇଁ ତ ମୁଁ ପଇସା ଦିଏ। ଏଇଟା ତୁମର ନ ଆସିବାର ବାହାନା । ତୁମେ ପଇସା ନିଅ ମାସଟା ସାରା ପାଇଁ ଅଥଚ କାମ ଠିକ୍‌ରେ କରିବାକୁ ଚାହଁନି। ଆହୁରି ଏପଟୁ ସେପଟୁ କଡ଼ା ଦୁଇ ପଦ ଶୁଣାଇ ଦେଲି । ତାପରେ ମୋ ରାଗ ଥଣ୍ଡା ହେଲା ।

ସେ ନିରବରେ ସବୁ ଶୁଣି କାକୁତି ଭରା ସ୍ୱରରେ କହିଲା, - ଆପଣଙ୍କ ଫ୍ଲାଟ୍ ବାହାରେ ଗେଟ୍ ପାଖରେ ମୋ ଫୁଲ ଦୋକାନ ଦାଦା । ପାଞ୍ଚ ମିନିଟ୍ ଲାଗିବ ଆସିଯାଅ । ଖୁବ୍ ଅସୁବିଧାରେ ମୁଁ । ଯାଇ ପାରୁନି ।

ପାଞ୍ଚ ମିନିଟ୍, ଏଇଟା ସତ କଥା । କିନ୍ତୁ ମୋତେ ଏବେ ସମୟ ଅଭାବ। ମୁଁ ବିରକ୍ତ ହୋଇ ବାହାରିଲି ।

ଗେଟ୍ ପାଖରେ ଦୋକାନରେ ଫୁଲ ଧରି ଆଉ ଜଣେ ବସିଥିଲା । ମୁଁ ତା ଆଡକୁ ଅନେଇ ପଚାରିଲି, ମୋ ଫୁଲଟା ଦିଅ । ତାପସୀ କାହିଁ ?

ସେ ଟିକିଏ ଦୂରକୁ ହାତ ଠାରି ଦେଖାଇଲା। ତାପସୀ ଚଟାଣରେ ମାଟି ଉପରେ ବସିଥିଲା । ପିନ୍ଧିଛି ଖଣ୍ଡେ ଧଳା ଶାଢ଼ି। ମଳିନ ମୁଖ । ଶୂନ୍ୟ ସିନ୍ଥି । ସିନ୍ଦୁର କି ଭୁଲି ଯାଇଛି ସିନ୍ଥିର ପଥ । ତା ସଦା ହସ ହସ ମୁହଁରୁ କିଏ ଯେମିତି ପୋଛି ନେଇଛି ହସ ଟିକକ ।

କେଜାଣି ମୋ ଆଖିରୁ ଲୁହ ଝରି ଆସିଲା। କେତେ ବା ଟଙ୍କା ଦିଏ ତାକୁ ମୁଁ ମାସକୁ । କେତେ ରୁକ୍ଷ ଭାବରେ କହିଲି । କାହିଁକି କହିଲି ମୁଁ । ହୁଏତ ଚାହୁଁଥିଲି ସେ ଆଘାତ ପାଉ। ଦୁଃଖ ପାଉ। ଏବେ ତାକୁ ଦୁଃଖି ଦେଖି ମୋ ଆଖିରେ ଲୁହ ଝରି ଆସୁଛି କାହିଁକି । ଫୁଲ ବାଲା, କ୍ଷୀର ବାଲା, ପେପର ବାଲା ଓ କାମବାଲି ମାନେ ଆମ ଜୀବନଧାରାର ଅଂଶ ବିଶେଷ । କେତେ କଷ୍ଟରେ ଥାଆନ୍ତି । ଯଦି ଗୋଟିଏ ଦିନ ନ ଆସି ପାରିଲେ କେତେ କଥା କହୁ ଆମେ ନିଷ୍ଠୁର ଭାବରେ । ପଇସାର ହିସାବ ଦେଖାଇ ହେଉ ସେହି ଗୋଟିଏ ଦିନର ।

- ତାପସୀ ! କେତେ ଦୁଃଖରେ ତୁ । ମୁଁ ବୁଝି ନପାରି ନିଷ୍ଠୁର ଭାବରେ କେତେ କଣ କହିଗଲି ।

ଏଇ ଟିକକ ଆନ୍ତରିକତାରେ ସେ ଛଳଛଳ ହୋଇଗଲା ।

- ଭଗବାନ ଯେତେବେଳେ ଏ କଷ୍ଟ ମୋତେ ଦେଲେ , ଆଉ କେଉଁ କଷ୍ଟ ବଳିଯିବ ତା'ଠୁ ? ଚାଙ୍ଗୁଡି ଭରି ଅଜାଡ଼ି ଦିଏ ତାଙ୍କ ପାଖରେ ଫୁଲ । ଏବେ ଶୂନ୍ୟ କରିଦେଲେ ମୋ ନିଜର ଫୁଲ ଚାଙ୍ଗୁଡି । ତାର ଅଭିମାନ ଭରା କଥା । ପୁଣି କହିଲା,

- ବାବୁଙ୍କୁ ଫୁଲ ଦେ ବେଜୁ !

ବେଜୁକୁ ହୁଏତ ଭଡ଼ାରେ ଆଣିଛି ଏଇ ଏଗାର ବାର ଦିନ ଫୁଲ ବିକିବା ପାଇଁ ।

- ମୁଁ ଫୁଲ ଛୁଇଁ ପାରୁନି ବୋଲି ଯାଇ ପାରୁନି ଦାଦା । ବିନା ଫୁଲରେ ପୂଜା ହେଲେ ଅପୂଜା ରହିଲା ଭଳି ଲାଗିବେ ଦିଅଁ।

ବେଜୁ ହାତରୁ ଫୁଲ ନେଲାବେଳେ ମୋତେ ଲାଗିଲା ସବୁ ଫୁଟିଲା ଫୁଲ ଏକାବେଳକେ ଯେମିତି ମଉଳି ଯାଇଛନ୍ତି ।


♥ ବସନ୍ତପୁର, ଗେଙ୍ଗୁଟି,
ବାଲେଶ୍ୱର - ୭୫୬୦୫୬
ମୋ: ୯୩୩୦୯୦୩୮୦୦

---

ବହି ସମୀକ୍ଷା

# ଜୀବନ... କେବେ ନିଆଁ, କେବେ ଧୂଆଁ

ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ




ନିଜ ଇଚ୍ଛା ସ୍ୱପ୍ନକୁ ମାଟିତଳେ ପୋତିପକେଇ ଓଠରେ ହସ ଫୁଟେଇ ଅଣ୍ଟାରେ କାନି ଭିଡ଼ି ମୁଣ୍ଡରେ ସଂସ୍କାର ଆଉ ସଂସ୍କୃତିର ଓଢଣୀ ଟାଣି ଲୁହ ଆଉ ଲହୁର ସଂସାରକୁ ଜାବୁଡି ଧରିଥାଏ ନାରୀଟିଏ । ଛାତିର ବେଦନାକୁ ପଥର ଆଉଜେଇଦିଏ ଏମିତି ଶକ୍ତ କରିଯେ ବାହାରକୁ ବାହାରିପାରିବ ନାହିଁ ଯେମିତି । ଦିନ ରାତି ଖଟୁଥାଏ ମେସିନ ପରି । ତଥାପି ଗଞ୍ଜଣା ଗହଣା ଭଳି ନେସିହେଇ ରହିଥାଏ । କିଏ ପଚାରେ ତା ମନ ଦରଦ ନା ଦେହ ଦରଜ । କାହାରି ବେଳ ନାହିଁ ତା ପାଇଁ । ପୋଇଲି ପରି ପାଇଟି କରି କରି ସୁରୁଜ ପୂର୍ବରୁ ଆସି ପଶ୍ଚିମରେ ବୁଡ଼ିଯାଏ । ତଥାପି କାମ ସରେନି ନାରୀର । ତଥାପି ନାରୀ ଅଲୋଡ଼ା, ଅତ୍ୟାଚାରିତା । କାହିଁକି ? ଏ ପ୍ରଶ୍ନ ସବୁ ନାରୀ ଛାତିରେ କୁହୁଳି କୁହୁଳି ଉଠୁଥିବା ଧୂଆଁ ।

କବୀ ମମତା ସାହୁଙ୍କ କବିତା ସଂକଳନ 'ଧୂଆଁ ' ନିଶ୍ଚିତ ରୂପରେ ଏକ ଉଚ୍ଚକୋଟୀର କବିତା ସଂକଳନ । ଏଥିରେ ସ୍ଥାନିତ ପ୍ରତ୍ୟେକ କବିତା ହୃଦୟସ୍ପର୍ଶୀ । ସାଧନା ଛପାଛପି ପ୍ରକାଶନୀ ଚମତ୍କାର ଭାବରେ କବିତାଗୁଡିକୁ ଫୁଲ ସଦୃଶ ଗୁନ୍ଥନ କରି ଏହି 'ଧୂଆଁ ' କବିତା ସଙ୍କଳନଟିକୁ ଆକର୍ଷିତ ମାଳା ସଦୃଶ ପ୍ରସ୍ତୁତ କରିଛନ୍ତି ।

ଜୀବନ କେବେ ନିଆଁ ପୁଣି କେବେ କୁହୁଳା ଧୂଆଁ ! ଉକ୍ତ ସଂକଳନରେ ଚମତ୍କାର କବିତାଗୁଡିକ ମଧ୍ୟରୁ ମୋ ହୃଦୟକୁ ଛୁଇଁ ପାରିଥିବା କିଛି କବିତା ଉପରେ ସଂକ୍ଷିପ୍ତ ଆଲୋଚନା କରିବା । 'ମର୍ଦ୍ଦ' କବିତାରେ କବୀଙ୍କ ଭାବନାକୁ ପ୍ରଭାବିତ କରି ଡିସେମ୍ବର ରାତି ବାରଟା ସମୟରେ ରଚନା ହୋଇଛି ଏ କବିତା । ଯାହା କି ଜନ୍ମହେବା ପାଇଁ ସତେ ଯେମିତି କବିଙ୍କୁ ଶୁଆଇ ଦେଇ ନାହିଁ କ୍ଷ ଆଜିର ଯୁବପିଢ଼ି କିପରି ନିଶାଶକ୍ତ । କିପରି ନିଜ ଯୌବନକୁ ସାରିଦେଉଛନ୍ତି ସିଗାରେଟ ଧୂଆଁରେ । ଯେଉଁମାନଙ୍କର ଉଚ୍ଚଆଶା ନାହିଁ । ନିରାଶାର ମନବୃତ୍ତି । ଦି ସେରେ ଚାଉଳ ଆଉ ଦିଟା ଆଳୁ ହେଇଗଲେ ଭୋକ ଚିନ୍ତା ଗଲା । ଏହି ଭାବନାକୁ ନେଇ ଆଜିର ନିଶାସକ୍ତ ଯୁବପିଢ଼ି କିପରି ନିଜର ଶକ୍ତିକୁ ଅପବ୍ୟବହାର କରୁଛି ! ମାଟିରୁ ଆକାଶ ଦେଶରୁ ମହାଦେଶ ବୁଲି ଯୋଦ୍ଧାମାନେ ଦେଶକୁ ରକ୍ଷା ପାଇଁ ପରମାଣୁ ବୋମା ସଂଗ୍ରହ କରୁଥିବା ବେଳେ, ସାମ୍ପ୍ରତିକ ସମାଜର ଭେଣ୍ଡାମାନେ ମେଣ୍ଢା ହେଇ ଧଳା ଜହର ସଂଗ୍ରହରେ ବ୍ୟସ୍ତ । କବିଙ୍କ ଭାଷାରେ...

'ଯେଉଁଠୁ ଯୋଦ୍ଧାମାନେ
ବେଶି ବେଶି ଅମଳ କରୁଛନ୍ତି
ଅଫିମର ଫୁଲ
ନ ହେଲେ ଆଣବିକ ଫସଲ
ଭେଣ୍ଡିଆମାନେ ଧଳା ଜହର ।'

ସେହିପରି ଆଉ ଏକ କବିତା ଯାହା ମୋତେ ଛୁଇଁପାରିଛି 'ଭୂଲର ବର୍ଣ୍ଣବୋଧ' କବିତାଟି କ୍ଷ ଏହି କବିତାର ସ୍ୱର ନାରୀର । ସବୁବେଳେ ଗୋଟେ ନାରୀକୁ ହିଁ ଦୋଷ ଠେଲିଦିଆଯାଏ ପୁରୁଷ ସର୍ବସ୍ୱ ସମାଜରେ । ନାରୀର ଚରିତ୍ର ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ କରେ ଯେତେବେଳେ ପୁରୁଷ ହାରିଯାଏ । ଆଉ ଆଜି ମଧ୍ୟ ପୁରୁଷଟିର ଖୁସି ପାଇଁ ତାକୁ ସବୁ ବନ୍ଧନରୁ ମୁକ୍ତ କରିଦେଉଛି ନିର୍ଦ୍ୱନ୍ଦ୍ୱରେ । କାହା ସହ ଲଢ଼ିବ ସେ ? ଯାହାକୁ ସେ ତା ନରମ ହୃଦୟରେ ରଖିଥିଲା ତା ବରୋଧରେ ? ନା..ନୀରବି ଯାଉଛି ସେ । ଆଉ ଯେବେ ନାରୀଟିଏ ନୀରବି ଯାଉଛି ସେ ସୀତା ହେଇ ବେଘର ହେଉଛି, ଦ୍ରୌପଦୀ ପରି ବିବସ୍ତ୍ର, ଅହଲ୍ୟା ପରି ପଥର ପାଲଟି ଯାଉଛି । ଯେଉଁମାନେ ଦିନେ ତା ବିଛଣାରେ ସ୍ୱପ୍ନ ବୁଣୁଥିଲେ, ଗୀତ ଗାଉଥିଲେ, କଥା କହୁଥିଲେ, ସେଇମାନେ ଆଜି ଜଳି ଧୂଆଁ ହେଇଗଲେ ତା ହୃଦୟରୁ । ମମତା ସାହୁଙ୍କ କଲମରୁ.....

'ଯେବେଠୁଁ ମୁଁ ନିରବିଛି
ସେବେଠୁଁ ଅହଲ୍ୟା ପାଲଟିଛି ପଥର
ସୀତା ବେଘର
ଦ୍ରୌପଦୀ ବିବସ୍ତ୍ର
++++
ସେମାନେ ସବୁ ଜଳିଗଲେ ।'

ପୁଣି ସେଇ କବିତାର ଶେଷ ପଂକ୍ତିରେ କହୁଛନ୍ତି । ତୁ ଏମାନଙ୍କ ସହ ଲଢ଼ି ପାରିବୁ ନାହିଁ ତୁ ତ ନୀରବତାର ଅସ୍ତ୍ର ଛାଡି ଚାଲିଯାଆ । ଆଉ ଗଲା ବେଳେ ଏ ପୃଥିବୀକୁ କ୍ଷମା କରିଦେଇ ଯା ।'

ତାଙ୍କ ରଚିତ 'ପହିଲି ଛୁଆଁ' କବିତାଟି ବିରହୀ ବେଦନାକୁ ବ୍ୟକ୍ତ କରୁଛି । ପହିଲି ଛୁଆଁ ପରେ ପୁରୁଷଟି ସ୍ୱାର୍ଥପର ହୋଇ ସ୍ୱାର୍ଥପୂରଣ ପରେ କେମିତି ଅଣଦେଖା କରେ ଆଉ ନାରୀଟି ସେଇ ପହିଲି ଛୁଆଁକୁ ଛାତିରେ ଚାପି ଧରି ମନେପକାଉଥାଏ ସେଇ ମୁହୂର୍ତ୍ତଗୁଡିକୁ । କବୀଙ୍କ ଭାଷାରେ -

'ଏ ପାଖରେ ରାତି ଦମ୍ଭ
ସେପାଖେ ଜହ୍ନ ବି ଉତ୍ତାଳ
ଏ ପାଖରେ ନଈ ଜୁଆରିଆ
ସେପାଖେ ଅଥୟ ସମୁଦ୍ର
ଏ ଛୁଆଁ ସଢୁଛି ଏଠି
ଈର୍ଷା ଆଉ ଅସୂୟାପଣରେ ।'

ଏହି ସଂକଳରେ ସ୍ଥାନିତ ଆଉ ଏକ କବିତା ଯାହା ପାଠକଙ୍କୁ ସ୍ତବ୍ଧ କରିଦେବ ନିଶ୍ଚିତ 'କଳିଜା ଝୋଳ' । କଳିଜାରେ ନ ଥାଏ ଜାତି ଗୋତ୍ର, ସୁନ୍ଥାରେ ସିନ୍ଦୁର ଥିଲେ ସେ ସ୍ୱାମୀର.... ବାଃ ଚମତ୍କାର ଏ କବିତାର ସ୍ୱର ।

ଆଉ ଏକ କବିତା ଯାହା ଗଭୀର ଭାବରେ ମୋ ଭାବନାକୁ ସ୍ପର୍ଶ କରେ...' ଝିଅ ତୁ ଏବେ ନିଆଁ ହ ' । ଚମତ୍କାର କବିଙ୍କ ଭାବନା । ଝିଅ ଯଦି ନିଆଁ ନ ହେବ ଏ ପୁରୁଷ ସମାଜ ତାର ଇଚ୍ଛା, ସ୍ୱପ୍ନ, ଦେହ, ଓଠ, କଳିଜା ଲୁଟି ନେଇ ତାକୁ ପୁଣି ସୀତା, ଅହଲ୍ୟା, ଦ୍ରୌପଦୀ ଭୂମିକାରେ ଛାଡିବାକୁ ପଛେଇବ ନାହିଁ । ତେଣୁ ପ୍ରତିଶ୍ରୁତି ଭାଙ୍ଗିଲେ ପ୍ରତିବାଦର ସ୍ୱର ଉଠେଇପାରୁଥିବା ନାରୀ ହେବାକୁ ପଡ଼ିବ ତା ନିଜକୁ । ନିଜକୁ ନିଜେ ଜାଳିବାର ବେଳ ସରିଛି ସେ ପୁରାଣ ଯୁଗରୁ ଏବେ ତୁ ଧ୍ୱଂସର ପତାକା ଧରି ବାହାରି ଆ । ନିଜ ପାଇଁ ନିଜେ ଲଢ଼ କ୍ଷ ଓଢଣା ଖୋଲି ବର୍ଚ୍ଛା, ଖଣ୍ଡା, ଖପୁରୀ ଧରି ବାହାରି ପଡ଼ ମ୍ଳେଚ୍ଛ ସଂହାର ପାଇଁ । କବୀଙ୍କ ଭାଷାରେ -

'ଦେ ଫିଙ୍ଗିଦେ ମାତୃତ୍ୱର ମୁଣା
ଦେହରୁ ଅମୃତ
ଧର ! ଗୋଟେ ହାତରେ ଖଣ୍ଡା
ଆରଟିରେ ଖପୁରୀ
ଚାଟି ଚାଟି ରକ୍ତ ସଫା କର ।'

ଶେଷ ତିନୋଟି କବିତା ମଧ୍ୟ ଚମତ୍କାର ହୋଇଛି । 'ଚୁଲି', 'ନିଆଁ', 'ଧୂଆଁ' କବିତା । ନାଁ ଦେଖିଲେ ଫକୀରମୋହନଙ୍କ 'ରେବତୀ' ଗଳ୍ପର 'ଲୋ ଚୁଲି, ଲୋ ନିଆଁ, ଲୋ ରେବୀ' କଥା ମନେ ପଡିଯାଉଛି । ନାରୀ ଯଦି ଚୁଲି ମୁଣ୍ଡ, ଯୌବନର ନିଆଁ ପାଖରେ ନିଜକୁ ସମର୍ପିଦେବ ତା ତମାମ ଜୀବନଟା ଧୂଆଁ ହେଇ କେତେବେଳେ ଆକାଶକୁ ଉଡିଯିବ ସେ ନିଜେ ମଧ୍ୟ ଜାଣିପାରିବ ନାହିଁ । କବିଙ୍କ ଭାଷାରେ 'ଧୂଆଁ' କବିତାରୁ କିଛି ପଂକ୍ତି -

'ମୁଁ ତା'ପିଠି ଥାପୁଡ଼ିଲି
ଗାଲ ଆଉଁସିଲି
ସରାଗରେ ବାଛିଲି ଗୋଟେ ନାଁ
ତାକୁ ପ୍ରେମିକ କୁହାଯାଇପାରେ ।'

ସେହି 'ଧୂଆଁ' କବିତାରୁ ଆଉ ଏକ ପଂକ୍ତି ନେବା -

'ସେ ପୁଣି ଯୋଡ଼ିଲା
ପ୍ରେମ ଫ୍ରେମ କିଛି ନାହିଁ ସବୁ ମିଛ
ସବୁ ଖାଲି ଧୂଆଁ
ଧୂଆଁ ମାନେ ବିଷ
ବିଷ ମାନେ ମୃତ୍ୟୁ
ମୁଁ ଆଉ ଚାଟିଲିନି
++++
ମୋ ନିବିଡ଼ ସନ୍ତକ ।'

ସମାଜକୁ ଅତି ନିକଟରୁ ଅନୁଭବ କରିଛନ୍ତି । ନାରୀ ଛାତି ଭିତରେ ପଶି ରକ୍ତ ବିନ୍ଦୁପରି ଖୁଣ୍ଟିଛନ୍ତି ଲୁଚିରହିଥିବା ଅକୁହା ବେଦନାଗୁଡିକୁ । ଆଉ ସୁନ୍ଦର ଭାବରେ ଶବ୍ଦ ଚାତୁରୀରେ ସଂଜେଇ ସଂଜୀବିତ କରିଛନ୍ତି କବିତାଗୁଡିକୁ । ଆହୁରି ଅନେକ କବିତା ଯେମିତିକି - ଛାପ, ଝିଅ, ମାଆ ହବା, ମୋତେ ପ୍ରେମିକା ଡକାଯାଇପାରେ, ଅଛବ, ମୋହର ପ୍ରେମିକାର ହୋ ସାଆନ୍ତେ, ଖବର, ଅନ୍ଧାର, ଲତା, ଝଡ଼, କାଠ, ଇତ୍ୟାଦି ସବୁ କବିତା ଗୁଡିକ ହୃଦୟସ୍ପର୍ଶ ନିଶ୍ଚିତ । ପାଠକମାନଙ୍କୁ ବିଶେଷ କରି ନାରୀ ପାଠିକାଙ୍କ ହୃଦୟରେ ନିଶ୍ଚିତ ଆଲୋଡନ ସୃଷ୍ଟି କରିବ । ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଶେଷରେ 'ଧୂଆଁ' କବିତା ସଂକଳନଟି ବହୁ ପାଠକଙ୍କଦ୍ୱାରା ଆଦୃତ ହେଉ ଏହା ମୋର ଜଗନ୍ନାଥଙ୍କ ପାଖରେ କାମନା ।

ସିମୁଳିଆ କଲେଜ, ମାର୍କୋଣା
(ମୋ) - ୯୦୯୦୨୦୨୧୬୬

ଧ୍ୱନି ପ୍ରତିଧ୍ୱନି


ବାଲେଶ୍ୱର
୨୭ ସେପ୍ଟେମ୍ବର ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

# ଓଡ଼ିଆ ଭାଷା ଓ ଓଡିଶାକୁ ଭଲପାଉଥିବା ସାହେବ



ଦିଲ୍ଲୀପ କୁମାର ସାହୁ



୧୮୭୮ ମସିହା ଏପ୍ରିଲ ପାଞ୍ଚ ତାରିଖ। ବୈଶାଖର ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟ କଟକର ଚାନ୍ଦିନୀ ଚୌକଠାରୁ ଆରମ୍ଭ କରି କାଠଯୋଡ଼ି ନଦୀଘାଟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର କଟକବାସୀଙ୍କ ଭିଡ। ସେହି ଭିଡରେ ଛାତ୍ର, ବୁଦ୍ଧିଜୀବି, କବି, ଲେଖକ ଓ ପଣ୍ଡିତମାନଙ୍କ ସହ ଅନେକ ସାଧାରଣ ଜନତା ମଧ୍ୟ ଥାଆନ୍ତି। ସେମାନେ ଅଶ୍ରୁଳ ବିଦାୟ ଜଣାଉଥାନ୍ତି ଜଣେ ଇଂରେଜ ସାହେବଙ୍କୁ, ଯିଏ ଓଡିଶାରେ ପାଦ ଦେବାବେଳେ ଅଭିଜ୍ଞତା ଅଭାବରୁ କିଛି ତୃଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ସମାଲୋଚିତ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଓଡ଼ିଶା ପାଇଁ ଏତେ କାମ କରିଥିଲେ ଯେ ସବୁ ଓଡ଼ିଆଙ୍କ ହୃଦୟକୁ ସିଏ ଜୟ କରିପାରିଥିଲେ । ଏବେ କଟକ ସହରରେ ଯେତେ ସବୁ ପ୍ରମୁଖ ଅନୁଷ୍ଠାନ ଗୁଡିକୁ ଦେଖୁଛେ ସେଥିମଧ୍ୟରୁ ଅଧିକାଂଶର ମୂଳଦୁଆ ପଡିଥିଲା ତାଙ୍କ ଦ୍ୱାରା। ସେହି ଅନୁଷ୍ଠାନ ଗୁଡିକ ହେଲା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲ, ରାଧାନାଥ ଉଚ୍ଚଶିକ୍ଷା ଅଧ୍ୟୟନ ସଂସ୍ଥାନ, ଯୋବ୍ରା ଆନିକଟ ରେଭେନ୍ସା ବାଳିକା ବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ। ସେଇଥିପାଇଁ ତ ତାଙ୍କୁ ବିଦାୟ ଦେବାବେଳେ ଓଡିଆମାନେ ଭାବପ୍ରବଣ ହୋଇପଡିଥିଲେ। ସେହି ଇଂରେଜ ସାହେବ ହେଉଛନ୍ତି ଓଡିଶାର ଦରଦୀ ବନ୍ଧୁ ଥୋମାସ ଏଡୱାର୍ଡ ରେଭେନ୍ସା।

୧୮୬୫ ମସିହାରେ ଓଡିଶା ଡିଭିଜନର କମିଶନର ଭାବରେ ଯୋଗଦେଇଥିଲେ ରେଭେନ୍ସା ସାହେବ। ସେହିବର୍ଷ ଅନାବୃଷ୍ଟି ଯୋଗୁ ଓଡିଶାରେ ମରୁଡି ପଡିଲା । ଫଳରେ ତା ପରବର୍ଷ ଭୀଷଣ ଖାଦ୍ୟାଭାବ ଦେଖାଦେଲା।

ରାଜ୍ୟ ଦୁର୍ଭିକ୍ଷର ଶିକାର ହେଲା । ଯାହାକି ନଅଙ୍କ ଦୁର୍ଭିକ୍ଷ ଭାବରେ ଇତିହାସରେ ଲିପିବଦ୍ଧ। ସେତେବେଳେ କମିଶନରଙ୍କ ଦପ୍ତରର ସବୁ ବଡ ହାକିମ ଥିଲେ ବଙ୍ଗାଳୀ। ଓଡିଶା ବିଷୟରେ ସେମାନଙ୍କର ବିଶେଷ ଜ୍ଞାନ ନଥିଲା । ତେଣୁ ସେମାନଙ୍କ ତୃଟିପୂର୍ଣ୍ଣ ଆକଳନ ଯୋଗୁ ଦୁର୍ଭିକ୍ଷ ପରିଚାଳନା ସଠିକ୍ ରୂପେ ହୋଇପାରିଲାନି। ସେତେବେଳକୁ ରାଜ୍ୟର ବଡବଡ ଜମିଦାରଙ୍କ ଅମାର ବି ଖାଲି। ବାହାରୁ ଚାଉଳ ଆସିଲାବେଳକୁ ସମୟ ଅତିକ୍ରାନ୍ତ। ଫଳରେ ଖାଦ୍ୟ ଅଭାବ ଯୋଗୁ ହଜାର ହଜାର ଓଡିଆ ପ୍ରାଣ ହରାଇଲେ । ଆଜି ସେତେବେଳର କଙ୍କାଳସାର ଓଡ଼ିଆଙ୍କ ଫଟୋ ଦେଖିଲେ ଦେହ ସିହିରି ଉଠେ। ରେଭେନ୍ସାଙ୍କ ଉପରେ ରାଗ ହୁଏ।ହେଲେ ସେହି ନଅଙ୍କ ଦୁର୍ଭିକ୍ଷ ପରେ ରେଭେନ୍ସା ଓଡ଼ିଶାର ଭାଗ୍ୟ ବଦଳାଇବାକୁ ଆପ୍ରାଣ ଚେଷ୍ଟା କରିଥିଲେ। ଭାଷା, ସାହିତ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଯାତାୟତ, ସବୁଦିଗରେ ଉନ୍ନତି ଆଣିବା ପାଇଁ ସେ ଗୁରୁତ୍ୱ ଦେଥିଲେ। ଯେଉଁଥିପାଇଁ ଆଜି ଆମେ ଓଡ଼ିଆ ବୋଲି ଗର୍ବ କରୁଛେ ଓ ରେଭେନ୍ସା ସାହେବଙ୍କୁ ସ୍ମୃତିରେ ସାଇତି ରଖିଛେ।

ରେଭେନ୍ସା ଅନୁଭବ କରିଥିଲେଯେ ସରକାରୀ ଦପ୍ତର ମାନଙ୍କରେ ଓଡ଼ିଆ ହାକିମ ଓ ଅମଲାଙ୍କ ଅଭାବ ଯୋଗୁ ଦୁର୍ଭିକ୍ଷ ପ୍ରପୀଡିତ ଲୋକଙ୍କ ପାଖରେ ଠିକ୍ ସମୟରେ ସାହାଯ୍ୟ ପହଞ୍ଚିପାରିଲାନି। ଫଳରେ ଖାଦ୍ୟାଭାବ ଜନିତ ମୃତ୍ୟୁସଂଖ୍ୟା ଆଶାତୀତ ଭାବରେ ବଢିଯାଇଥିଲା। ଅନ୍ୟପକ୍ଷରେ ଶିକ୍ଷାର ଅଭାବ ଯୋଗୁ ଓଡିଆମାନେ ସରକାରୀ ଚାକିରୀ ପାଉନଥିଲେ। ସେତେବେଳେ ଜଣେ ଦକ୍ଷ ଓଡିଆ ଅମଲା 'ବିଚିତ୍ରାନନ୍ଦ ଦାସ' ଫଉଜଦାରୀ କୋର୍ଟରେ କାମ କରୁଥିଲେ। ତଙ୍କ ଉପରେ ରେଭେନ୍ସାଙ୍କ ଦୃଷ୍ଟି ପଡିଲା । ବିଚିତ୍ରାନନ୍ଦଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ରିଲିଫ ପରିଚଳନା ସହଜ ହୋଇପାରିଥିଲା। ବିଚିତ୍ରାନନ୍ଦଙ୍କଠାରୁ ରେଭେନ୍ସା ଜାଣିଲେ ଯେ ବିଦ୍ୟାଳୟ ମାନଙ୍କରେ ବଙ୍ଗଳା ଭାଷାରେ ଶିକ୍ଷା ଦିଆଯାଉଥିବାରୁ ପିଲାମାନେ ପାଠ ପ୍ରତି ଆଗ୍ରହ ପ୍ରକାଶ କରୁ ନାହାଁନ୍ତି। ଏହା ଜାଣିବାପରେ ଓଡିଶାରେ ଶିକ୍ଷାର ବିକାଶ ନିମନ୍ତେ ରେଭେନ୍ସା ସାହେବ ପ୍ରଥମେ ଓଡ଼ିଆ ଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଲେ। କିନ୍ତୁ ଓଡ଼ିଆ ବହିର ଅଭାବ ଦର୍ଶାଇ ଓଡ଼ିଆ ଭାଷାରେ ଶିକ୍ଷାଦାନ ସମ୍ଭବ ନୁହେଁ ବୋଲି ବଙ୍ଗାଳୀ ଶିକ୍ଷା ଅଧିକାରୀମାନେ ଯୁକ୍ତି ବାଢିଲେ। ସେତେବେଳେ ଭାଷାପ୍ରେମୀ ବିଚିତ୍ରାନନ୍ଦ, ଫକୀରମୋହନ ଓ ଗୌରୀଶଙ୍କରଙ୍କ ପରି ଖ୍ୟାତନାମା ଲେଖକମାନେ ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ରଚନାରେ ଲାଗିପଡିଲେ। ଫଳରେ ଓଡିଆ ପାଠ୍ୟ ପୁସ୍ତକର ଅଭାବ ରହିଲାନାହିଁ ଓ ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାରେ ପାଠ ପଢାଗଲା।ପରୋକ୍ଷରେ ରେଭେନ୍ସା ସାହେବଙ୍କ ପ୍ରେରଣାରେ ସେହି ସମୟରେ ସ୍ୱତନ୍ତ୍ର ଓଡ଼ିଆ ଭାଷା ଆନ୍ଦୋଳନର ମୂଳଦୁଆ ପଡିଲା କହିଲେ ଅତ୍ୟୁକ୍ତି ହେବନାହିଁ।

୧୮୬୬ ବେଳକୁ ଓଡ଼ିଶାର ଗାଆଁ ଗହଳିରେ ଶିକ୍ଷା ଦାନ ପାଇଁ କେବଳ ଚାଟଶାଳୀମାନ ଥିଲା। ରେଭେନ୍ସା ସେହି ଚାଟଶାଳୀ ଗୁଡିକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ଦେବା ସହ ସରକାରୀ ଅନୁଦାନ ଯୋଗାଇ ଦେଇଥିଲେ ।

ସେହି ବିଦ୍ୟାଳୟର ଶିକ୍ଷକମାନଙ୍କ ତାଲିମ ନିମନ୍ତେ ସେ ଏକ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କଲେ। ଯାହାର ନାମ ଥିଲା ନର୍ମାଲ ସ୍କୁଲ। ପ୍ରାଥମିକ ଶିକ୍ଷକଙ୍କୁ ତାଲିମ ଦେବାପାଇଁ ଆରମ୍ଭ ହୋଇଥିବା ସେହି ଅନୁଷ୍ଠାନ ଏବେ ଶିକ୍ଷକ ତାଲିମ ନିମନ୍ତେ ଉଚ୍ଚତର ଅନୁଷ୍ଠାନ ରୂପେ ବିଦ୍ୟମାନ। ତାହା ହେଲା କଟକର ରାଧାନାଥ ଉଚ୍ଚଶିକ୍ଷା ଅଧ୍ୟୟନ ସଂସ୍ଥାନ। ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ଦୂରିକରଣ ପାଇଁ ରେଭେନ୍ସା ସାହେବ ସରକାରୀ ଖର୍ଚ୍ଚରେ ଓଡ଼ିଆ ପାଠ୍ୟ ପୁସ୍ତକ ଛପାଇବା ପାଇଁ ମଧ୍ୟ ପଦକ୍ଷେପ ନେଇଥିଲେ।

ରେଭେନ୍ସା, କମିଶନର ହୋଇ ଆସିଲାବେଳକୁ ଓଡିଶା ଡିଭିଜନରେ ହାତଗଣତି ଉଚ୍ଚ ଇଂରାଜୀ ବିଦ୍ୟାଳୟ ଥିଲା। କଲେଜ ବା ମହାବିଦ୍ୟାଳୟ ବିଷୟରେ ପ୍ରାୟ ଓଡ଼ିଆ ମାନଙ୍କର ଧାରଣା ନଥିଲା। ତେଣୁ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ରେଭେନ୍ସା ସାହେବଙ୍କ ପ୍ରଚେଷ୍ଟାରେ କଟକରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ନାଆଁ ଦିଆଗଲା କଟକ କଲେଜ। ଯେଉଁଠାରେ ଓଡିଆ ପିଲାମାନଙ୍କୁ ଏଫ୍. ଏ. ବା ଇଣ୍ଟରମିଡିଏଟ ପାଠପଢିବାର ସୁବିଧା ମିଳିଲା। ରେଭେନ୍ସାଙ୍କ ଅନୁରୋଧ କ୍ରମେ, ଶିକ୍ଷାପ୍ରେମୀ ରଜା ଓ ମହାରାଜାମାନଙ୍କ ଅନୁଦାନରେ କଟକ କଲେଜର କଳେବର ବୃଦ୍ଧିପାଇଲା। ୧୯୭୬ ମସିହାରେ ସେଠାରେ ସ୍ନାତକ ଶିକ୍ଷା ଆରମ୍ଭ ହେବାରୁ ତାହା ଏକ ପୂର୍ଣ୍ଣାଙ୍ଗ ମହାବିଦ୍ୟାଳୟରେ ପରିଣତ ହୋଇଥିଲା। ସେତେବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମହାବିଦ୍ୟାଳୟର ବିକାଶ ପାଇଁ ୨୦୦୦୦ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ।

ତାଙ୍କରି ଅନୁରୋଧ କ୍ରମେ କଟକ କଲେଜ ର ନାମ ପରିବର୍ତ୍ତନ ହୋଇ ରେଭେନ୍ସା କଲେଜ ହୋଇଥିଲା। ଯାହାକି ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭାବରେ କ୍ଷାତ।

ନାରୀ ଶିକ୍ଷାର ବିକାଶ ପାଇଁ ମଧ୍ୟ ରେଭେନ୍ସାଙ୍କ ଅବଦାନ କିଛି କମ୍ ନୁହେଁ। ସେହି ସମୟରେ ଓଡ଼ିଶାରେ ନାରୀ ଶିକ୍ଷାକୁ ନେଇ ଅନେକ ରକ୍ଷଣଶୀଳ ଚିନ୍ତାଧାରା ଥିଲା।

ଝିଅମାନଙ୍କୁ ଇଂରାଜୀ ଶିକ୍ଷା ପ୍ରଦାନ କରିବାକୁ ବାପା ମାଆ ପସନ୍ଦ କରୁନଥିଲେ ବା ଭୟ କରୁଥିଲେ। ଏହି ଚିନ୍ତାଧାରା ଦୂର କରିବା ପାଇଁ ରେଭେନ୍ସା ସାହେବ ୧୮୭୩ ମସିହାରେ କଟକରେ ଓଡ଼ିଶାର ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହାକି ଏବେ ରେଭେନ୍ସା ବାଳିକା ବିଦ୍ୟାଳୟ ଭାବରେ ନାମିତ।

ଓଡ଼ିଆମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବାପାଇଁ ମରହଟ୍ଟାମାନେ କଟକରେ ଏକ ଫାଷ୍ଟଏଡ୍ କେନ୍ଦ୍ର ଖୋଲିଥିଲେ । ଇଂରେଜମାନେ ଓଡିଶା ଅଧିକାର କରିବାପରେ ସେହି କେନ୍ଦ୍ରକୁ ଏକ ଛୋଟ ଡାକ୍ତରଖାନାରେ ପରିଣତ କରିଥିଲେ। ସେଠାରେ ନିଯୁକ୍ତ ଇଂରେଜ ଡାକ୍ତରଙ୍କ ଦ୍ୱାରା ଲୋକେ ଚିକିତ୍ସିତ ହେଉଥିଲେ। ରୋଗ ହେଲେ ସେତେବେଳେ ମୁଖ୍ୟତଃ ଲୋକଙ୍କର ଭରଷା ଥିଲେ କବିରାଜ ବା ବୈଦ୍ୟ । ଯେଉଁମାନେକି ଟୁଣୁକା ଟୁଣୁକି ବା ଚେରମୂଳି ଦ୍ୱାରା ଚିକିତ୍ସା କରୁଥିଲେ। ଫଳରେ କିଛି ଲୋକ ଭଲହେଉଥିଲେ। କିନ୍ତୁ ଅନେକଙ୍କର ମୃତ୍ୟୁ ହେଉଥିଲା।

ଓଡିଶାରେ କିଛିଦିନ ରହଣି ପରେ ରେଭେନ୍ସା ଦେଖିଲେ, ଓଡ଼ିଆ ଡାକ୍ତରଙ୍କ ବିନା ଓଡିଶାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ଆଣିବା ସମ୍ଭବ ନୁହେଁ। ତେଣୁ ତାଙ୍କ ଉଦ୍ୟମରେ କଟକର ସେହି ଛୋଟ ଡାକ୍ତରଖାନା ଏକ ମେଡିକାଲ ସ୍କୁଲରେ ପରିଣତ ହୋଇଥିଲା । ଫଳରେ ଓଡିଆ ଡାକ୍ତର ସୃଷ୍ଟି ସମ୍ଭବ ହୋଇଥିଲା ଓ ଓଡିଶାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆସିଥିଲା । ସେହି କଟକ ମେଡିକାଲ ସ୍କୁଲ ଆଜି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଭାବରେ ପୂର୍ବ ଭାରତର ଲୋକଙ୍କୁ ଉଚ୍ଚ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି।

ନଅଙ୍କ ଦୁର୍ଭିକ୍ଷର କାରଣ ଅନୁଧ୍ୟାନ କରି ରେଭେନ୍ସା ଜାଣିବାକୁ ପାଇଥିଲେ ଯେ ଓଡିଶା ନଦନଦୀରେ ଭରା। କିନ୍ତୁ ଜଳସେଚନର ଅଭାବ ଯୋଗୁ ଅନାବୃଷ୍ଟି ଫଳରେ ମରୁଡି ପଡିଲା। ଅନ୍ୟପକ୍ଷରେ ଯାତାୟତର ବ୍ୟବସ୍ଥା ନଥିବାରୁ ଲୋକଙ୍କ ପାଖରେ ସାହାଯ୍ୟ ପହଞ୍ଚି ପାରିଲାନି। ତେଣୁ ଜଳସେଚନ ଓ ଗମନାଗମନ ସୁବିଧା ନିମନ୍ତେ ସେ କେନାଲ ଖନନ ଉପରେ ଗୁରୁତ୍ୱ ଦେଲେ । ଇଂରେଜ ସରକାରଙ୍କ ପକ୍ଷରୁ କଟକର ଯୋବ୍ରାଠରେ ମହାନଦୀ ଉପରେ ବନ୍ଧ ବା ଆନିକଟ ନିର୍ମାଣ କରାଗଲା। ବନ୍ଧର ଉତ୍ତର ପାର୍ଶ୍ୱରେ କେନ୍ଦ୍ରାପଡା କେନାଲ ଓ ଦକ୍ଷିଣ ପାର୍ଶ୍ୱରେ ତାଳଦଣ୍ଡା କେନାଲ ଖୋଳାଗଲା। ଏହି ଦୁଇଟି କେନାଲ ଦ୍ୱାରା ଉପକୂଳ ଓଡିଶାର ପର୍ଯ୍ୟାପ୍ତ ଅଞ୍ଚଳକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବା ସହିତ ଜଳପଥରେ ଯାତାୟତ ବ୍ୟବସ୍ଥାକୁ ସୁଗମ କରାଯାଇପାରିଲା।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ଡାକ୍ତର ଚିନ୍ମୟ ବିଜୟଙ୍କ ଚିନ୍ମୟ ସତ୍ତା

ଡ. ଗୋଲକ ବିହାରୀ ଆଚାର୍ଯ୍ୟ





## ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ ମ୍ଲାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'

(ଚିକିତ୍ସାରୁ ଚରିତ୍ର, ପ୍ରଶାସନରୁ ପ୍ରତିଷ୍ଠାନ—ଜଣେ ଚିକିତ୍ସକଙ୍କ ଅନନ୍ୟ କର୍ମ-କରୁଣାର କାହାଣୀ)

ଚିକିତ୍ସା କେବଳ ରୋଗ ଚିହ୍ନଟ ଓ ଔଷଧ ପ୍ରୟୋଗର ବିଜ୍ଞାନ ନୁହେଁ; ଏହା ଯନ୍ତ୍ରଣାକୁ ବୁଝିବାର ବିବେକ, ଜୀବନକୁ ଜଗାଇ ରଖିବାର ଦାୟିତ୍ୱ ଏବଂ ମଣିଷ ପ୍ରତି ମମତାର ନିରବ ନିବେଦନ। ଯେତେବେଳେ ଜଣେ ଚିକିତ୍ସକ ରୋଗୀର ଶଯ୍ୟା ପାଖରୁ ନିଜ କର୍ମଯାତ୍ରା ଆରମ୍ଭ କରି ଚିକିତ୍ସା-ଶିକ୍ଷା, ପ୍ରଶାସନ, ଜନସ୍ୱାସ୍ଥ୍ୟ ଓ ପ୍ରତିଷ୍ଠାନ ଗଠନର ବିସ୍ତୃତ ପରିସରକୁ ନିଜ କର୍ମର କିରଣ ବିଚ୍ଛୁରିତ କରନ୍ତି, ସେତେବେଳେ ତାଙ୍କ ପରିଚୟ କେବଳ ବ୍ୟକ୍ତିଗତ ରହେ ନାହିଁ—ସେ ଏକ ପ୍ରତିଷ୍ଠାନର ପରିଚୟରେ ପରିଣତ ହୁଅନ୍ତି।

ପ୍ରଫେସର ଡା. ଚିନ୍ମୟ ବିଜୟ କୁମାର ମହାନ୍ତି- ଚିକିତ୍ସାଜଗତର ପରିଚିତ ନାମ ଡା. ସି.ବି.କେ. ମହାନ୍ତି—ସେହି ଦୁର୍ଲଭ ପରମ୍ପରାର ଜଣେ ଚିକିତ୍ସକ, ଯାହାଙ୍କ ଜୀବନରେ ଜ୍ଞାନ ଓ ଜନସେବା, ପାଣ୍ଡିତ୍ୟ ଓ ପ୍ରଶାସନ, ପଦ ଓ ପ୍ରଣାମ, ନେତୃତ୍ୱ ଓ ନମ୍ରତା ଏକ ଅଦ୍ଭୁତ ସମନ୍ୱୟରେ ସହଯାତ୍ରୀ ହୋଇଛି।

### ଏସ୍‌ସିବିରୁ ଆରମ୍ଭ—ସାଧନାର ସ୍ୱର୍ଣ୍ଣସୂତ୍ର:

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, କଟକ ସହ ତାଙ୍କ ସମ୍ପର୍କ କେବଳ ଛାତ୍ର କିମ୍ବା ଅଧ୍ୟାପକର ସମ୍ପର୍କ ନୁହେଁ; ଏହା ତାଙ୍କ ଦୀର୍ଘ ଚିକିତ୍ସା-ସାଧନାର ଅବିଚ୍ଛିନ୍ନ ଅଧ୍ୟାୟ।ଏସ୍‌ସିବିରୁ (ଏମ୍‌ବିବିଏସ୍) ଶିକ୍ଷା ଗ୍ରହଣ କରି (ମେଡିସିନ୍)ରେ (ଏମ୍‌ଡି) ହାସଲ କରିବା ପରେ ସେ ସେହି ଐତିହାସିକ ଚିକିତ୍ସାପୀଠର (ମେଡିସିନ୍) ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ହୋଇଥିଲେ। ଅଧ୍ୟାପନା ଓ ଚିକିତ୍ସା ତାଙ୍କ ପାଇଁ ଦୁଇଟି ଅଲଗା ପଥ ନୁହେଁ; ଏକେ ଜ୍ଞାନନଦୀର ଦୁଇଟି ପ୍ରବାହ।

ଜଣେ ଶିକ୍ଷକଙ୍କ ପ୍ରଭାବ ଶ୍ରେଣୀକକ୍ଷର ଚାରିକାନ୍ଥରେ ସୀମିତ ରହେ ନାହିଁ। ଛାତ୍ରଙ୍କ ଜ୍ଞାନ, ଚିକିତ୍ସା-ନୀତି ଓ ଜୀବନଦୃଷ୍ଟିରେ ସେହି ପ୍ରଭାବ ପିଢ଼ିରୁ ପିଢ଼ିକୁ ପ୍ରବାହିତ ହୁଏ। ଡା. ମହାନ୍ତିଙ୍କ ଶିକ୍ଷକସତ୍ତାର ମହତ୍ତ୍ୱ ମଧ ଏହି ଦୀର୍ଘସ୍ଥାୟୀ ପ୍ରଭାବରେ।

ପଦ ବଢ଼ିଲା, ପାଦ ମାଟିରୁ ଉଠିଲା ନାହିଁ। ଡା. ମହାନ୍ତିଙ୍କୁ ନିକଟରୁ ଦେଖିଥିବା ସହକର୍ମୀମାନଙ୍କ ସ୍ମୃତିରେ ତାଙ୍କ ବ୍ୟକ୍ତିତ୍ୱର ଏକ ଦିଗ ବାରମ୍ବାର ଫେରିଆସେ - ପଦ ବଢ଼ିଛି, ପ୍ରତିଷ୍ଠା ବଢ଼ିଛି, ପ୍ରଭାବ ବଢ଼ିଛି; କିନ୍ତୁ ବିନୟ କେବେ ବିଲୀନ ହୋଇନାହିଁ।

ପ୍ରଫେସର ଥିବାବେଳେ ସେ ଜୁନିଅରମାନଙ୍କଠାରୁ ଦୂରେ କୌଣସି ଉଚ୍ଚ ଆସନରେ ନିଜକୁ ରଖିନଥିଲେ। ଆଉଟଡୋରରେ ତାଙ୍କ ନାମ ପାଇଁ ଯେତେ ଭିଡ଼ ହେଉ, ସେ ଜୁନିଅରଙ୍କ ସହ ବସି ରୋଗୀ ଦେଖୁଥିଲେ। ଦୀର୍ଘ ବର୍ଷ ଧରି ନିଜ ୟୁନିଟର ସହକର୍ମୀଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିବା, ଆମ୍ବ, ଚିଙ୍ଗୁଡ଼ି, ଶୁଖୁଆ ଆଦି ନେଇଆସିବା, ହେଲ୍‌ଥ କ୍ୟାମ୍ପରେ ସହଯାତ୍ରୀଙ୍କ ସୁବିଧା ଓ ଆବଶ୍ୟକତାର ଯତ୍ନ ନେବା- ଏସବୁ ବଡ଼ ପଦର ନୁହେଁ, ବଡ଼ ହୃଦୟର ପରିଚୟ। ରୋଗୀମାନେ ମଧ ତାଙ୍କ ପାଇଁ କେବଳ 'କେସ୍' ନଥିଲେ। ଅନେକ ସମୟରେ ସେ ରୋଗୀ ଖାଲି ହାତରେ ଫେରି ନଯାଆନ୍ତୁ ବୋଲି ଔଷଧର ବ୍ୟବସ୍ଥା କରୁଥିଲେ। ଔଷଧ ନ ମିଳିଲେ ଗ୍ଲୁକୋଜ୍ ପ୍ୟାକେଟ୍ କିମ୍ବା ଟନିକ୍ ଦେଇ ମଧ ତାଙ୍କ ମନରେ ଆଶ୍ୱାସନ ଭରୁଥିଲେ। ଚିକିତ୍ସାରେ ଔଷଧ ଥିଲା; ତାହାର ଅନ୍ତରାଳରେ ଥିଲା ମମତା।

### 'ମୋ ଗୁରୁମାନଙ୍କ ଚେୟାରରେ ମୁଁ ବସିବିନି':

(ଏଚ୍‌ଓଡ଼ି) ହେବା ପରେ ତାଙ୍କ କକ୍ଷ ପୁନର୍ବିନ୍ୟାସ ହେଲା, ସୁସଜ୍ଜିତ ହେଲା। କିନ୍ତୁ ସେ (ଏଚ୍‌ଓଡ଼ି)ଙ୍କ ଚେୟାରରେ ବସିଲେ ନାହିଁ।

ତାଙ୍କ ସରଳ କଥା-"ମୋ ଗୁରୁମାନଙ୍କ ଚେୟାରରେ ମୁଁ ବସିବିନି।"ଏକ ବାକ୍ୟରେ ଶିକ୍ଷା, ଶିଷ୍ୟତ୍ୱ, ଶ୍ରଦ୍ଧା ଓ ସଂସ୍କାରର ଯେଉଁ ଦର୍ଶନ ଲୁଚିଛି, ତାହା ଶତ ଶବ୍ଦରେ ବ୍ୟାଖ୍ୟା କରିବା କଷ୍ଟକର। ପଦ ତାଙ୍କୁ ଆସନ ଦେଇଥିଲା; ସଂସ୍କାର ତାଙ୍କୁ ସେହି ଆସନରୁ ନେଇ ମଣିଷଙ୍କ ମଝିରେ ବସାଇଥିଲା।

### ଚିକିତ୍ସକରୁ ପ୍ରଶାସକ—ଦାୟିତ୍ୱର ଦିଗନ୍ତ:

(ଏସ୍‌ସିବି)ର (ସୁପରିନ୍‌ଟେଣ୍ଡେଣ୍ଟ୍) ଭାବେ ଦାୟିତ୍ୱ ତୁଲାଇବା ପରେ ତାଙ୍କ କର୍ମ ପରିସର ଆହୁରି ବିସ୍ତୃତ ହେଲା। ଏକ ବିଶାଳ ସରକାରୀ ଚିକିତ୍ସାପ୍ରତିଷ୍ଠାନ ଚଳାଇବା ମାନେ କେବଳ ଚିକିତ୍ସାଜ୍ଞାନ ନୁହେଁ; ମାନବସମ୍ପଦ, ଅବକାଠାମୋ, ଆପତ୍କାଳୀନ ପ୍ରସ୍ତୁତି, ପ୍ରଯୁକ୍ତି ଓ ରୋଗୀସେବାକୁ ଏକ ସୂତ୍ରରେ ବାନ୍ଧିବା।

ପରେ ସେ ଓଡ଼ିଶାର (ଡିଏମ୍‌ଇଟି) ଏବଂ (ହେଲ୍‌ଥ୍ ଏଣ୍ଡ୍ ଫ୍ୟାମିଲି ୱେଲ୍‌ଫେୟାର) ବିଭାଗର (ସ୍ପେଶାଲ୍ ସେକ୍ରେଟାରୀ) ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ସହିତ ତାଙ୍କ ଚିକିତ୍ସାଦୃଷ୍ଟି ରୋଗୀରୁ ରାଜ୍ୟକୁ, ହସ୍ପିଟାଲରୁ ସ୍ୱାସ୍ଥ୍ୟବ୍ୟବସ୍ଥାକୁ ବିସ୍ତାରିତ ହେଲା।

ଡେଙ୍ଗୁ ପରିଚାଳନାରେ (ନୋଡାଲ୍ ଅଫିସର), ୨୦୧୩ର ଅନୁଗୋଳ (ଆନ୍ଥ୍ରାକ୍ସ) (ଆଉଟ୍‌ବ୍ରେକ୍)ରେ ଭୂମିକା, / (ଏଚ୍‌ଆଇଭି / ଏଡ୍‌ସ୍) କ୍ଷେତ୍ରରେ (ଟ୍ରେନର ଅଫ୍ ଟ୍ରେନର୍ସ) ଭାବେ ସମ୍ପୃକ୍ତତା—ବିଭିନ୍ନ ଜନସ୍ୱାସ୍ଥ୍ୟ ସଙ୍କଟରେ ତାଙ୍କ ଦାୟିତ୍ୱବୋଧର ପରିସରକୁ ପ୍ରକାଶ କରେ।

### ଫନୀରେ ଦୂରଦୃଷ୍ଟି, କୋଭିଡ୍‌ରେ କର୍ତ୍ତବ୍ୟ:

ଫନୀ ବାତ୍ୟା ତାଙ୍କ ପ୍ରଶାସନିକ ପ୍ରଜ୍ଞାର ଏକ ସ୍ମରଣୀୟ ପରୀକ୍ଷା। ବିଦ୍ୟୁତ୍ ବିଭ୍ରାଟର ସମ୍ଭାବନା ଅନୁମାନ କରି ସେ ପୂର୍ବରୁ ଡିଜେଲ୍‌ର ବ୍ୟବସ୍ଥା କରିଥିଲେ। ଛାତ ଉପରେ ଥିବା ପ୍ଲାଷ୍ଟିକ୍ ପାଣିଟାଙ୍କି ବାତ୍ୟାରେ ଖସିପଡ଼ିବାର ଆଶଙ୍କାକୁ ମଧ ଆଗରୁ ବୁଝି ଟାଙ୍କିଗୁଡ଼ିକୁ ଚାରିପଟେ ଇଟାର ସୁରକ୍ଷା ବଳୟ ତିଆରି କରିଥିଲେ। ତାଙ୍କ ପ୍ରସ୍ତୁତିର ମୂଳମନ୍ତ୍ର ଥିଲା—ବିପଦ ଆସିବା ପୂର୍ବରୁ ବିପଦକୁ ପଢ଼ିନେବା।

୨୦୨୦-୨୧ର କୋଭିଡ୍ ସଙ୍କଟରେ ମଧ ତାଙ୍କ ଭୂମିକା ଥିଲା ବହୁମୁଖୀ। ରାଜ୍ୟ ସରକାରଙ୍କ (ଟେକ୍ନିକାଲ୍ ଟିମ୍)ର (କି ରିସୋର୍ସ ପର୍ସନ୍) ଓ (କୋଭିଡ୍) (ମ୍ୟାନେଜ୍‌ମେଣ୍ଟ୍) ସମ୍ପର୍କିତ - (ହାଇ-ଲେଭଲ୍ କମିଟି)ର ସଦସ୍ୟ ଭାବେ ସେ (ଟେଷ୍ଟିଂ ଫ୍ୟାସିଲିଟିଜ୍), (ମେଡିକାଲ୍ ଡାଟା ସର୍ଭେଲାନ୍ସ), (କନ୍‌ଭାଲେସେଣ୍ଟ୍ ପ୍ଲାଜ୍‌ମା ୟୁନିଟ୍ସ), (କୋଭିଡ୍ କେୟାର ଫ୍ୟାସିଲିଟିଜ୍) ଓ (ଆଇସିୟୁ) ବିକାଶ ଆଦିରେ ସମ୍ପୃକ୍ତ ଥିଲେ। (ଏସ୍‌ସିବି)ରେ (ଏକ୍‌ମୋ) ସୁବିଧା ସ୍ଥାପନରେ ମଧ (ଡିଏମ୍‌ଇଟି) ଭାବେ ତାଙ୍କ ଭୂମିକା ଥିଲା। କିନ୍ତୁ ସହକର୍ମୀଙ୍କ ସ୍ମୃତିରେ କୋଭିଡ୍‌କାଳର ଡା. ମହାନ୍ତି କେବଳ ଜଣେ ଅଧିକାରୀ ନୁହନ୍ତି। ଦିନରାତି କାମ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଭାତ-ଡାଲମାର ବ୍ୟବସ୍ଥା ହେଉଥିଲା; ସେ ନିଜ ଘରୁ ବିଭିନ୍ନ ତରକାରୀ ନେଇ ଆସୁଥିଲେ। ମହାମାରୀ ମଣିଷକୁ ଦୂରେଇ ଦେଇଥିଲା; ତାଙ୍କ ମମତା ମଣିଷକୁ ମଣିଷ ସହ ଯୋଡ଼ି ରଖିଥିଲା।

### ପ୍ରତିଷ୍ଠା ବଢ଼ିଲା, ବିନୟ ବଢ଼ିଲା:

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ରୋଗୀ ତାଙ୍କ ପାଖକୁ ଆସିଛନ୍ତି। ପ୍ରତିଷ୍ଠିତ ବ୍ୟକ୍ତିଠାରୁ ସାଧାରଣ ଅସହାୟ ମଣିଷ—ସମସ୍ତଙ୍କ ପାଇଁ ତାଙ୍କ ଦ୍ୱାର ଖୋଲା ରହିଛି। ଅନେକ ରୋଗୀଙ୍କ ଘରକୁ ସେ ନିଜେ ଯାଇଛନ୍ତି; ଅନେକଙ୍କ ଜୀବନର ଶେଷ ସମୟରେ ଘଣ୍ଟା ଘଣ୍ଟା ପାଖରେ ବସିଛନ୍ତି।୨୦୨୧ରେ (କିମ୍ସ) ସହ ଯୋଡ଼ି ହୋଇ - (ପ୍ରୋ-ଭାଇସ୍ ଚାନ୍ସେଲର) ଭାବେ ଦାୟିତ୍ୱ ଗ୍ରହଣ କରି ସେ ଚିକିତ୍ସା-ଶିକ୍ଷା ଓ ପ୍ରତିଷ୍ଠାନ ଗଠନର ଆଉ ଏକ ବିସ୍ତୃତ ପରିସରକୁ ପ୍ରବେଶ କଲେ। ତାଙ୍କ ଦୀର୍ଘ କର୍ମଜୀବନକୁ ବିଭିନ୍ନ ସମ୍ମାନ ମଧ ଅଳଙ୍କୃତ କରିଛି— (ଷ୍ଟେଟ୍ ସ୍ୱାୟତ୍ତ ଶାସନ ଅୱାର୍ଡ଼), (ପ୍ରାଣକୃଷ୍ଣ ପରିଜା ହେଲ୍‌ଥ୍ ଅୱାର୍ଡ଼), (ଭକ୍ତିଲତା ରାୟ ମେମୋରିଆଲ୍ ଅୱାର୍ଡ଼), (ଗଣକବି ବୈଷ୍ଣବ ପାଣି ଅୱାର୍ଡ଼), (କୋଭିଡ୍ ସମ୍ମାନ) ଓ (ଗୁରୁ ଗୌରବ ସମ୍ମାନ) ଆଦି। କିନ୍ତୁ ତାଙ୍କ ସବୁଠାରୁ ଅର୍ଥବାନ ସମ୍ମାନ ସମ୍ଭବତଃ ସେହି ଅନାମିକା ଆସ୍ଥା, ଯାହା ରୋଗୀଙ୍କ ଆଖିରେ, ଛାତ୍ରଙ୍କ ସ୍ମୃତିରେ ଓ ସହକର୍ମୀଙ୍କ କଥାରେ ଦେଖାଯାଏ।

### ଚିନ୍ମୟ ବିଜୟଙ୍କ ଭିତରେ ଚିନ୍ମୟ ବିନୟ:

ଡା. ମହାନ୍ତିଙ୍କ ଜୀବନର ସବୁଠାରୁ ମନୋହର ବିରୋଧାଭାସ—ତାଙ୍କ ବିଜୟ ଯେତେ ବଡ଼, ବିନୟ ସେତେ ଗଭୀର।

(ଏଚ୍‌ଓଡ଼ି) ହୋଇ ମଧ ଗୁରୁଙ୍କ ଚେୟାରରେ ନ ବସିବା; ପ୍ରଫେସର ହୋଇ ମଧ ଜୁନିଅରଙ୍କ ସହ ରୋଗୀ ଦେଖିବା; ରାଜ୍ୟସ୍ତରୀୟ ଦାୟିତ୍ୱରେ ଥାଇ ମଧ ସହକର୍ମୀଙ୍କ ଖାଦ୍ୟର ଚିନ୍ତା କରିବା; ପ୍ରତିଷ୍ଠିତ ଚିକିତ୍ସକ ହୋଇ ମଧ ଅସହାୟ ରୋଗୀ ପାଇଁ ଔଷଧ ଯୋଗାଡ଼ କରିବା—ଏସବୁ ଘଟଣା ମିଶି ଗଢ଼ିଛି ତାଙ୍କର ଏକ ବିରଳ ମାନବିକ ମହାଚିତ୍ର। ରତ୍ନଭଣ୍ଡାରର ଗଣତି ଭଳି ସୁସ୍ପର୍ଶକାତର ଦାୟିତ୍ୱ ହେଉ କି ଜଣେ ରୋଗୀଙ୍କ ଶେଷ ମୁହୂର୍ତ୍ତରେ ଶଯ୍ୟା ପାଖରେ ରହିବା—ପରିସ୍ଥିତି ଅଲଗା, କିନ୍ତୁ ଦାୟିତ୍ୱବୋଧର ମାନଦଣ୍ଡ ଏକ। ଏହିଠିକୁ ଆସି 'ଚିନ୍ମୟ ବିଜୟ' ନାମଟି ଆଉ ଏକ ଅର୍ଥ ପାଏ—ଚିନ୍ମୟ ବିନୟ। ବିଜୟରେ ବିଭା, ପ୍ରତିଷ୍ଠାରେ ପ୍ରଣତି, ପଦରେ ପବିତ୍ରତା ଓ ପାଣ୍ଡିତ୍ୟରେ ପରମ ମାନବିକତା।

### ଉପସଂହାର:

ଜଣେ ଡାକ୍ତରଙ୍କ ମହତ୍ତ୍ୱକୁ କେବଳ ଡିଗ୍ରୀ, ପଦବୀ କିମ୍ବା ପୁରସ୍କାରରେ ମାପିହେବ ନାହିଁ। ତାଙ୍କ ପ୍ରକୃତ ପରିମାପ ରହେ—କେତେ ଜୀବନକୁ ସେ ସ୍ପର୍ଶ କଲେ, କେତେ ଛାତ୍ରଙ୍କ ମନରେ ଜ୍ଞାନର ଦୀପ ଜଳାଇଲେ, କେତେ ସଙ୍କଟରେ ବ୍ୟବସ୍ଥାକୁ ସୁଦୃଢ଼ କଲେ ଏବଂ କେତେ ଅସହାୟ ମଣିଷଙ୍କୁ ଆଶ୍ୱାସନର ଆଶ୍ରୟ ଦେଲେ। ଡା. ସି.ବି.କେ. ମହାନ୍ତିଙ୍କ ଜୀବନ ଏହି ଅଦୃଶ୍ୟ ମାନଦଣ୍ଡରେ ଏକ ଦୀପ୍ତ କର୍ମକାହାଣୀ - ଏସ୍‌ସିବିର ଶ୍ରେଣୀକକ୍ଷରୁ ରୋଗୀର ଶଯ୍ୟା, ଚିକିତ୍ସାକକ୍ଷରୁ ହସ୍ପିଟାଲ ପ୍ରଶାସନ, ହସ୍ପିଟାଲରୁ ରାଜ୍ୟର ସ୍ୱାସ୍ଥ୍ୟବ୍ୟବସ୍ଥା, ମହାମାରୀର ସଙ୍କଟରୁ ଆଧୁନିକ ଜୀବନରକ୍ଷକ ପ୍ରଯୁକ୍ତି, ସରକାରୀ ପ୍ରଶାସନରୁ ଉଚ୍ଚ ଚିକିତ୍ସା-ଶିକ୍ଷା ପର୍ଯ୍ୟନ୍ତ। ତାଙ୍କ ହାତରେ ଷ୍ଟେଥୋସ୍କୋପ୍ ଥିଲା—ସେ ହୃଦୟର ସ୍ପନ୍ଦନ ଶୁଣିଲେ। ତାଙ୍କ ହାତରେ ପ୍ରଶାସନର ଦାୟିତ୍ୱ ଥିଲା—ସେ ବ୍ୟବସ୍ଥାର ସ୍ପନ୍ଦନ ବୁଝିଲେ। ତାଙ୍କ ସାମ୍ନାରେ ଜ୍ଞାନର ବିଶାଳ ଭଣ୍ଡାର ଥିଲା—ସେ ପରବର୍ତ୍ତୀ ପିଢ଼ିକୁ ଆଲୋକ ବାଣ୍ଟିଲେ। ଆଉ ତାଙ୍କ ଭିତରେ ଥିଲା ଏକ ଅପାର ମାନବିକ ମନ—ସେଥିରୁ ସେ ନିରବରେ ବାଣ୍ଟି ଚାଲିଲେ ସାହାଯ୍ୟ, ସ୍ନେହ, ସମ୍ମାନ ଓ ସମ୍ବେଦନା। ତେଣୁ ତାଙ୍କୁ କେବଳ 'ଜଣେ ବଡ଼ ଡାକ୍ତର' ବୋଲି କହିଦେବା ତାଙ୍କ ବ୍ୟକ୍ତିତ୍ୱର ପରିସରକୁ ସଂକୁଚିତ କରିଦେବ। ଚିନ୍ମୟ ବିଜୟଙ୍କ ବିଜୟରେ ଯେତିକି ଚିକିତ୍ସାବିଜ୍ଞାନର ଦୀପ୍ତି, ତାହାଠାରୁ ଅଧିକ ତାଙ୍କ ବିନୟର ବିଭା; ତାଙ୍କ ପ୍ରତିଷ୍ଠାରେ ଯେତିକି ପଦର ପ୍ରଭାବ, ତାହାଠାରୁ ଅଧିକ ମଣିଷ ପାଇଁ ମନର ମମତା। ଚିନ୍ମୟ ବିଜୟଙ୍କ ଏହି ଚିନ୍ମୟ ସତ୍ତା—ସେହି ତାଙ୍କର ସତ୍ୟ ସ୍ମାରକ।

♥ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

# କୁହୁକ ଦର୍ପଣର ରହସ୍ୟ



ମୂଳ ଇଂରାଜୀ ଲେଖା -ୟୁ. ବୈଷ୍ଣବୀ
ଓଡ଼ିଆ ଅନୁବାଦ - ବିଷ୍ଣୁ ପ୍ରସାଦ ଦାସ

ମୁମ୍ବାଇର ଏକ ଝଡ଼-ବର୍ଷା ରାତ୍ରି । ବିଜୁଳି ଏବଂ ଘଡ଼ଘଡ଼ି ଶବ୍ଦରେ ପୂର୍ବ ଅନ୍ଧେରୀ ଅଞ୍ଚଳ କମ୍ପି ଉଠୁଥିଲା। ହଠାତ୍ ବିଜୁଳି ସରବରାହ ମଧ ବନ୍ଦ ହୋଇଗଲା । ଅନ୍ଧାର ଭିତରେ ମୋର ମନେପଡ଼ିଲା ଯେ, ମୁଁ ମୋର ପ୍ରିୟ କଣ୍ଟେଇଟିକୁ ଘରର ଉପର ମହଲା କୋଠରୀରେ ରଖି ଦେଇଛି । ମୁଁ ଏକ ଟର୍ଚ୍ଚ ଲାଇଟ ଧରି ସେଠାକୁ ଦୌଡ଼ିଗଲି ଏବଂ ମୋର ପ୍ରିୟ କଣ୍ଟେଇଟିକୁ ଖୋଜିବାକୁ ଲାଗିଲି । ହଠାତ୍, ବିଜୁଳି ଆଲୋକର ଏକ ଝଲକ ସେହି କୋଠରୀର ଅନ୍ଧାର କୋଣରେ ଥିବା ଏକ ବଡ଼ ଦର୍ପଣ ଉପରେ ପଡ଼ିଲା । ମୁଁ ଭୟଭୀତ ହୋଇପଡ଼ିଲି ଏବଂ ମୋ ଆଖି ଦୁଇଟିକୁ ଜୋରରେ ବନ୍ଦ କରିଦେଲି ।

ପରବର୍ତ୍ତୀ ମୁହୂର୍ତ୍ତରେ, ଯେତେବେଳେ ମୁଁ ଆଖି ଖୋଲିଲି, ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଅନୁଭବ କଲି ଯେ, ମୁଁ ଖୁବ୍ ଉଚ୍ଚା ଗମନଚୁମ୍ବୀ ଅଟ୍ଟାଳିକା ଥିବା ଏକ ସୁନ୍ଦର ସହରର ଏକ ବିରାଟ ମୂର୍ତ୍ତି ସାମ୍ନାରେ ଛିଡ଼ା ହୋଇଛି । ସେଠାକାର ଲୋକମାନେ ଆମ ଭାରତୀୟ ମାନଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା ଦେଖା ଯାଉଥିଲେ। କଥାବାର୍ତ୍ତା ମଧ ଅଲଗା ଲାଗୁଥିଲା । ଉତ୍ସୁକତା ବଶତଃ ମୁଁ ଜଣେ ବାଟୋଇଙ୍କୁ ସେହି ସହର ବିଷୟରେ ପଚାରିଲି, ସେ କହିଲେ, 'ନ୍ୟୁୟର୍କ ସହରକୁ ସ୍ୱାଗତଂ !' । ତା' ପରେ ସେ ମୋତେ ଉପହାର ସ୍ୱରୂପ ଷ୍ଟାଚ୍ୟୁ ଅଫ ଲିବର୍ଟିର ମୁଦ୍ରାଟି ଦେଲେ। ମୁଁ ଏହା ବିଶ୍ୱାସ କରିପାରିଲି ନାହିଁ ଏବଂ ଖୁସିରେ ଆତ୍ମହରା ହୋଇ ଦୌଡ଼ିବାକୁ ଲାଗିଲି । ହଠାତ୍ ମୁଁ ଏକ ଅନ୍ଧାରିଆ ଗର୍ତ୍ତରେ ପଡ଼ିଗଲି, ମୋର ହୃଦୟର ସ୍ପନ୍ଦନ ବଢ଼ିଗଲା ।



ମୋତେ ପୁଣି ଥରେ ଭୟ ଲାଗିଲା ଏବଂ ମନେହେଲା ଯେପରି ଏହି ପତନ କେବେ ଶେଷ ହେବ ନାହିଁ । ତଥାପି, ଅଳ୍ପ ସମୟ ପରେ ମୁଁ ନିଜକୁ ଚୀନ୍‌ର ବିଶାଳ ପ୍ରାଚୀର ସାମ୍ନାରେ ଛିଡ଼ା ହୋଇଥିବାର ଦେଖିଲି । ଏହାର ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ ହୋଇଗଲି । ହଠାତ୍ ଜଣେ ମହିଳା ମୋତେ ଡାକି କହିଲେ, 'ଆସ, ଆମକୁ ଶୀଘ୍ର ଏଠାରୁ ଯିବାକୁ ପଡ଼ିବ!' ମୁଁ ଏକ ରୋବଟ୍ ପରି ତାଙ୍କ ପଛେ ପଛେ ଚାଲିଥିଲି । ଭାବୁଥିଲି, ଆଗକୁ କ'ଣ ହେବାକୁ ଯାଉଛି ? ସେ ମୋତେ ଏକ ପୁରୁଣା ଚିନି ସରାଇକୁ ନେଇଗଲେ ଏବଂ ମୋତେ କୋଠରୀ ଭିତରକୁ ଯିବାକୁ ନିର୍ଦ୍ଦେଶ ଦେଲେ। ମୋ ମନରେ ସନ୍ଦେହ ହେଲା, ତେଣୁ ମୁଁ କାରଣ ପଚାରିବା ପାଇଁ ପଛକୁ ଫେରି ଚାହିଁଲି, କିନ୍ତୁ ସେ ସେଠାରୁ ଅଦୃଶ୍ୟ ହୋଇ ଯାଇଥିଲେ । ତଥାପି କୋଠରୀ ଭିତରେ କ'ଣ ଅଛି ତାହା ଜାଣିବା ପାଇଁ ମୁଁ ଉତ୍ସୁକ ଥିଲି । ମୁଁ କବାଟ ଖୋଲିଲି ଏବଂ ମୋ ମୁହଁରେ ପବନର ଏକ ଶକ୍ତ ଝଟକା ଅନୁଭବ କଲି... ତା' ପରେ ସବୁ ଅନ୍ଧାର ଦେଖାଗଲା ।

ଆଖି ଖୋଲିବା ବେଳକୁ ମୋ' ନଜରକୁ ଏକ ବିରାଟ ସାଇନ୍‌ବୋର୍ଡ ଆସିଲା, ଯେଉଁଥିରେ ଲେଖାଥିଲା - 'ମାଲେସିଆ ଆପଣଙ୍କୁ ସ୍ୱାଗତ ଜଣାଉଛି । ମାଲେସିଆ....ଟ୍ରୁଲି ଏସିଆ ।' ମୋ ମୁହଁରେ ହସ ଫୁଟି ଉଠିଲା । ମୁଁ ଭାବିଲି, ହେ ଭଗବାନ, ଏ କି ଅଦ୍ଭୁତ ଦୃଶ୍ୟ ! ଗୋଟିଏ ଦିନ ଭିତରେ ନ୍ୟୁୟର୍କ, ଗ୍ରେଟ ୱାଲ ଅଫ୍ ଚାଇନା ଏବଂ ମାଲେସିଆ ପହଞ୍ଚାଇ ଦେଲ । ମନ ମୋର ଚାହୁଁଥିଲା ଆହୁରି କିଛି ନୂତନ ସ୍ଥାନକୁ ଆବିଷ୍କାର କରିବାକୁ । ପରଖି ନେବାକୁ ସେଠାକାର ସଭ୍ୟତାକୁ, ଆଚାର ବ୍ୟବହାରକୁ, କଳା, ସ୍ଥାପତ୍ୟକୁ.....

କିନ୍ତୁ ହଠାତ୍ ମୋ' ମା'ଙ୍କର ଉଚ୍ଚ ସ୍ୱର ଶୁଣିଲି, 'ବୈଷ୍ଣବୀ, ଉଠ ! ତୁମର ସ୍କୁଲ୍ ଯିବାରେ ବିଳମ୍ବ ହୋଇଯିବ !' ହଠାତ୍ ମୋର ନିଦ ଭାଙ୍ଗିଗଲା ମୁଁ ବୁଝିପାରିଲି ଯେ, ଏହା କେବଳ ଏକ ସ୍ୱପ୍ନ ଥିଲା, ଆଉ ସେହି ରହସ୍ୟମୟ ବ୍ୟାଗ୍... ଯାହା ମୋ ବାପା ମୋତେ ଗତ ରାତ୍ରିରେ ଉପହାର ଦେଇଥିଲେ... ତାହା ମୋ ବିଛଣା ପାଖରେ ହିଁ ପଡ଼ିଥିଲା, ବ୍ୟାଗ୍ ଭିତରେ ଏକ ଭ୍ରମଣ କାହାଣୀ ପୁସ୍ତକ ଥିଲା। ଭାବିଲି ହୁଏତ ଏହି ରହସ୍ୟମୟ ଭ୍ରମଣ କାହାଣୀ ପୁସ୍ତକ ସଂସ୍ପର୍ଶରେ ଆସି ମୁଁ ଗତ ରାତ୍ରିରେ ସ୍ୱପ୍ନ ରାଜ୍ୟରେ ଉଡି ବୁଲୁଥିଲି ।



( ଲେଖିକା ୟୁ. ବୈଷ୍ଣବୀ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀ) ।♥ ♥

# ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି



ଭଦ୍ରକ, ୨୬/୯ (ନି.ପ୍ର): ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍, ଉଦ୍ଧାର ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି।୧. ପ୍ରଭାବିତ ଅଞ୍ଚଳ ଓ ସ୍ଥାନାନ୍ତର:ଆଜି ସନ୍ଧ୍ୟା ୬ଟା ସୁଦ୍ଧା ୫ଟି ବ୍ଲକ୍ - ଭଦ୍ରକ, ବନ୍ତ, ଭଣ୍ଡାରୀପୋଖରୀ, ଧାମନଗର, ତିହିଡ଼ି ଏବଂ ୨ଟି ପୌରାଞ୍ଚଳ - ଭଦ୍ରକ ପୌରପାଳିକା ଓ ଧାମନଗର ଘଇଉ ପ୍ରଭାବିତ ହୋଇଛି। ମୋଟ ୬୪ଟି ଗ୍ରାମ ପଞ୍ଚାୟତ, ୧୦ଟି ୱାର୍ଡ ଓ ୧୭୭ଟି ଗ୍ରାମର ୧,୧୫,୭୪୭ ଜନସଂଖ୍ୟା ପ୍ରଭାବିତ ହୋଇଛନ୍ତି। ୭୨୮୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୭୨୮୮ ଜଣଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ମାନବ ଜୀବନ ହାନି ଓ ଘର କ୍ଷୟକ୍ଷତି ଶୂନ।୨. ରିଲିଫ୍ ବ୍ୟବସ୍ଥା: ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୨ଟି ମାଗଣା ରୋଷେଇ ଘର ଖୋଲାଯାଇଛି। ଏପର୍ଯ୍ୟନ୍ତ ୧୨୦.୯୬ କ୍ୱିଣ୍ଟାଲ ଚୁଡ଼ା ଓ ୨୭.୫୪ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ୭୮,୭୯୭ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି।୩. ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ: ସମସ୍ତ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୦୩ଟି ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ହୋଇଛନ୍ତି, ୦୨ଟି ପ୍ରାଣୀ ଚିକିତ୍ସା ଶିବିର ଆୟୋଜିତ ହୋଇଛି ଓ ୬୪ଟି ପଶୁଙ୍କ ଚିକିତ୍ସା କରାଯାଇଛି।୪. ଉଦ୍ଧାର ଓ ଜରୁରୀକାଳୀନ ସେବା: ଭଣ୍ଡାରୀପୋଖରୀ ବ୍ଲକ୍ ରେ ୦୧ଟି ଡଫଜଇଉର ଟିମ୍ ନିୟୋଜିତ ହୋଇଛି।ନଦୀ ଜଳସ୍ତର:ସାଳନ୍ଦୀ ନଦୀ (ରାଜଘାଟ): ବିପଦ ସଙ୍କେତ ୧୭.୦୦ ଫୁଟ, ବର୍ତ୍ତମାନ ସ୍ତର ୧୯.୫୦ ଫୁଟ ଆଖୁଆପଦା ଗେଜ୍: ବର୍ତ୍ତମାନ ସ୍ତର ୧୯.୩୫ ମି., ବିପଦ ସଙ୍କେତ ୧୮.୩୩ ମି. ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ସତର୍କ ନଜର ରଖିଛି।

# ବିଜୁ ମହିଳା ଜନତା ଦଳର ଉପ ସଭାପତି ହେଲେ ସାଗରିକା ସେଠୀ



ବାସୁଦେବପୁର, ୨୬/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଗରିକା ସେଠୀଙ୍କୁ ନିକଟରେ ବିଜୁ ମହିଳା ଜନତା ଦଳର ଭଦ୍ରକ ଜିଲ୍ଲା ଉପ ସଭାପତି ଭାବେ ମନୋନୀତ କରାଯାଇଛି। ଏଥି ପାଇଁ ସାଗରିକା ସେଠୀ ଓଡ଼ିଶାର ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥି ସହିତ ବାସୁଦେବପୁର ର୍ନିବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟଙ୍କୁ ଶ୍ରୀମତୀ ସେଠୀ ଅନେକ ଅନେକ ଧନ୍ୟବାଦ ଦେଇଛନ୍ତି। ୨୦୧୭ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଶ୍ରୀମତୀ ସେଠୀ ସରପଞ୍ଚ ଦାୟିତ୍ୱରେ ରହିଥିଲେ। ଆଗାମୀ ଦିନରେ ମହିଳା ମାନଙ୍କର ବିକାଶ ପାଇଁ ଶ୍ରୀମତୀ ସେଠୀ ଉପଯୁକ୍ତ କାର୍ଯ୍ୟ କରିବେ ଏବଂ ରାଜନୀତିର ଅଭିଜ୍ଞତାକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସେ ସୁଚାରୁ ରୂପେ ସମ୍ପନ୍ନ କରିବେ ବୋଲି ଗଣ ମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି। ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଆଶୀର୍ବାଦରୁ ଶ୍ରୀମତୀ ସେଠୀ ସରପଞ୍ଚ ଭାବରେ ଅତୀତରେ ବିଜୟ ଲାଭ କରିଥିଲେ। ଏ କ୍ଷେତ୍ରରେ ତାଙ୍କର ସ୍ୱାମୀ ବରିଷ୍ଠ ବିଜେଡି ନେତା ଗୌତମ ସେଠୀ ଙ୍କର ସହଯୋଗ ରହିଛି। ଅନେକ ଆଗାମୀ ଦିନରେ ନିଶ୍ଚିତ ଭାବେ ଶ୍ରୀମତୀ ସେଠୀ ମହିଳା ମାନଙ୍କୁ ଏକତ୍ର କରି ସେମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ମନରେ ଦୃଢ଼ ଆଶା ବାନ୍ଧିଛନ୍ତି।

## ଓଡ଼ିଆ ଭାଷା...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

କ୍ରମେକ୍ରମେ ଓଡ଼ିଶାର ଭିତ୍ତିଭୂମିର ଉନ୍ନତି ହେବାରେ ଲାଗିଲା। ଏହି କାର୍ଯ୍ୟରେ ସହାୟତା ପାଇଁ ବୈଷୟିକ କର୍ମଚାରୀଙ୍କ ଆବଶ୍ୟକ ପଡିଲା। ତେଣୁ ଓଡ଼ିଆ ପିଲାଙ୍କୁ ବୈଷୟିକ ତାଲିମ ଦେବା ନିମନ୍ତେ ରେଭେନ୍ସା ସାହେବ ଯୋଜନା କଲେ। ଯାହାର ଫଳ ସ୍ୱରୂପ ପ୍ରତିଷ୍ଠିତ ହେଲା 'କଟକ ସର୍ଭେ ସ୍କୁଲ'। ସେହି ସ୍କୁଲର ଅଭିନବ କଳେବର ଆଜିର ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲ। ପ୍ରଥମରୁ ସମାଲୋଚିତ ହୋଇଥିବା ରେଭେନ୍ସା ସାହେବଙ୍କ ଯୋଗୁ ଓଡ଼ିଆଙ୍କ ଭାଗ୍ୟରେ ବିପୁଳ ପରିବର୍ତ୍ତନ ଆସିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ସେଇଥିପାଇଁତ ତାଙ୍କ ବିଦାୟ ଦିନ ସାରା କଟକ ସହରବାସୀ ତାଙ୍କୁ ଭକ୍ତିପୂର୍ଣ୍ଣ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ 'ଉତ୍କଳ ଦୀପିକା'ର ଅଗ୍ର ଲେଖା ଥିଲା ' ରେଭେନ୍ସା ସାହେବ ଓଡ଼ିଶାର ପରମ ହିତୈଷୀ ବନ୍ଧୁ ଥିଲେ'। କର୍ମବୀର ଗୌରୀଶଙ୍କର କହିଥିଲେ 'ରେଭେନ୍ସା ସାହେବଙ୍କ ଅବଦାନ ଥିଲା ଓଡ଼ିଶାର ନବଜାଗରଣ ପାଇଁ ଅନ୍ତହୀନ ପ୍ରେରଣା ।' ରାଧାନାଥ ରାୟ ତାଙ୍କ 'ଦରବାର' କାବ୍ୟରେ ରେଭେନ୍ସାଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ

'ରେଭେନ୍ସା ସାହେବ ସୁଦୟ-ହୃଦୟ,
ଓଡ଼ିଶାର ଯେହୁ ସାଧିଲେ ଅଭ୍ୟୁଦୟ ।
ଓଡ଼ିଆ ଭାଷାର ରଖିଲେ ସେ ମାନ,
ତାଙ୍କ ଗୁଣ କେଭେ ଭୁଲିବେ ଓଡ଼ିଆ ଜନ ?'

ଫକୀରମୋହନ ସେନାପତି ରେଭେନ୍ସା ସାହେବଙ୍କ
ଗୁଣଗାନ କରି ତାଙ୍କର 'ଉତ୍କଳ ଭ୍ରମଣ' କାବ୍ୟରେ ଲେଖିଥିଲେ

'ଧନ୍ୟ ରେଭେନ୍ସା ସାହେବ ସାକ୍ଷାତ ଋଷି,
ଉତ୍କଳ ଭୂମିକୁ ତୁମ୍ଭେ ଦେଇଛ ଯଶ କୀରତି କଷି ।'

ରେଭେନ୍ସାଙ୍କ ପରି ସାହେବ ବିରଳ ଯିଏ ଓଡିଶାକୁ ଆସି ସ୍ପଷ୍ଟ ଓଡିଆ ଭାଷାରେ କଥାବାର୍ତ୍ତା କରୁଥିଲେ।

ସେ ଓଡିଶା ଛାଡିବାର ବହୁବର୍ଷ ପରେ ମଧୁସୂଦନ ଦାସ ଇଂଲଣ୍ଡ ଯାଇଥିଲେ। ସେଠାରେ ରେଭେନ୍ସା ସାହେବ ମଧୁବାବୁଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ। ଓଡିଶାରୁ ପାଇଥିବା ଉପହାର ଗୁଡିକୁ ତାଙ୍କ ଘରେ ସଜାଇ ରଖିଥିବା ଦେଖି ମଧୁବାବୁ ଆନନ୍ଦରେ ଅଧୀର ହୋଇପଡିଥିଲେ। ମଧୁବାବୁଙ୍କ ସହ ସେ ସ୍ପଷ୍ଟ ଓଡ଼ିଆରେ କଥାବାର୍ତ୍ତା କରିଥିଲେ। ଏହା ମଧୁବାବୁଙ୍କୁ ଯେତିକି ବିସ୍ମିତ କରିଥିଲା ତାଠାରୁ ବେଶି ଗର୍ବିତ କରିଥିଲା। ଏଇଥିରୁ ଅନୁମେୟ ରେଭେନ୍ସା ସାହେବ ଓଡ଼ିଆ ଭାଷା ଓ ଓଡ଼ିଆଙ୍କୁ କେତେ ଭଲ ପାଉଥିଲେ। ସାତ ଦରିଆ ସେପାରିର ସେଦିନର ସେହି ଓଡିଆପ୍ରେମୀଙ୍କୁ ଶତଶତ ପ୍ରଣିପାତ।

♥ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

## ସୁନା ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବସ୍ତା , ୨୬/୯ (ନି.ପ୍ର): ସଦର ବ୍ଲକ ରୂପସା ଥାନା ଅର୍ନ୍ତଗତ ରୂପସା ଗେଟ ବଜାର ରେ ଥିବା ବିରଜା ଜୁଏଲାରୀ ରୁ ଗତ କାଲି ବିଳମ୍ବିତ ରାତିରୁ ଚୋରି । ସୂଚନା ଅନୁଯାୟୀ ରୂପସା ଗେଟ ବଜାର ରେ ଥିବା ବିରଜା ଜୁଏଲାରୀ ର ପଛ ପଟ କାନ୍ଥ କଣା କରି ଲକ୍ଷାଧିକ ଟଙ୍କାର ରୂପା ଅଳଙ୍କାର ଚୋରି କରି ନେଇଛି ଦୁର୍ବୃତ୍ତ । ପୂର୍ବରୁ ଥରେ ଏହି ଦୋକାନ ଚୋରି ହେଇଥିବା ବେଳେ । ଅଳ୍ପ ଦିନ ମଧ ରେ ରୂପସା ର ବିଭିନ୍ନ ମନ୍ଦିର ରେ ଚୋରି ଏବେ ରୂପସା ବାସୀ ଙ୍କ ମନରେ ଚିନ୍ତାର ବିଷୟ ପାଲଟିଛି । କାହିଁକି ବାରମ୍ବାର ଚୋରି ହେଉଛି ପୋଲିସ ର ନିଷ୍କ୍ରିୟତା ନା ଖାମଖିଆଲ ନୀତି ପାଇଁ ଏ ସବୁ ହେଉଛି । ଘଟଣା ସ୍ଥଳରେ ରୂପସା ପୋଲିସ, ସାଇଣ୍ଟଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ରାତିରେ ବିଭିନ୍ନ ସ୍ଥାନରେ ହୋମଗାର୍ଡ ମାନେ ରହୁ ଥିବା ବେଳେ ବାରମ୍ବାର ଚୋରି ହେବାକୁ ନେଇ ପ୍ରଶ୍ନ ଉଠିଛି ।ରୂପସା ପୋଲିସ ପକ୍ଷରୁ ରାତ୍ରି ପେଟ୍ରଲିଂ କଡାକଡି କରାଯିବା ଆବଶ୍ୟକ ବୋଲି ରୂପସା ବାସୀ ଅନୁରୋଧ କରିଛନ୍ତି ।

# ଯୁଜି ତୃତୀୟ ସେମିଷ୍ଟାର ପରୀକ୍ଷାରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜେମେଣ୍ଟ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ବାରିପଦା, ୨୬/୯ (ନି.ପ୍ର): ୟୁ ଜି ତୃତୀୟ ସେମିଷ୍ଟାର ପରୀକ୍ଷା ରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜେମେଣ୍ଟ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା ବାରିପଦା: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଯୁଜି ତୃତୀୟ ସେମିଷ୍ଟର ପରୀକ୍ଷା ଫଳାଫଳରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍) ଚମତ୍କାର ସଫଳତା ହାସଲ କରିଛି। କଲେଜର ସାମଗ୍ରିକ ଫଳାଫଳ ପ୍ରାୟ ୯୯ ପ୍ରତିଶତ ହୋଇଥିବାରୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କଳା ବିଭାଗରେ ଅର୍ଥନୀତି ସମ୍ମାନର ମନୀଷା ମାରାଣ୍ଡି ୭୬.୮%, ଶିକ୍ଷା ବିଭାଗର ପଦ୍ମପ୍ରିୟା ଗିରି ୮୦.୪୦%, ଇଂରାଜୀ ସମ୍ମାନର ବିଷ୍ଣୁପଦ ଗୌଡ଼ ୭୭.୭୦%, ଭୂଗୋଳ ରେ ମାନସ ନନ୍ଦୀ ୭୦.୬୦%, ଇତିହାସ ସମ୍ମାନର ସୋନାଲି ହେମ୍ବ୍ରମ ୭୬.୮%, ଗୃହବିଜ୍ଞାନର ହିସି ହେମ୍ବ୍ରମ ୭୩.୧୦%, ଓଡ଼ିଆର ଲଗ୍ନଜିତା ମହାକୁଡ଼ ୭୩.୧୦%, ଦର୍ଶନଶାସ୍ତ୍ରର ସୋନିଆ ହାଁସଦା ୮୦.୩୦%, ରାଜନୀତି ବିଜ୍ଞାନର ଦୁଲାରୀ ହାଁସଦା ୭୬.୩୦%, ସମାଜବିଜ୍ଞାନର ଗୀତା ବେହେରା ୭୭.୨୦% ନମ୍ବର ରଖି ବିଭାଗୀୟ ସଫଳତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସାନ୍ତାଳୀ ବିଭାଗରେ ବାଲା ମୁର୍ମୁ ଓ ଲଡୁ ରାମ ସୋରେନ ୭୧.୮୦% ନମ୍ବର ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ମଧ ଛାତ୍ରଛାତ୍ରୀଙ୍କ ଫଳାଫଳ ବେଶ୍ ଉତ୍ସାହଜନକ ରହିଛି। ଉଦ୍ଭିଦ ବିଜ୍ଞାନର ଅଞ୍ଜଳି ହାଁସଦା ୮୦%, ରସାୟନ ବିଜ୍ଞାନର ଶ୍ରୁତିରେଖା ସିଂ ୭୮.୧%, ପଦାର୍ଥ ବିଜ୍ଞାନର ସ୍ମୃତିରେଖା ନାୟକ ୮୦%, ପ୍ରାଣୀ ବିଜ୍ଞାନର ଆଦିତ୍ୟ କୁମାର ବାରିକ ୮୧.୩୦%, ମାଇକ୍ରୋବାୟୋଲୋଜିର ମନୀଷା ମହାନ୍ତି ୭୬.୩୦% ଏବଂ ସୂଚନା ପ୍ରଯୁକ୍ତି ବିଭାଗର ଜଗଦୀଶ ମହାନ୍ତ ୭୮.୬୦% ନମ୍ବର ରଖିଛନ୍ତି। ବାଣିଜ୍ୟ ବିଭାଗରେ ଆୟୁଷ ଅନ୍ତରୀକ୍ଷ ମହାନ୍ତ ୮୬% ନମ୍ବର ରଖି ବିଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ସଫଳତାରେ ଖୁସି ପ୍ରକାଶ କରି କଲେଜର ପ୍ରତିଷ୍ଠାତା ତଥା ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ଆଗାମୀ ସେମିଷ୍ଟରଗୁଡ଼ିକରେ ଆହୁରି ଉନ୍ନତ ଫଳାଫଳ ପାଇଁ ଛାତ୍ରଛାତ୍ରୀଙ୍କୁ ନିୟମିତ ମାର୍ଗଦର୍ଶନ ଓ ପରୀକ୍ଷାଭିତ୍ତିକ ପ୍ରସ୍ତୁତି କରାଇବାକୁ ସେ ସମସ୍ତ ବିଭାଗର ଅଧ୍ୟାପକ-ଅଧ୍ୟାପିକାଙ୍କୁ ପରାମର୍ଶ ଦେଇଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଯୁଜି ତୃତୀୟ ସେମିଷ୍ଟର ପରୀକ୍ଷା ଫଳାଫଳରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍) ଚମତ୍କାର ସଫଳତା ହାସଲ କରିଛି। କଲେଜର ସାମଗ୍ରିକ ଫଳାଫଳ ପ୍ରାୟ ୯୯ ପ୍ରତିଶତ ହୋଇଥିବାରୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କଳା ବିଭାଗରେ ଅର୍ଥନୀତି ସମ୍ମାନର ମନୀଷା ମାରାଣ୍ଡି ୭୬.୮%, ଶିକ୍ଷା ବିଭାଗର ପଦ୍ମପ୍ରିୟା ଗିରି ୮୦.୪୦%, ଇଂରାଜୀ ସମ୍ମାନର ବିଷ୍ଣୁପଦ ଗୌଡ଼ ୭୭.୭୦%, ଭୂଗୋଳ ରେ ମାନସ ନନ୍ଦୀ ୭୦.୬୦%, ଇତିହାସ ସମ୍ମାନର ସୋନାଲି ହେମ୍ବ୍ରମ ୭୬.୮%, ଗୃହବିଜ୍ଞାନର ହିସି ହେମ୍ବ୍ରମ ୭୩.୧୦%, ଓଡ଼ିଆର ଲଗ୍ନଜିତା ମହାକୁଡ଼ ୭୩.୧୦%, ଦର୍ଶନଶାସ୍ତ୍ରର ସୋନିଆ ହାଁସଦା ୮୦.୩୦%, ରାଜନୀତି ବିଜ୍ଞାନର ଦୁଲାରୀ ହାଁସଦା ୭୬.୩୦%, ସମାଜବିଜ୍ଞାନର ଗୀତା ବେହେରା ୭୭.୨୦% ନମ୍ବର ରଖି ବିଭାଗୀୟ ସଫଳତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସାନ୍ତାଳୀ ବିଭାଗରେ ବାଲା ମୁର୍ମୁ ଓ ଲଡୁ ରାମ ସୋରେନ ୭୧.୮୦% ନମ୍ବର ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ମଧ ଛାତ୍ରଛାତ୍ରୀଙ୍କ ଫଳାଫଳ ବେଶ୍ ଉତ୍ସାହଜନକ ରହିଛି। ଉଦ୍ଭିଦ ବିଜ୍ଞାନର ଅଞ୍ଜଳି ହାଁସଦା ୮୦%, ରସାୟନ ବିଜ୍ଞାନର ଶ୍ରୁତିରେଖା ସିଂ ୭୮.୧%, ପଦାର୍ଥ ବିଜ୍ଞାନର ସ୍ମୃତିରେଖା ନାୟକ ୮୦%, ପ୍ରାଣୀ ବିଜ୍ଞାନର ଆଦିତ୍ୟ କୁମାର ବାରିକ ୮୧.୩୦%, ମାଇକ୍ରୋବାୟୋଲୋଜିର ମନୀଷା ମହାନ୍ତି ୭୬.୩୦% ଏବଂ ସୂଚନା ପ୍ରଯୁକ୍ତି ବିଭାଗର ଜଗଦୀଶ ମହାନ୍ତ ୭୮.୬୦% ନମ୍ବର ରଖିଛନ୍ତି। ବାଣିଜ୍ୟ ବିଭାଗରେ ଆୟୁଷ ଅନ୍ତରୀକ୍ଷ ମହାନ୍ତ ୮୬% ନମ୍ବର ରଖି ବିଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ସଫଳତାରେ ଖୁସି ପ୍ରକାଶ କରି କଲେଜର ପ୍ରତିଷ୍ଠାତା ତଥା ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ଆଗାମୀ ସେମିଷ୍ଟରଗୁଡ଼ିକରେ ଆହୁରି ଉନ୍ନତ ଫଳାଫଳ ପାଇଁ ଛାତ୍ରଛାତ୍ରୀଙ୍କୁ ନିୟମିତ ମାର୍ଗଦର୍ଶନ ଓ ପରୀକ୍ଷାଭିତ୍ତିକ ପ୍ରସ୍ତୁତି କରାଇବାକୁ ସେ ସମସ୍ତ ବିଭାଗର ଅଧ୍ୟାପକ-ଅଧ୍ୟାପିକାଙ୍କୁ ପରାମର୍ଶ ଦେଇଛନ୍ତି।

## ମା' ଦୁର୍ଗା ଅଟୋଟେକ୍ ପକ୍ଷରୁ ମିନି କଷ୍ଟମର୍ ମିଟ୍

ବାସୁଦେବପୁର, ୨୬/୯ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ମା ଦୁର୍ଗା ଅଟୋ ଟେକ୍ ପକ୍ଷରୁ ଏମ୍ ସି ଏମ୍ ମିନି କଷ୍ଟମର୍ ମିଟ୍ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଡାଇରେକ୍ଟର ଶୁଭେନ୍ଦୁ ଭୂଷଣ ବେହେରା। ମହିନ୍ଦ୍ରା କମ୍ପାନୀର ଶ୍ରୀ ବେହେରା ଡିଲରସିପ ନେଇଛନ୍ତି। ଏଥି ପାଇଁ ବାସୁଦେବପୁର ଟ୍ରକ୍ ମାଲିକ ସଂଘର ସଦସ୍ୟ ମାନଙ୍କୁ ନିମନ୍ତ୍ରଣ କରି ଶ୍ରୀ ବେହେରା ଅନେକ ଅନେକ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ମହିନ୍ଦ୍ରା କମ୍ପାନୀର ସଫଳତା କଥା ବର୍ଣ୍ଣନା କରିଥିଲେ। ମହିନ୍ଦ୍ରା କମ୍ପାନୀ ପୁରୁଣା କମ୍ପାନୀ ଏବଂ ସବୁବେଳେ ମହିନ୍ଦ୍ରା କମ୍ପାନୀର ଗାଡି ଯେଉଁ ଗ୍ରାହକ ମାନେ କିଣୁଛନ୍ତି ସେମାନଙ୍କୁ ଠିକ୍ ସେବା ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ଶ୍ରୀ ଶୁଭେନ୍ଦୁ ଭୂଷଣ ବେହେରା ପ୍ରକାଶ କରିଥିଲେ। ଅଗଷ୍ଟ ପନ୍ଦର ତାରିଖରେ ନୂଆ ମଡେଲ, ନୂଆ ବ୍ଲାଯୋ ଓ ନୂଆ ଟ୍ରକ୍ ଲଞ୍ଚ କରା ଯାଇଥିଲା। ଖୁବ୍ ସୁନ୍ଦର ଭାବରେ ଏହି ମଡେଲର ଗାଡି ରକ୍ଷଣା ବେକ୍ଷଣ ହୋଇ ପାରିବ। ଏହି କାର୍ଯକ୍ରମରେ ସେଲ୍ସ ମ୍ୟାନେଜର ସତ୍ୟକାନ୍ତ ନାୟକ, ଆସିଷ୍ଟାଣ୍ଟ ଷ୍ଟାଫ୍ ପ୍ରବିନ୍ଦୁ ଖୁଣ୍ଟିଆ, ଗୋପାଳ ସାହୁ ଓ ଅନ୍ୟାନ୍ୟ ଷ୍ଟାଫ୍ ଯୋଗ ଦେଇଥିଲେ। ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ସେବା ମହିନ୍ଦ୍ରା କମ୍ପାନୀ ଗ୍ରାହକ ମାନଙ୍କୁ ଯୋଗାଇ ଦେଉଛି ବୋଲି ଏହି କାର୍ଯକ୍ରମରେ ମତ ପ୍ରକାଶ ପାଇଥିଲା।

# ଲାଗ ଲାଗ ଲଘୁଚାପ ଜନିତ ପ୍ରବଳ ବର୍ଷାର ପ୍ରଭାବରେ ରାଇରଙ୍ଗପୁର ସହରର ରାଜ୍ୟ ରାଜପଥ ଗୁଡିକର ଅବସ୍ଥା ଶୋଚନୀୟ



ରାଇରଙ୍ଗପୁର, ୨୬/୯ (ନି.ପ୍ର): ଲାଗ ଲାଗ ଲଘୁଚାପ ଜନିତ ପ୍ରବଳ ବର୍ଷାର ପ୍ରଭାବରେ ରାଇରଙ୍ଗପୁର ସହରର ମୁଖ୍ୟ ରାସ୍ତା ଗୁଡିକ ଧୋଇ ହୋଇଯିବା ଦେଖିବାକୁ ମିଳୁଛି । ଯାହାଦ୍ୱାରା ଉକ୍ତ ରାସ୍ତା ଗୁଡିକ କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଆଶ୍ଚର୍ଯ୍ୟର କଥା ବିଭାଗୀୟ ଅଧିକାରୀ ମାନେ ଉକ୍ତ ରାସ୍ତାରେ ଯିବା ଆସିବା କରୁଥିଲେ ସୁଦ୍ଧା ଜାଣି ଅଜଣା ଭଳି ଆଖି ବୁଜି ଦେଇଛନ୍ତି। ରାଇରଙ୍ଗପୁର ବଜାର ରେଲୱେ ଫାଟକ ଠାରୁ ବାରିପଦା କୁ ଯାଉଥିବା ରାଜ୍ୟ ରାଜପଥ ଅଁଳାଡୁବାସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରୁ ବାଦାମିବାଇ ସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଲଘୁଚାପ ଜନିତ ପ୍ରବଳ ବର୍ଷା ଦ୍ୱାରା ଧୋଇ ହୋଇ ଯାଇଛି। ଯାହାଦ୍ୱାରା ପ୍ରତ୍ୟହ ସ୍କୁଲ କଲେଜ ଛାତ୍ର ଛାତ୍ରୀ ତଥା ଜନସାଧାରଣ ମାନେ ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ମାନ ଘଟି ନିରୀହ ଜନସାଧାରଣ ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଆଗକୁ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଉପରୋକ୍ତ ରାସ୍ତାରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବ। ତେଣୁ ବିଭାଗୀୟ ପ୍ରଶାସନ ଏଥିପ୍ରତି ଆଗୁଆ ଦୃଷ୍ଟି ଦେଇ ଉକ୍ତ ରାସ୍ତା ଗୁଡିକ ର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି । ମହାମହିମ ରାଷ୍ଟ୍ରପତି ଙ୍କର ଆଗାମୀ ଦିନରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଥିବାରୁ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଲଘୁଚାପ ଜନିତ ବର୍ଷା ଯୋଗୁଁ ରାଇରଙ୍ଗପୁର ସହରର କ୍ଷତିଗ୍ରସ୍ତ ହୋଇଥିବା ରାସ୍ତା ଗୁଡିକର ପୁନଃରୁଦ୍ଧାର ପାଇଁ ଯଥାଶୀଘ୍ର ବିଶେଷ ଅନୁଦାନ ପ୍ରଦାନ କରିବାକୁ ଜନସାଧାରଣ ରେ ଦାବି ହେଉଛି।

# ଇଫକୋ ପାରାଦୀପ ୟୁନିଟ୍‌କୁ ସିଆଇଆଇ ଏସଏଚଇ ଦୁଇ ଗୋଟି ଏକ୍ସଲେନ୍ସ ସମ୍ମାନ

ପାରାଦୀପ, ୨୫/୯ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ୍‌କୁ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୨୦୨୫-୨୬ ବର୍ଷ ପାଇଁ ସିଆଇଆଇ ଏସଏଚଇ ଏକ୍ସେଲେନ୍ସ ସମ୍ମାନ ପ୍ରଦାନ କରାଯାଇଛି । ପୂର୍ବ ଅଂଚଳ ସ୍ତରରେ ୨ୟ ରର୍ନସ ଅପ୍ ଏବଂ ପରେ ବଡ ଧରଣର ଉତ୍ପାଦନ କ୍ଷେତ୍ରରେ ଓଡିଶା ରାଜ୍ୟ ବର୍ଗରେ ୧ମ ରର୍ନସ୍ ଅପ ଭାବେ ସମ୍ମାନୀତ ହୋଇଥିଲା । ଇଫକୋ ପାରାଦୀପ ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହଙ୍କ ପକ୍ଷରୁ ଡିଜିଏମ୍ (ଏଫ ଆଣ୍ଡ ଏସ) ଆର.କେ.ସ୍ୱାଇଁ ଏବଂ ଡେପୁଟି ମ୍ୟାନେଜର (ଏଫ ଆଣ୍ଡ ଏସ)ଆଦିଲ ଓାକର ସିଆଇଆଇ ପୂର୍ବ ଅଂଚଳ ସୁରକ୍ଷା ଉପ-କମିଟି ଅଧ୍ୟକ୍ଷ ରାଜୀବ ମଙ୍ଗଳଙ୍କଠାରୁ ଏହି ସମ୍ମାନ ଜନକ ପୁରସ୍କାର ଗ୍ରହଣ କରିଥିଲେ । କୋଲକତାର ନ୍ୟୁ ଟାଉନସ୍ଥିତ ବିଶ୍ୱ ବଙ୍ଗଳା ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଏହି ସମ୍ମାନ ଏକ ପ୍ରେରଣା ଦାୟୀ ବୋଲି ଇଫକୋ ପକ୍ଷରୁ ସୂଚନା ମିଳିଛି । ଇଫକୋ ପାରାଦୀପ ୟୁନିଟ୍ ଏକ ଦୃଢ ଏବଂ ପ୍ରଭାବଶାଳୀ ସୁରକ୍ଷା ସଂସ୍କୃତି ଗଠନ ଦିଗରେ ନିରନ୍ତର ଯୋଗଦାନ କରୁଥିବା କର୍ମଚରୀ ଏବଂ ହିତାଧିକାରୀମାନଙ୍କ ଉତ୍ସର୍ଗୀକୃତ ମନୋଭାଗର ଏକ ପ୍ରମାଣ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### 'ମୁଖ୍ୟ ନିର୍ବାଚନ କମିସନ୍'ର...

ନୋଟିସ ପାଇଥିବା ଭୋଟରଙ୍କୁ ଏଣିକି ହାଜିରା ଦେବାକୁ ଆସିବାକୁ ପଡ଼ିବ ନାହିଁ। ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓମାନେ ଭୋଟରଙ୍କୁ ଘର ଘର ବୁଲି ସେମାନଙ୍କ ଠାରୁ ଫର୍ମ ଗ୍ରହଣ କରିବେ ଓ ସେମାନଙ୍କ ଯାଞ୍ଚ କରିବେ। ଏସ୍ଆଇଆର ବେଳେ ଯେଉଁମାନଙ୍କୁ ଅନମ୍ୟାପଡ୍ କିମ୍ବା ତାର୍କିକ ଅସଙ୍ଗତି ବର୍ଗରେ ରଖାଯାଇଛି, ସେମାନଙ୍କ ଘରକୁ ଏଣିକି ବିଏଲଓମାନେ ଯିବେ ଓ ସେମାନଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରିବେ। ଏହାପରେ ଦସ୍ତାବିଜକୁ ଇସିଆଇନେଟ୍ ବ୍ୟବସ୍ଥାରେ ଅପଲୋଡ କରାଯିବ। ଆଞ୍ଚଳିକ ନିର୍ବାଚନ ପଞ୍ଜିକରଣ ଅଫିସର(ଇଆରଓ)ଙ୍କ ବିଚାର ପାଇଁ ଏହାକୁ ରଖାଯିବ। ଏହି ବର୍ଗରେ ଥିବା ଭୋଟରମାନଙ୍କୁ ମନଇଚ୍ଛା କେହି ବି ଇଆରଓ କିମ୍ବା ସହାୟକ ଇଆରଓ ଅଫିସକୁ ଶୁଣାଣି ପାଇଁ ଡକା ଯାଇ ପାରିବ ନାହିଁ। ଶୁଣାଣି କେବଳ ବିରଳ ପରିସ୍ଥିତିରେ ହେବ। ଏହି ବର୍ଗରେ ଥିବା ଲୋକେ ଚାହିଁଲେ ଅନଲାଇନ୍‌ରେ ମଧ୍ୟ ନିଜର ପକ୍ଷ ରଖିପାରିବେ। ଭୋଟରଙ୍କ ପକ୍ଷରୁ ପରିବାରର ଜଣେ ପ୍ରାପ୍ତ ବୟସ୍କ ସଦସ୍ୟ ମଧ୍ୟ ସାମିଲ ହୋଇପାରିବେ। ଯଦି ଭୋଟର ଏଥିପାଇଁ ଅନୁମତି ଦେବେ, ତା'ହେଲେ ଶୁଣାଣିରେ ଘରର ବୟସ୍କ ବ୍ୟକ୍ତି ଭାଗ ନେଇ ପାରିବେ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। କମିଶନଙ୍କ କହିବା କଥା ଯେ ଏସ୍ଆଇଆର ବେଳେ ନୋଟିସ ପାଇବାର ଅର୍ଥ ଭୋଟର ତାଲିକାରୁ ନାଁ କଟିବା ସହ ସମାନ ନୁହେଁ। ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ଆବଶ୍ୟକ ସହାୟତା ଡେସ୍କ ଓ ସ୍ୱତନ୍ତ୍ର କ୍ୟାମ୍ପ କରିବାକୁ ମଧ୍ୟ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

### ଲଘୁଚାପ ବର୍ଷାରେ...

ନଦୀ ପଠାରେ ଘର ନିର୍ମାଣ ହେବା ଯୋଗୁଁ ବନ୍ୟାଜଳର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେଉଛି। ଫଳରେ ନଦୀର ପାଣି ଗାଁ ଭିତରକୁ ପଶି ଜନଜୀବନକୁ ପ୍ରଭାବିତ କରୁଛି । ସେହିପରି ନଦୀ ମୁହାଣ ଅଞ୍ଚଳରେ ଗଢ଼ି ଉଠିଥିବା ଶତାଧିକ ଚିଙ୍ଗୁଡ଼ି ଘେରି ଯୋଗୁଁ ମଧ୍ୟ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ କେନାଲଗୁଡ଼ିକର ପୁନରୁଦ୍ଧାର ହୋଇପାରୁନଥିବାରୁ ବର୍ଷା ଓ ବନ୍ୟାଜଳ ଦୀର୍ଘ ସମୟ ଧରି ଜମି ରହୁଛି। ଏହା ସହ ବେଆଇନ୍ ବାଲି ଉତ୍ତୋଳନକୁ ମଧ୍ୟ ବନ୍ୟା ସ୍ଥିତି ଗମ୍ଭୀର ହେବାର ଅନ୍ୟତମ କାରଣ ବୋଲି କୁହାଯାଉଛି । ବନ୍ୟା ସ୍ଥିତି ଲାଗି ରହିଥିବାରୁ ଆଗାମୀ ଦିନରେ ଜଳସ୍ତର ଆହୁରି ବଢ଼ିଲେ ପରିସ୍ଥିତି ଅଧିକ ଗମ୍ଭୀର ହେବା ନେଇ ଆଶଙ୍କା ରହିଛି। ତେଣୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ ପ୍ରଶାସନ ଉପରେ ନଜର ରହିଛି ।

### ଦେଶରେ ପ୍ରଥମ ଥର...

ଅଫିସର ଓ ୯୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ର ୩୦ ଜଣ, ଓଡ଼ିଶା ରାଜସ୍ୱ ସେବା (ଓଆରଏସ)ର ୪୨ ଜଣ, ଓଡ଼ିଶା ଅର୍ଥ ସେବା ( ଓଏଫଏସ)ର ୪୬ ଜଣ, ଓଡ଼ିଶା ଟିକସ ଓ ହିସାବ ସେବା (ଓଟିଏଏସ)ର ୬୦ ଜଣ ଏବଂ ସମବାୟ ସେବା ( ଓସିଏସ ଓ ଓସିଏଏସ)ର ୧୭ ଜଣ ଅଧିକାରୀ ସେବାରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ସ୍ୱାସ୍ଥ୍ୟସେବା ପ୍ରାଥମିକତା ଦେଇ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ନିଜ ପରିବାର ଭାବି ସେବା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ନିଜ ଅଭିଭାଷଣରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀମାନଙ୍କୁ ଏକ ପଞ୍ଚସୂତ୍ରୀ ମନ୍ତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ମୋଟ କର୍ମସଂସ୍ଥାନ କ୍ଷେତ୍ର ମଧ୍ୟରୁ ସରକାରୀ ଚାକିରିର ସୁଯୋଗ ମାତ୍ର ୪ ପ୍ରତିଶତ ଭିତରେ ସୀମିତ ଥିବାବେଳେ, କଠିନ ପ୍ରତିଯୋଗିତା, ମାତାପିତାଙ୍କ ଆଶୀର୍ବାଦ ଏବଂ ନିଜର କଠିନ ପରିଶ୍ରମ ବଳରେ ସଫଳ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତମାନଙ୍କୁ ଭାଗ୍ୟବାନ ବୋଲି ଅଭିହିତ କରିବା ସହ ସେମାନଙ୍କ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ,ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ନବନିଯୁକ୍ତଙ୍କୁ ଉତ୍ସାହିତ କରିବା ସହିତ ମାର୍ଗଦର୍ଶନ କରିଥିଲେ।

### ହର୍ମୁଜ୍ ଖୋଲିବ ମାତ୍ର ...

ନାକାବନ୍ଦୀ ହଟାଇବା ପାଇଁ ପର୍ଯ୍ୟାୟକ୍ରମିକ ଯୋଜନା ଉପରେ ଆଲୋଚନା ଚାଲିଛି। ଏହା ବଦଳରେ ଇରାନର ଫ୍ରୋଜେନ୍ ଅର୍ଥ ଫେରସ୍ତ ହେବାର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହେଉଛି। ତେବେ ରିପୋର୍ଟ ଅନୁସାରେ, ଟ୍ରମ୍ପ ଏହି ପ୍ରସ୍ତାବକୁ ଖାରଜ କରିଥିବା ଦାବି ମଧ୍ୟ ସାମ୍ନାକୁ ଆସିଛି।ଏହି ସମୟରେ ହୁତି ଆକ୍ରମଣକୁ ନେଇ ସାଉଦି ଆରବ, ତୁର୍କିଏ ଓ ପାକିସ୍ତାନ ମଧ୍ୟରେ ଜରୁରୀ ସାମରିକ ଆଲୋଚନା ଚାଲିଛି। ଫଳରେ ମଧ୍ୟପ୍ରାଚ୍ୟର ସ୍ଥିତି ଆହୁରି ଜଟିଳ ହୋଇଛି। ଏବେ ସମସ୍ତଙ୍କ ନଜର ଇରାନର ୭ ଦିନିଆ ପ୍ରସ୍ତାବ ଉପରେ ରହିଛି।

### ବାତ୍ୟା ଅର୍ଣ୍ଣବର ତାଣ୍ଡବ ...

ଅନେକ ସ୍ଥାନରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଚାଷଜମି ଓ ଘରେ ମଧ୍ୟ ପାଣି ପଶିଛି। ଜଗଦଲପୁରରେ ଇନ୍ଦ୍ରାବତୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଲାଲବାଗ, ଡୋଙ୍ଗାଘାଟ ଓ ଶ୍ୟାମା ପ୍ରସାଦ ମୁଖାର୍ଜୀ ୱାର୍ଡରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଲୋକମାନେ ଶିଶୁ ଓ ବୃଦ୍ଧଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ରାୟପୁରରେ ମଧ୍ୟ ଲଗାତାର ବର୍ଷା ଯୋଗୁଁ ଖାରୁନ୍ ନଦୀ ଉଗ୍ର ରୂପ ଧାରଣ କରିଛି। ମହାଦେବଘାଟରେ ଥିବା ପୋଲ ପାଣିରେ ବୁଡ଼ିଯାଇଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ଗରିଆବନ୍ଦରେ ପୈରୀ, ସୌନ୍ଦର ଓ ମହାନଦୀର ଜଳସ୍ତର ବଢୁଥିବା ବେଳେ ସୁକମାର କୋଣ୍ଟା ଅଞ୍ଚଳରେ ଶବରୀ ନଦୀ ମଧ୍ୟ ସତର୍କତା ସ୍ତର ନିକଟରେ ପହଞ୍ଚିଛି। ଅନ୍ୟପଟେ ଉତ୍ତର ପ୍ରଦେଶର ଅନେକ ସହରରେ ପ୍ରାୟ ୪୮ ଘଣ୍ଟା ଧରି ବର୍ଷା ଜାରି ରହିଛି। ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହୁଛି। ବିଭିନ୍ନ ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୨ଟି ଜିଲ୍ଲାରେ ବନ୍ୟା ଆଶଙ୍କା ରହିଛି। ବିହାରର ୧୯ଟି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

### ଶ୍ରୀମନ୍ଦିର ପରିଚାଳନା କମିଟି ...

ସୁରକ୍ଷା ବ୍ୟବସ୍ଥା, ଟିକେଟ୍ କାଉଣ୍ଟର ଓ ପାନୀୟ ଜଳ ଯୋଗାଣ ଭଳି ମୌଳିକ ବ୍ୟବସ୍ଥା ଶେଷ ହୋଇଥିବା କୁହାଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିପାରିବେ। ପ୍ରଥମ ୩ ଦିନ ପ୍ରବେଶ ମାଗଣା ରହିବ। ଏହାପରେ ଶ୍ରଦ୍ଧାଳୁଙ୍କୁ ୧୦ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ । ବୟସ୍କ, ଶିଶୁ ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ପ୍ରବେଶ ବ୍ୟବସ୍ଥା ରହିବ । ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଖୁବଶୀଘ୍ର ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଦେଇ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ । ଏଥିପାଇଁ ସ୍ୱତନ୍ତ୍ର ସ୍ଲଟ୍ ନିର୍ଦ୍ଧାରଣ ହେବ ଏବଂ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିୟୋଜିତ ହେବେ । ପୁରୀବାସୀଙ୍କ ଦର୍ଶନ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ଆଧାର କାର୍ଡ ଯାଞ୍ଚ, ସ୍ଲଟ୍ ବୁକିଂ ଓ ଚିଟ୍ ମାଧ୍ୟମରେ ଦର୍ଶନ ସୁବିଧା ଦେବା ନେଇ ବିଚାର କରାଯାଇଛି । ଦିନକୁ କେତେ ସଂଖ୍ୟକ ପୁରୀବାସୀ ଦର୍ଶନ କରିପାରିବେ ଏବଂ ସମୟ ନିର୍ଦ୍ଧାରଣ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ନିଷ୍ପତ୍ତି ହେବ । ଉତ୍ତର ଦ୍ୱାର ଦେଇ ପ୍ରବେଶ ପାଇଁ ସେବାୟତମାନେ ପ୍ରସ୍ତାବ ଦେଇଥିବା ବେଳେ ପୂର୍ଣ୍ଣାଙ୍ଗ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ।

ଧ୍ୱନି ପ୍ରତିଧ୍ୱନି



## ନେଳିଆବାଗ ରାସ୍ତା ପାର୍ଶ୍ୱରେ ପ୍ରାଇଭେଟ୍ ଗାଡ଼ି ପାର୍କିଂ: ଟ୍ରାଫିକ ସମସ୍ୟା ଉତ୍କଟ, ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି



ବାଲେଶ୍ୱର, ୨୬/୯ (ନି.ପ୍ର): ବାଲେଶ୍ୱର ସହର ଚିଡିଆପୋଲ ଠାରୁ ରାଣୀ ପାଟଣା ରାସ୍ତା ପ୍ରଶସ୍ତିକରଣ ପରେ ଏହି ରାସ୍ତା ପାର୍ଶ୍ୱରେ ବ୍ୟବସାୟିକ ପିକପ ଭ୍ୟାନ୍ ସହ ଘରୋଇ କାର ସବୁ ଲମ୍ବା ଲାଇନ୍ ରେ ନିୟମିତ ପାର୍କିଂ ହୋଇ ରହିବା ଫଳରେ ବ୍ୟସ୍ତ ବହୁଳ ଏହି ରାସ୍ତାରେ କ୍ରମଶଃ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।ଏହି ରାସ୍ତା ସମଗ୍ର ଉତ୍ତର ବାଲେଶ୍ୱର ବାସୀଙ୍କ ସହରକୁ ପ୍ରବେଶ ପାଇଁ ମୁଖ୍ୟ ରାସ୍ତା, ପ୍ରତିଦିନ ହଜାର ହଜାର ଗାଡି ଏହି ରାସ୍ତାରେ ଯାତାୟାତ କରିଥାଏ। ରାସ୍ତା ପାର୍ଶ୍ୱରେ ଲମ୍ବା ଲାଇନ୍ ରେ ଛିଡା ହୋଇ ରହୁଥିବା ପାର୍କିଂ ଗାଡ଼ି ଗୁଡ଼ିକ ପାଇଁ ସ୍କୁଲ ବସ୍ ସହଜରେ ଯାଇପାରୁ ନାହିଁ। ବର୍ଷା ହେବାମାତ୍ରେ ଏଠାରେ ଆଣ୍ଠୁଏ ରୁ ଅଣ୍ଟେ ପର୍ଯ୍ୟନ୍ତ ପାଣି ରାସ୍ତା ଉପରେ ଜମିଯାଇ ନିଷ୍କାସନ ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗେ। ସେସମୟର ଗାଡିଟିଏ ଅତିକ୍ରମ କରିବାକୁ ବହୁ ସତର୍କତା ଅବଲମ୍ବନ କରିବାକୁ ପଡେ। ଏଭଳି ସ୍ଥଳେ ପୌରପାଳିକା କର୍ତ୍ତୃପକ୍ଷ ଏବଂ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ଅବିଳମ୍ବେ ଦୃଷ୍ଟି ନଦେଲେ ନିକଟ ଭବିଷ୍ୟତରେ କୈଣସି ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦେଇ ହେଉନାହିଁ।

## ପାଇଖାନା ଟାଙ୍କିରେ ପଡି ନାବାଳକର ମୃତ୍ୟୁକୁ ନେଇ ଉତ୍ତେଜନା : ନଡପୁର ହସ୍ପିଟାଲ ଆଗରେ ଶବ ରଖି ଶତାଧିକ ଲୋକଙ୍କ ଧାରଣା

ବୈଶିଙ୍ଗା , ୨୬/୯ (ନି.ପ୍ର): ଗୁରୁବାର ସନ୍ଧ୍ୟା ସମୟରେ ଜଣେ ଛଅ ବର୍ଷର ନାବାଳକ ନିର୍ମାଣାଧିନ ପାଇଖାନା ଟାଙ୍କିରେ ପଡି ମୃତ୍ୟୁ ବରଣ କରିବା ଘଟଣାକୁ ନେଇ ଆଜି ଶନିବାର ମଧ୍ୟାହ୍ନରେ ନଡପୁର ହସ୍ପିଟାଲ ଆଗରେ ବ୍ୟବଚ୍ଛେଦ ହୋଇ ଆସିଥିବା ନାବାଳକର ମର ଶରୀରକୁ ରଖି ଶତାଧିକ ଗ୍ରାମବାସୀ ଧାରଣାରେ ବସିଥିଲେ। ଏସଡିପିଓ ମିନତୀ ବିଶ୍ୱାଳ ଏବଂ ବେତନଟୀ ଥାନାଧିକାରୀ ଓ ବୈଶିଙ୍ଗା ଥାନାଧିକାରୀ ଙ୍କ ସହିତ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଘଟଣା ସ୍ଥଳରେ ପହଞ୍ଚି ଧାରଣାରତ ଗ୍ରାମବାସୀ ଙ୍କୁ ବୁଝାସୁଝା କରିଥିଲେ । ଠିକାଦାର ଙ୍କ ତରଫରୁ ତିନି ଲକ୍ଷ,ଜିଲ୍ଲାପାଳଙ୍କ ରେଡକ୍ରସ୍ ପାଣ୍ଠିରୁ କୋଡିଏ ହଜାର ଓ ବିଧାୟକ ଶ୍ରୀ ପାତ୍ର ଦୁଇ ହଜାର ଟଙ୍କା ତୁରନ୍ତ ପ୍ରଦାନ କରା ଯାଇଥିଲା । ଏଥି ସହିତ ସରକାରଙ୍କ ଆପଦାକାଳୀନ ପାଣ୍ଠିରୁ ଚାରି ଲକ୍ଷ ଟଙ୍କା ପ୍ରଦାନ କରା ଯିବାର ବେତନଟୀ ଅତିରିକ୍ତ ତହସିଲଦାର ଦିଆ ଯିବାର ବ୍ୟବସ୍ଥା କରିବେ ବୋଲି ଘୋଷଣା କରିଥିଲେ । ଏହାପରେ ଧାରଣା ସ୍ଥଳରୁ ନାବାଳକ ର ମର ଶରୀରକୁ ନେଇ ଶବ ସତ୍କାର କରାଯାଇଥିଲା । ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା । ଲଗାଣ ବର୍ଷାରେ ଭରି ରହିଥିବା ପାଇଖାନା ଟାଙ୍କିରେ ପଡି ଗୁରୁବାର ସନ୍ଧ୍ୟାରେ ଜଣେ ୬ ବର୍ଷ ଶିଶୁର ମୃତ୍ୟୁ ହୋଇଯାଇଛି । ଏଭଳି ହୃଦୟବିଦାରକ ଘଟଣା ଘଟିଛି ନଡ଼ପୁର ଡାକ୍ତରଖାନା ପରିସରରେ । ମୃତ ଶିଶୁ ନୂଆଗାଁର ଲକ୍ଷ୍ମୀଧର ବିନ୍ଧାଣିଙ୍କ ପୁଅ ଅର୍ଜୁନ ବିନ୍ଧାଣି। ମିଳିଥିବା ସୂଚନା ଅନୁସାରେ, ଅର୍ଜୁନଙ୍କ ମା' ଅଞ୍ଜଳି ଡାକ୍ତରଖାନା ପରିସରରେ ନିର୍ମାଣାଧୀନ କୋଠାରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ସେ କାମକୁ ଯାଇଥିବା ସମୟରେ ଅର୍ଜୁନ ମଧ୍ୟ ତାଙ୍କ ସହ ଡାକ୍ତରଖାନା ପରିସରକୁ ଆସିଥିଲେ। ଏହି ସମୟରେ ଅର୍ଜୁନ ଖେଳୁଥିବା ବେଳେ ନିର୍ମାଣାଧୀନ ପାଇଖାନା ଟାଙ୍କି ନିକଟକୁ ଚାଲି ଯାଇଥିଲେ। ବର୍ଷାପାଣିରେ ଟାଙ୍କିଟି ଦେଖା ଯାଉ ନଥିବାରୁ ଅଘଟଣ ଘଟିଥିବା ଜଣାପଡ଼ିଛି। ପୁଅକୁ ନପାଇ ମା' ଓ ଅନ୍ୟମାନେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ପରେ ଟାଙ୍କି ଭିତରେ ଥିବା ସନ୍ଦେହ ହେବାରୁ ଖୋଜାଖୋଜି କରି ରାତି ପ୍ରାୟ ସାଢ଼େ ୮ଟା ବେଳେ ତାଙ୍କୁ ଉଦ୍ଧାର କରାଯାଇ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ନିର୍ମାଣାଧୀନ ଟାଙ୍କିଟିକୁ ଆବଦ୍ଧ କରିବା ପାଇଁ ପୂର୍ବରୁ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଗ୍ରାମବାସୀ କହିଥିଲେ। ତଥାପି ସୁରକ୍ଷା ବ୍ୟବସ୍ଥା କରାଯାଇନଥିବାରୁ ଜଣେ ନିରୀହ ଶିଶୁର ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବେତନଟୀ ଡାକ୍ତରଖାନା ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଛି । ଏହା ପରେ ବୈଶିଙ୍ଗା ଥାନାର ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା ।

## ନେଟୱାର୍କ ନଥିବା ଯୋଗୁଁ ହନ୍ତସନ୍ତ ହିତାଧିକାରୀ: ଅଭିଯୋଗ କଲେ ନାଲି ଆଖି ଦେଖାଉଛନ୍ତି କମ୍ପାନୀ ଅଧିକାରୀ

ବାଲିଆପାଳ , ୨୬/୯ (ନି.ପ୍ର): ଆଜିର ଦିନରେ ମଣିଷର ଦୈନନ୍ଦିନ ଜୀବନରେ ମୋବାଇଲ ଏକ ଅତ୍ୟାବଶ୍ୟକ ସେବା ଭାବରେ କାର୍ଯ୍ୟ କରୁଛି। ବିନା ଇଣ୍ଟରନେଟରେ ଚତୁର୍ଦ୍ଦିଗ ଅନ୍ଧକାର ହୋଇ ଯାଉଛି। ମାତ୍ର ମୋବାଇଲ କମ୍ପାନୀର ଖାମଖିଆଲ ମନୋଭାବ ପାଇଁ ଦୀର୍ଘ ଦୁଇ ମାସ ଧରି ମୋବାଇଲ ଟାୱାର କାର୍ଯ୍ୟ କରୁନାହିଁ। ସମ୍ପୃକ୍ତ ମୋବାଇଲ କମ୍ପାନୀର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଫୋନ ଯୋଗେ ଅଭିଯୋଗ କଲେ ଅଧିକାରୀ ଜଣକ ହିତାଧିକାରୀ ମାନଙ୍କୁ ନାଲି ଆଖି ଦେଖାଉଛନ୍ତି। ଏଭଳି ଏକ ଘଟଣା ସମ୍ନାକୁ ଆସିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଞ୍ଚଳରୁ। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତ ପାରୁଳିଆ ହାଟ ନିକଟରେ ଥିବା ଏୟାରଟେଲ କମ୍ପାନୀର ଏକ ମୋବାଇଲ ଟାୱାର ରହିଛି। ଏହି ମୋବାଇଲ



ଟାୱାର ଉପରେ ୫ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ମାତ୍ର ଆଜକୁ ଦୀର୍ଘ ଦୁଇ ମାସ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ଟାୱାରରେ ଲାଗିଥିବା ଜେନେରେଟରଟିକୁ ଖୋଲି ନେଇ ଯାଇଛନ୍ତି। ଯାହାଫଳରେ ବିଦ୍ୟୁତ କାଟ ହେଲେ ସମ୍ପୂର୍ଣ୍ଣ ଟାୱାରଟି ଅଚଳ ହୋଇଯାଉଛି। ଏହି ଅଞ୍ଚଳ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ କୌଣସି ଅତି ଜରୁରୀକାଳୀନ ପରିସ୍ଥିତି ସମୟରେ ଅନ୍ୟ ମାନଙ୍କ ସହିତ ଯୋଗାଯୋଗ କିମ୍ବା ସୂଚନା ଦେବା ସମ୍ଭବ ହୋଇପାରୁନାହିଁ। ଏପରି ଅସୁବିଧାର ସମ୍ମୁଖୀନ ହେଉଥିବା ହିତାଧିକାରୀ ମାନେ କଷ୍ଟମର କେୟାର ସହିତ ଯୋଗାଯୋଗ କଲେ ସେଠାରୁ ଉତ୍ତର ମିଳୁଛି ଯାହା ଯାଗାରେ ଟାୱାର ବସିଛି ତାଙ୍କୁ କୁହନ୍ତୁ ସେ ସମାଧାନ କରିବେ କହି ଫୋନ କାଟି ଦେଉଛନ୍ତି। ଅନ୍ୟ ପକ୍ଷରେ ଏୟାରଟେଲ କମ୍ପାନୀର ବାଲେଶ୍ୱର ଜିଲ୍ଲା ଟେକ୍ନିକାଲ ଟିମର ମୁଖ୍ୟ ଦେବାଶିଷ ବାବୁଙ୍କୁ ଫୋନ ଯୋଗେ ସମସ୍ୟା ସମ୍ପର୍କରେ କହିବାରୁ ସେ ଟାଟା ପାୱାରକୁ କୁହନ୍ତୁ ବୋଲି କହି ହିତାଧିକାରୀଙ୍କୁ ନାଲି ଆଖି ଦେଖାଉଛନ୍ତି। ତେବେ ବର୍ତ୍ତମାନ ମହଙ୍ଗା ଯୁଗରେ ମୋବାଇଲ ରିଚାର୍ଜ ମୂଲ୍ୟ ବଢ଼ି ଚାଲିଥିବା ବେଳେ ବର୍ଷକର ରିଚାର୍ଜ ପାଇଁ ୩ ହଜାର ୫ ଶହରୁ ୪ ହଜାର ଟଙ୍କା ଦେବାକୁ ପଡୁଛି। ସେହିପରି ତିନି ମାସର ରିଚାର୍ଜ ପାଇଁ୧ ହାଜର ଟଙ୍କା ଦେବାକୁ ପଡୁଛି। କମ୍ପାନୀ ରିଚାର୍ଜ ପାଇଁ ଟଙ୍କା ନେଉଥିବା ବେଳେ ହିତାଧିକାରୀଙ୍କୁ ଟାଟା ପାୱାରକୁ ଅଭିଯୋଗ କରିବାକୁ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଦୁର୍ଭାଗ୍ୟଜନକ। ତେବେ ଏନେଇ ଆଜି ସ୍ଥାନୀୟ ଜନସାଧାରଣ ଏକ ସାମ୍ବାଦିକ ସମ୍ମିଳନୀ କରି ଗଣମାଧ୍ୟମ ଜରିଆରେ ସମ୍ପୃକ୍ତ ମୋବାଇଲ କମ୍ପାନୀ ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ୭ ଦିନର ସମୟ ଦେଇଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଉପୁଜିଥିବା ସମସ୍ୟା ସମାଧାନ ଦିଗରେ ସମ୍ପୃକ୍ତ ମୋବାଇଲ କମ୍ପାନୀ ଯତ୍ନବାନ ନହେଲେ କମ୍ପାନୀ ବିରୁଦ୍ଧରେ ଆଇନଗତ ଲଢେଇ ହେବ ବୋଲି ସ୍ଥାନୀୟ ହିତାଧିକାରୀ ଚେତାବନୀ ଦେଇଛନ୍ତି।

## ରବିନ୍ଦ୍ର ଦାସ ବସ୍ତା ଏନଏସି କଂଗ୍ରେସର ନୂତନ ସଭାପତି

ବସ୍ତା , ୨୬/୯ (ନି.ପ୍ର): ନବଗଠିତ ବସ୍ତା ଏନ ଏ ସି କଂଗ୍ରେସ ଦଳର ନୁତନ ସଭାପତି ଭାବେ ଏନ ଏ ସି ର ମଧୁଭଣ୍ଡା ଗ୍ରାମ ବାସିନ୍ଦା ତଥା ପୁର୍ବତନ ସମିତି ସଭ୍ୟ ବରିଷ୍ଠ କଂଗ୍ରେସ ନେତା ରବିନ୍ଦ୍ର ଦାସ ନିଯୁକ୍ତି ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ଅନୁମୋଦନ କ୍ରମେ ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସୁପାରିଶ କ୍ରମେ ଜିଲ୍ଲା କଂଗ୍ରେସ ଉପସଭାପତି ସୁଧାଂଶୁ ଶେଖର ଜେନା ଆଜି ଏକ ପ୍ରେସ ବିଜ୍ଞପ୍ତି ରେ ଜଣାଇଛନ୍ତି। ଆଗାମୀ ଦିନରେ ବସ୍ତା ଏନ ଏ ସି କଂଗ୍ରେସ ଦଳର ସଂଗଠନକୁ ମଜବୁତ କରିବା ପାଇଁ ଶ୍ରୀ ଦାସ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହି ନିଯୁକ୍ତି ପାଇଁ ଶ୍ରୀ ଦାସ ଜିଲ୍ଲା ରାଜ୍ୟ ସ୍ତରରେ ସମସ୍ତ କଂଗ୍ରେସ ନେତୃତ୍ୱଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସୁବର୍ଣ୍ଣରେଖାରେ ଚତୁର୍ଥ ବନ୍ୟା: ଦ୍ୱିତୀୟ ଦିନରେ ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା

### ୧୦ ପଞ୍ଚାୟତର ୫୦ ହଜାର ପ୍ରଭାବିତ

ବାଲିଆପାଳ , ୨୬/୯ (ନି.ପ୍ର): ସୁବର୍ଣ୍ଣରେଖାରେ ଚଳିତ ବର୍ଷ ଚତୁର୍ଥ ଥର ବନ୍ୟା ଆସିଛି। ଶନିବାର ଦ୍ୱିତୀୟ ଦିନରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା। ଜଳସ୍ତର ଯେତିକି ବଢୁଛି ଲୋକଙ୍କର ଦୁର୍ଦ୍ଦଶା ସେତିକି ବଢୁଛି। ଦେଢ଼ ମାସ ଭିତରେ ଚାରିଥର ବନ୍ୟା ଆସି ନାକେଦମ୍ କଲାଣି ଲୋକଙ୍କୁ ।ପ୍ରସାଶନ ସମସ୍ତ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ମଧ୍ୟ ତହା ସମ୍ଭବ ହୋଇପାରି ନାହିଁ ।ଅସ୍ତି ପଞ୍ଚାୟତର ପାଳଚମ୍ପେଇ, ସରର୍ଦ୍ଧାରସାହି,ଚଡ ବଢାପାଳ, ବଢାପାଳ ପ୍ରଭୃତି ଗ୍ରାମର ଶତାଧିକ ଘରେ ବନ୍ଯା ଜଳ ପଶିଛି । ବିଷ୍ଣୁପୁର ପଞ୍ଚାୟତର ରସଲପୁର, ନୟାବାଲି ଓ ରାଉତୁରାପୁର ଗ୍ରାମର ବନ୍ଯା ସ୍ଥିତି ଅତି ସଙ୍ଗୀନ ସ୍ଥିତିରେ



ପହଞ୍ଚିଛି। ସେହିପରି ବାଲିଆପାଳ ପଞ୍ଚାୟତର କୁଦମାନସିଂ,ଚଡ କୁଦମାନସିଂ ଓ ସୁଙ୍ଗମୁହଁ ପ୍ରଭୃତି ଗ୍ରାମରେ ବନ୍ୟା ପରିସ୍ଥିତି ଜନ ଜୀବନକୁ ଦୁର୍ବିସହ କରିପକାଇଛି। ଯାତାୟାତ ପାଇଁ ପାୱାର ବୋଟ ଯୋଗାଇ ଦିଆଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ପାରି ନାହିଁ। ବ୍ଲକର ବିଷ୍ଣୁପୁର ,ଜାମକୁଣ୍ଡା, ବାଲିଆପାଳ,ମଧୁପୁରା, ଅସ୍ତି, ନିଖିରା, କୁମ୍ଭାରୀ, ଶ୍ରୀରାମପୁର ,ଦେଭୋଗ ପ୍ରଭୃତି ୧୦ଟି ପଞ୍ଚାୟତର ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ବହୁ ଗାଁ ସମ୍ପୂର୍ଣ୍ଣ ରୂପେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଧାନ ,ପରିବା, ନଳୀତା ସବୁ କ୍ଷତିଗ୍ରସ୍ତ ହୋଇସାରିଥିଲା ବେଳେ ଅଳ୍ପ କିଛି ଉଚ୍ଚା ଜାଗା ଦେଖି କଷ୍ଟେମଷ୍ଟେ ରୁଇ ଥିବା ଧାନ ମଧ୍ୟ ଚତୁର୍ଥ ବନ୍ୟା ରେ ଉଜୁଡି ଗଲା। ଚାଷୀ କୂଳ ହତାଶ ହୋଇଛି। ପୂର୍ବ ବନ୍ୟାର କ୍ଷତିପୂରଣ କିଛି ବି ମିଳିନଥିବା ବେଳେ ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ଏହି ବନ୍ୟା। ଯାହାଫଳରେ ବନ୍ଯା ପ୍ରଭାବିତ ଲୋକମାନେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଯଥାଶୀଘ୍ର ସରକାର ଗୁରୁତ୍ୱ ଦେବାକୁ ସ୍ୱର ଉଠିଲାଣି।

## ଜାତୀୟ ସେବା ଯୋଜନା ଦିବସ ପାଳନ ଉତ୍ସବ




ଉଦଳା , ୨୬/୯ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ସେପ୍ଟେମ୍ବର ୨୪ ତାରିଖ ଗୁରୁବାର ଦିନ +୨ ଓ +୩ର ଅଧ୍ୟୟନରତ ଛାତ୍ରୀ ମାନେ ମିଳିତ ଭାବରେ ଜାତୀୟ ସେବା ଯୋଜନା ଦିବସ ପାଳନ କରିଥିବା ଜଣାଯାଇଛି । ଏହି ଅବସରରେ 'ବିକଶିତ ଭାରତର ରୂପରେଖ- ୨୦୩୬' ଶିର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ସହିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମସ୍ତଙ୍କୁ ନିଜର କରିନେବାର ଶକ୍ତି କିପରି ସେବାରେ ରହିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ରବି ନାରାୟଣ ମହାପାତ୍ର, ଅଧ୍ୟାପିକା ମଂଜୁଳା କଲିଆ ଓ ମଂଜୁଲତା ନାୟକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ 'ମାଇଁ ଭାରତ ପୋର୍ଟାଲ' ଓ ' ବିକଶିତ ଭାରତ ୟଙ୍ଗ ଲିଡ଼ରସିପ' ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କ ଓ ବକ୍ତୃତା ପ୍ରତିଯୋଗିତାର ପର୍ବ ଆରମ୍ଭ ହୋଇଥିଲା । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମେରିନା ପଣ୍ଡା ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଆଜିର ଏହି ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଜା ଶଙ୍କରା ପାତ୍ର ବିକଶିତ ଭାରତର ରୂପରେଖ ଏକ ସ୍ୱର୍ଣ୍ଣିମ ଯୁଗର ପୂର୍ବାଭାଷ ଦେଉଛି ବୋଲି ବ୍ୟକ୍ତ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

## ଲଘୁଚାପ ଓ ଲଗାଣବର୍ଷା ପ୍ରଭାବରେ ବେହାଲ ନୀଳଗିରି: ନଦୀ ପାର୍ଶ୍ୱବର୍ତ୍ତୀ ଗାଁରେ ଲୋକେ ଭୟଭୀତ

ନୀଳଗିରି, ୨୬/୯ (ନି.ପ୍ର): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଗତ ପାଞ୍ଚଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଓ ଦୁଇ ଡ୍ୟାମ୍‌ର ଗେଟ୍ ଖୋଲାଯିବା ଯୋଗୁଁ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ଗ୍ରାମର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଏହା ସାଙ୍ଗକୁ କାଳ ଏବଂ ସୁନେଇ ଡ୍ୟାମ୍‌ର ଗେଟ୍ ଖୋଲାଯିବା ଯୋଗୁଁ ଗତ ସନ୍ଧ୍ୟାଠାରୁ ସୋନ ନଦୀରେ ହଠାତ୍ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ନଦୀ ପାର୍ଶ୍ୱ ଗାଁରେ ଲୋକମାନେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି। ଏହାର ପ୍ରଭାବରେ ୯ଟି ପଞ୍ଚାୟତ ତଥା ନରଣପୁର ପଞ୍ଚାୟତର ଚାସୁଣିକୋଇଲା, ତେନ୍ତୁଳିଆ



ପଞ୍ଚାୟତର ବାଲିସାହି, ରାଧାକିଶୋରପୁର ପଞ୍ଚାୟତର ପୁନ୍ଦାଳ, କୁଲାହାଟ ବରହମପୁର, ନରସିଂହପୁର ପଞ୍ଚାୟତର ଦୁର୍ଗାପୁର, ଅମ୍ବିକାପୁର, ପୁରୁଣାଗାଁ, ତିନଦେଶ, ପଳାଶବଣି, କାଂଶ ପଞ୍ଚାୟତର କରଞ୍ଜିଆ, କୁଲାପାଳ, ସଂଗ୍ରାମପୁର, କାଂଶ, ନଡିପାଳ, ବେଗୁନିଆ ପଞ୍ଚାୟତର ଡୁମଗଣ୍ଡିରା, ଦୁବାଟି, ସଂସାପାଳ, ତୋଟାପଡା, ଅଯୋଧା ପଞ୍ଚାୟତର ବାଡିଆ, ଜୁଣକୋଇଲି, ପ୍ରତାପପୁର, ମଛୁଆ ପଞ୍ଚାୟତର କାଠପାଳ, ସିଙ୍ଗିରି ଆଦି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଗାଁରେ ୪–୫ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯିବା ଫଳରେ ଲୋକମାନେ ଜଳବନ୍ଦୀ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶନିବାର ସକାଳୁ ଅଯୋଧା ଗ୍ରାମ ପଞ୍ଚାୟତର ବାଡ଼ିଆ ଗ୍ରାମରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପହଞ୍ଚି ବନ୍ୟା ପ୍ରଭାବିତ ପରିବାରମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିଥିଲେ । ଏହି ସମୟରେ ସାଂସଦଙ୍କ ସହିତ ସ୍ଥାନୀୟ ସରପଞ୍ଚ, ନୀଳଗିରି ଉପଜିଲ୍ଲାପାଳ, ବିଡିଓ, ତହସିଲଦାର ଓ ସ୍ଥାନୀୟ ବରିଷ୍ଠ ନେତୃତ୍ୱ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ରିଲିଫ୍ ସାମଗ୍ରୀ, ରନ୍ଧା ଖାଦ୍ୟ ଓ ପାନୀୟଜଳ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଇଥିଲେ । ଏହି ପରିସ୍ଥିତିରେ କୌଣସି ପରିବାର ଯେପରି ଅସହାୟ ନହୁଅନ୍ତି, ସେଥିପାଇଁ ଉଦ୍ଧାର, ରିଲିଫ୍, ସୁରକ୍ଷା ଓ ଆବଶ୍ୟକ ସରକାରୀ ସହାୟତା ତୁରନ୍ତ ଯୋଗାଇଦେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି।

## ଆଇନମନ୍ତ୍ରୀଙ୍କ ପୁସ୍ତକ 'ଉଠିବ କି ଜାତିର କଙ୍କାଳ' ଲୋକାର୍ପିତ

ଭୁବନେଶ୍ୱର, ୨୬/୯ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଶନିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଲିଖିତ ପୁସ୍ତକ "ଉଠିବ କି ଜାତିର କଙ୍କାଳ"କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଲୋକାର୍ପିତ କରିଛନ୍ତି। ବିଶ୍ୱମୁକ୍ତି ପକ୍ଷରୁ ଆୟୋଜିତ ଏହି ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା,କ୍ରୀଡ଼ା ଓ ଯୁବ ବ୍ୟାପାର,ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ , ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ଲେଖିକା ତଥା ବାଗ୍ମୀ ପ୍ରଫେସର ଅର୍ଚ୍ଚନା ନାୟକ ଏବଂ ବିଶ୍ୱମୁକ୍ତି ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ଓ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ।

❒ ସମ୍ପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida